# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୧୩/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 13/2019 | ★★★★★★

୪୫ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଜୋକୋଭିଚ୍ ଫାଇନାଲରେ

ଗତଥରର ଚାମ୍ପିୟନ ସର୍ବିୟାର ନୋଭାକ ଜୋକୋଭିଚ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୫

୦୨

## 'କାର୍‌ଗିଲ ଗର୍ଲ'ରେ ଜାହ୍ନବୀ

ଜର୍ଜିଆରେ 'କାର୍‌ଗିଲ ଗର୍ଲ'ର ଶୁଟିଂ ପାଇଁ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଅଙ୍ଗଦ ବେଦୀ ପୂରା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।





ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ତିନିରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ (ଫଟୋ: ଅନିଲ କୁମାର ସାହୁ)

# ବାହୁଡ଼ିଲେ ଲୀଳାମୟ

**ପୁରୀ ଅଫିସ,୧୨।୭**

ଜନ୍ମବେଦୀରେ ଲୀଳାଖେଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ପ୍ରଭୁ ଲୀଳାମୟ। ଦାରୁଦିଅଁଙ୍କ ଏହି ବାହୁଡ଼ା ଯାତ୍ରା ପାଇଁ ଶୁକ୍ରବାର ସକାଳୁ ବଡ଼ଦାଣ୍ଡ ପାଲଟିଥିଲା ଜନସମୁଦ୍ର। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ବାହୁଡ଼ା ନୀତିକାନ୍ତି ଓ ପହଣ୍ଡି ସଅଳ ହୋଇଥିଲା। ଅଝଟ ନ ହୋଇ ନିର୍ଦ୍ଧାରିତ ସମୟର ୩ ଘଣ୍ଟା ୧୫ ମିନିଟ୍ ପୂର୍ବରୁ ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ନିର୍ଦ୍ଧାରିତ ସମୟର ୨ ଘଣ୍ଟା ୪୫ ପୂର୍ବରୁ ଆରମ୍ଭ ହେଲା ରଥଟଣା। ଭାଇଭାଉଣୀଙ୍କୁ ସାଥିରେ ଧରି କାଳିଆ ଠାକୁର ବାହାରିଥିଲେ ଶ୍ରୀମନ୍ଦିର ଅଭିମୁଖେ। ଅପରାହ୍ନ ସାଢେ ୫ଟା ସୁଦ୍ଧା ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା ତିନିରଥ। ଶନିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା।

ଆଷାଢ ଶୁକ୍ଳ ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଛି ବାହୁଡ଼ା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ଫେରାଇ ନେବା ଲାଗି ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସକାଳୁ ପାଗ ଖରାଟିଆ ରହିଥିଲେ ବି ଏହା ଭଗବାନଙ୍କଠାରୁ ଭକ୍ତଙ୍କୁ ଅଲଗା କରିପାରି ନ ଥିଲା। ସକାଳ ୯ଟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ମଙ୍ଗଳାର୍ପଣ ହୋଇ ବାଜିଥିଲା ବିଜେ କାହାଳି।

- **ସଅଳ ହେଲା ପହଣ୍ଡି, ରଥଟଣା**
- **ସିଂହଦ୍ୱାରରେ ରଥ ପହଞ୍ଚିବାରେ ରେକର୍ଡ**

ବାହୁଡ଼ା ପହଣ୍ଡି ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହେବା ପାଇଁ ନୀତିନିର୍ଘଣ୍ଟ ହୋଇଥିବା ବେଳେ ୨ ଘଣ୍ଟା ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ୧୦ରେ ହୋଇଥିଲା ଦାରୁବିଗ୍ରହମାନଙ୍କ ପହଣ୍ଡି। ଧାଡି ପହଣ୍ଡିରେ ପ୍ରଥମେ ସୁଦର୍ଶନ ରଥାରୂଢ଼ ହୋଇଥିଲେ। ପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ। ୧୧ଟା ୧୫ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ୧୧ଟା ୩୦ରେ ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ ହୋଇଥିଲେ। ମଧ୍ୟାହ୍ନ ୧୨ଟା ୧୦ରେ ଆରମ୍ଭ ହୋଇଥିଲା ଛେରାପହଁରା। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନାବେଣ୍ଟ ଲଗା ଝାଡୁରେ ଛେରାପହଁରା କରିଥିଲେ। ୧୨ଟା ୫୫ ସୁଦ୍ଧା ଛେରାପହଁରା ସରିବା ପରେ ଚାରମାଳ ଫିଟା ହୋଇ ଘୋଡା ଓ ସାରଥି ଲାଗିଥିଲା। ପୂର୍ବରୁ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅପରାହ୍ନ ୧ଟା ୧୫ରେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା। ଏହାପରେ ଅପରାହ୍ନ ୧ଟା ୫୦ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ନ ୨ଟା ୫ରେ ନନ୍ଦିଘୋଷ ରଥକୁ ଭକ୍ତ ଟାଣିଥିଲେ। ମାଉସୀ ମା' ମନ୍ଦିର ସମ୍ମୁଖରେ ପ୍ରତି ରଥ ପହଞ୍ଚିବା ପରେ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ଅପରାହ୍ନ ୩ଟା ୫୦ରେ ତାଳଧ୍ୱଜ ଏବଂ ୪ଟାରେ ଦର୍ପଦଳନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ନନ୍ଦିଘୋଷ ରଥ ଶ୍ରୀନହରଠାରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୫ଟା ୧୦ରେ ଶ୍ରୀଜଗନ୍ନାଥଙ୍କ ରଥଟଣା ଯାଇ ସିଂହଦ୍ୱାରକୁ ନିଆଯାଇଥିଲା। ସାଢେ ୫ଟାରେ ନନ୍ଦିଘୋଷ ସିଂହଦ୍ୱାରରେ ଲାଗିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ରଥାରୂଢ଼ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ବାହୁଡ଼ା ଯାତ୍ରାରେ ପ୍ରାୟ ୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

ଗତବର୍ଷ ତିନିରଥ ଅପରାହ୍ନ ୫ଟା ୩୫ରେ ସିଂହଦ୍ୱାରରେ ଲାଗିଥିଲା। ଏଥର ଆହୁରି ୫ ମିନିଟ୍ ପୂର୍ବରୁ ତିନିରଥ ପହଞ୍ଚିଯାଇଛି। ତେଣୁ ବିଗତ କିଛିବର୍ଷକୁ ଦେଖିଲେ ପହଣ୍ଡି, ରଥଟଣା ଏବଂ ସିଂହଦ୍ୱାରରେ ରଥ ଲାଗିବା ଏକ ରେକର୍ଡ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଦଳାଚକଟା: ୫୦ ଆହତ



ପୁରୀ ଅଫିସ, ୧୨।୭: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶୁକ୍ରବାର ଅପରାହ୍ନ ସାଢ଼େ ୫ଟାରେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପରେ ଦଳାଚକଟା ଘଟିଛି। ବଡ଼ଦାଣ୍ଡରୁ ଦୋଳମଣ୍ଡପ ସାହିକୁ ଯାଇଥିବା ରାସ୍ତାର ପ୍ରବେଶ ପଥରେ ଘଟିଛି ଏହି ଘଟଣା। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଆସି ପ୍ରାଥମିକ ଚିକିତ୍ସା ପରେ ଫେରିଥିବା ଜଣାପଡ଼ିଛି। ନନ୍ଦିଘୋଷ ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ପୋଲିସ ବଡ଼ଦାଣ୍ଡରେ ଥିବା ଭକ୍ତମାନଙ୍କୁ ଦୋଳମଣ୍ଡପ ସାହି ଦେଇ ବାହାରକୁ ଛାଡୁଥିଲା। ପ୍ରବେଶ ପଥ ଦେଇ ବହୁ ଶ୍ରଦ୍ଧାଳୁ ଯାଉଥିଲେ। ହେଲେ ପ୍ରବେଶ ପଥଠାରୁ ୨୦ ମିଟର ଆଗରେ ପୋଲିସ ବ୍ୟାରିକେଡ ପକାଇ ରାସ୍ତାକୁ ସଂକୁଚିତ କରି ଦେଇଥିଲା। ତେଣୁ ଲୋକେ ପ୍ରବେଶ ମୁହଁରୁ ଶୀଘ୍ର ଖାଲି ହୋଇପାରୁ ନ ଥିଲେ। ପଛରୁ ଆହୁରି ଲୋକ ଆସିବାରୁ ପ୍ରବେଶପଥ ଆରମ୍ଭରେ ହଠାତ୍ ଭିଡ଼ ହୋଇ ଦଳାଚକଟା ହୋଇଥିଲା। ବହୁ ଲୋକ ତଳେ ପଡିଯାଇଥିଲେ। ସେମାନଙ୍କ ଉପରେ ଚଢି ଅନେକେ ଆଗକୁ ଯିବାକୁ ଚେଷ୍ଟା କରିଥିଲେ। ପୋଲିସ ଏବଂ ଅନ୍ୟମାନେ ତଳେ ପଡିଯାଇଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ସେଠାରେ ଏମିତି ସ୍ଥିତି ଉପୁଜିଥିଲା ଯେ ବହୁ ଲୋକ ଅଚେତ ହୋଇପଡିବା ଆଶଙ୍କା କରି ଛାତ ଉପରେ ଥିବା ଲୋକେ ତଳକୁ ପାଣି ପକାଇଥିଲେ।

## ଆସ୍ଥାଭୋଟ ଲୋଡ଼ିବେ କୁମାରସ୍ୱାମୀ



**ବେଙ୍ଗାଲୁରୁ,୧୨।୭(ପି.ଟି.)**

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବିଧାନସଭାରେ ଆସ୍ଥାଭୋଟ ଲୋଡିବେ ବୋଲି ଶୁକ୍ରବାର କହିଛନ୍ତି। ଏଥିପାଇଁ ସମୟ ଧାର୍ଯ୍ୟ କରିବା ନିମନ୍ତେ ସେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ଅନୁରୋଧ କରିଛନ୍ତି। ସେ କ୍ଷମତା ଜାବୁଡ଼ି ଧରିବାକୁ ଚାହାନ୍ତି ନାହିଁ। ସବୁକିଛି କରିବା ଲାଗି ସେ ପ୍ରସ୍ତୁତ ବୋଲି ଜେଡିଏସ୍ ନେତା ବିଧାନସଭାରେ କହିଥିଲେ। କର୍ନାଟକରେ ରାଜନୈତିକ ସଙ୍କଟ ଗୁରୁତର ହୋଇପଡ଼ିଥିବାବେଳେ ଶୁକ୍ରବାର ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ବିଧାନସଭାରେ କଂଗ୍ରେସର ୧୩ ଜଣ ଏବଂ ଜେଡିଏସ୍‌ର ୩ ବିଧାୟକ ଇସ୍ତଫା ଦେଇଥିବାବେଳେ ଦୁଇ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ୧୩ ମାସର ମେଣ୍ଟ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି।




- ନାବାଳିକା ଛାତ୍ରୀ ବଳାତ୍କାର ଘଟଣା
  **ମୁଣ୍ଡରୁ ଦୋଷ ଛଡାଇ ଦେଲେ ମନ୍ତ୍ରୀ** ....... ୩
- ସଦସ୍ୟଙ୍କ ଉଦ୍‌ବେଗ
  **ଆଇକନିକ୍ ଡେଷ୍ଟିନେଶନରୁ ଓଡ଼ିଶା ଗାଏବ** ....... ୪
- ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ
  **୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ** ....... ୩


**ଆଜିର ସମ୍ପାଦକୀୟ**

ବାବୁଙ୍କ ଆଇନଗତ ଲଢ଼େଇ


NECC NATIONAL EGG CO-ORDINATION COMMITTEE | 12.07.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 81 | 133 | 143 |
| CTC | 78 | 129 | 139 |
| DKL | 78 | 129 | 139 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 78 | 129 | 139 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


## ଜଳ ଯନ୍ତ୍ରଣା

# ଟ୍ରେନ୍‌ରେ ଭେଲୋରରୁ ପାଣି ଗଲା ଚେନ୍ନାଇ



**ଚେନ୍ନାଇ,୧୨।୭**

ତାମିଲନାଡୁର ଚେନ୍ନାଇରେ ଜଳସଙ୍କଟ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ସେଥିପାଇଁ ଏକ ସ୍ୱତନ୍ତ୍ର ଟ୍ରେନରେ ଭେଲୋର ଜିଲା ଅନ୍ତର୍ଗତ ଜୋଲାରପେଟାଇରୁ ସେଠାକୁ ପିଇବା ପାଣି ପଠାଯାଇଛି। ୫୦ ୱାଗନ୍‌ଯୁକ୍ତ ଟ୍ରେନରେ ମୋଟ ୨.୫ ନିୟୁତ ଲିଟର ପାଣି ଶୁକ୍ରବାର ସକାଳେ ପଠାଯାଇଥିବାବେଳେ ଅପରାହ୍ନରେ ଏହା ଚେନ୍ନାଇର ଭିଲ୍ଲିଭାକ୍କମ ଷ୍ଟେଶନରେ ପହଞ୍ଚିଛି। ପ୍ରତ୍ୟେକ ୱାଗନ୍‌ରେ ୫୫ ହଜାର ଲିଟର ପାଣି ରହିଛି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ଦୈନିକ ୧୦ ନିୟୁତ ଲିଟର ପାଣି ଟ୍ରେନରେ ଜୋଲାରପେଟାଇରୁ ଅଣାଯାଇ ଚେନ୍ନାଇବାସୀଙ୍କ ଆବଶ୍ୟକତା ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। ଏଥିଲାଗି ୬୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଗତ ୪ ମାସ ହେବ ଚେନ୍ନାଇବାସୀ ଜଳଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ୪ଟି ଯାକ ଜଳାଶୟ ଶୁଖିଲା ପଡ଼ିଛି। ଏଭଳି ସ୍ଥିତିରେ ସେଠାକୁ ଶୁକ୍ରବାର ପାଣି ଟ୍ରେନ ପଠାଯିବା ପରେ ଚେନ୍ନାଇବାସୀଙ୍କୁ ଆଶ୍ୱସ୍ତି ମିଳିଛି।






ଜୁଭେନାଇଲ ଜଷ୍ଟିସ୍ (କିଶୋର ନ୍ୟାୟ) ଆନ୍ଦୋଳନକୁ ସହାୟତା ଯୋଗାଇଦେବା ଲାଗି କର୍ପୋରେଟ୍ ସେକ୍ଟର ଆଗେଇ ଆସିବା ଉଚିତ। ଏହାଦ୍ୱାରା ବିଭିନ୍ନ ଅପରାଧ କରି ସୁଧାର ଗୃହରେ ରହିଥିବା ବାଳଅପରାଧୀମାନଙ୍କୁ ଶିକ୍ଷା ଓ ତାଲିମ ଦେଇ ସମାଜର ମୁଖ୍ୟ ସ୍ରୋତକୁ ଅଣାଯାଇପାରିବ।
-ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଭାରତର ପ୍ରଧାନ ବିଚାରପତି



## କର୍ଣ୍ଣାଟକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୧୬ ଯାଏ କାର୍ଯ୍ୟାନୁଷ୍ଠାନ ନେଇପାରିବେନି ବାଚସ୍ପତି

ନୂଆଦିଲ୍ଲୀ,୧୨।୭(ପି.ଟି.)

କର୍ଣ୍ଣାଟକର ବିଦ୍ରୋହୀ ବିଧାୟକମାନଙ୍କ ମାମଲାର ଶୁଣାଣି ୧୬ ତାରିଖରେ ସୁପ୍ରିମକୋର୍ଟରେ ହେବ। ସେ ପର୍ଯ୍ୟନ୍ତ ୧୦ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାର କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କର୍ଣ୍ଣାଟକ ମାମଲାକୁ ଏକ ଗୁରୁତର ପ୍ରସଙ୍ଗ ବୋଲି କହିବା ସହିତ ଏହା ଉପରେ ବିଚାର ନ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବାଚସ୍ପତି ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫା ଏବଂ ଅଯୋଗ୍ୟ ଘୋଷଣା ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ।





ସମ୍ବିଧାନର ଧାରା ୩୨ ଅନୁଯାୟୀ ବିଦ୍ରୋହୀ ବିଧାୟକମାନଙ୍କ ଆବେଦନର ଉଲ୍ଲେଖଯୋଗ୍ୟତା ପ୍ରସଙ୍ଗ ଉପରେ କର୍ଣ୍ଣାଟକ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ପ୍ରଶ୍ନ ଉଠାଇଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ବାଚସ୍ପତିଙ୍କ ରିପୋର୍ଟକୁ ବିରୋଧ କରିଥିଲେ। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଶାସକ ମେଣ୍ଟ ପକ୍ଷରୁ ଆବେଦନ କରାଯାଇଥିବାରୁ ଏଭଳି ନିଷ୍ପତ୍ତି ବିଧାୟକମାନଙ୍କ ଇସ୍ତଫା ପୂର୍ବରୁ ନେବାର ଥିଲା ବୋଲି ରୋହତଗୀ କହିଛନ୍ତି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାମଲାର ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଏଥିସହିତ ପରବର୍ତ୍ତୀ ଶୁଣାଣି ୧୬ ତାରିଖକୁ ଧାର୍ଯ୍ୟ କରିଥିଲେ।

ବିଧାୟକମାନେ ସୁପ୍ରିମକୋର୍ଟ ଯାଇଥିବାରୁ ବାଚସ୍ପତି ସେମାନଙ୍କୁ ଗଣମାଧ୍ୟମ ଆଗରେ ଭର୍ତ୍ସନା କରିଛନ୍ତି। ବାଚସ୍ପତିଙ୍କୁ ଦିନେ କିମ୍ବା ଦୁଇଦିନ ମଧ୍ୟରେ ବିଧାୟକମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ତାଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ ଜାରି କରାଯାଇପାରିବ ବୋଲି ରୋହତଗୀ କହିଛନ୍ତି। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ବିଧେୟକ ତଥା ଅନ୍ୟାନ୍ୟ କାର୍ଯ୍ୟରେ ବାଚସ୍ପତିଙ୍କୁ ଆଇନଗତ ଯାଞ୍ଚରୁ ବାଦ୍ ଦିଆଯାଇଛି। ତେବେ ଇସ୍ତଫା ପ୍ରସଙ୍ଗରେ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ କହିଛନ୍ତି। ବାଚସ୍ପତି ଏକ ସାମ୍ବିଧାନିକ ପଦବୀ ହୋଇଥିବାରୁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ସମ୍ପର୍କରେ ସେ ନିଷ୍ପତ୍ତି ନେଇପାରିବେ ବୋଲି କୁମାରସ୍ୱାମୀଙ୍କ ଓକିଲ ଏ.ଏମ୍. ସିଙ୍ଘ୍‌ଭି ଯୁକ୍ତି ବାଢ଼ିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରିବା କ୍ଷମତା ବାଚସ୍ପତିଙ୍କର ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନୋଟିସ ଜାରି ନ କରି ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜୀବ ଧାୱନ ଖଣ୍ଡପୀଠଙ୍କୁ କହିଥିଲେ। ବିଧାୟକମାନେ ସେମାନଙ୍କ ଆବେଦନରେ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ଅଥଚ ଏ ସମ୍ପର୍କରେ ଶୁଣାଣି କରା ନ ଯାଇ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଧାୱନ କହିଛନ୍ତି। ଏହା ବ୍ୟତୀତ ଇସ୍ତଫା ଦେଇଥିବା ଜଣେ ବିଦ୍ରୋହୀ ବିଧାୟକ ଚିଟ୍‌ଫଣ୍ଡରେ ସମ୍ପୃକ୍ତ ଯେଉଁଥିରେ ରାଜ୍ୟ ସରକାରଙ୍କୁ ଅଭିଯୁକ୍ତ କରାଯାଇଛି। ବିଧାୟକମାନଙ୍କ ଇସ୍ତଫା ସ୍ୱେଚ୍ଛାକୃତ କି ନୁହେଁ ଅନୁଧ୍ୟାନ କରିବା ବାଚସ୍ପତିଙ୍କ ଦାୟିତ୍ୱ ବୋଲି ଧାୱନ କହିଥିଲେ।

ସୂଚନାଯୋଗ୍ୟ ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫାପତ୍ରକୁ ବାଚସ୍ପତି ଗ୍ରହଣ କରୁ ନ ଥିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ସନ୍ଧ୍ୟା ୬ଟାରେ ବାଚସ୍ପତିଙ୍କୁ ଭେଟିବା ଲାଗି ସୁପ୍ରିମକୋର୍ଟ ଉକ୍ତ ବିଧାୟକମାନଙ୍କୁ କହିବା ସହ ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇଦେବାକୁ କର୍ଣ୍ଣାଟକ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ଣ୍ଣାଟକ ବିଧାନସଭାରେ ଶାସକ ମେଣ୍ଟର ୧୬ ଜଣ ବିଧାୟକ ଇସ୍ତଫା ଦେଇଥିବାରୁ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି। ୨ ସ୍ୱାଧୀନ ବିଧାୟକ ମଧ୍ୟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି।

### 'ଅର୍ଥବଳ ପ୍ରୟୋଗ କରୁଛି ଭାଜପା'

**ଅହମଦାବାଦ,୧୨।୭:** କର୍ଣ୍ଣାଟକରେ ସରକାର ଭାଙ୍ଗିବାକୁ ଭାଜପା ଅର୍ଥବଳ ପ୍ରୟୋଗ କରିବା ସହ ଭୟଭୀତ କରାଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଶାସକ ମେଣ୍ଟର ୧୬ ବିଧାୟକ ଇସ୍ତଫା ଦେବା ଫଳରେ ସରକାର ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଗୋଆ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଭାଜପା ଏଭଳି କରି କ୍ଷମତା ଦଖଲ କରିଥିଲା। ଏବେ ସେହି ସୂତ୍ରକୁ କର୍ଣ୍ଣାଟକରେ ପ୍ରୟୋଗ କରୁଛି। ସେମାନଙ୍କ ପାଖରେ ଅର୍ଥ, କ୍ଷମତା ସବୁକିଛି ରହିଛି ଏବଂ ସେମାନେ ତାହାର ଉପଯୋଗ କରୁଛନ୍ତି ବୋଲି ଅହମଦାବାଦରେ ଖବରଦାତାମାନଙ୍କୁ ରାହୁଲ କହିଛନ୍ତି। କଂଗ୍ରେସ ସତ୍ୟ ପାଇଁ ଲଢୁଛି, କାରଣ ସତ୍ୟ ହିଁ ତାଙ୍କ ଦଳକୁ ମଜଭୁତ କରିବ ବୋଲି ରାହୁଲ କହିଥିଲେ।



## ଆସ୍ଥାଭୋଟ ପୂର୍ବରୁ ଘୋଡ଼ାବେପାର ଭୟ

# ବିଧାୟକଙ୍କୁ ଜଗିଲେ ସବୁ ଦଳ

**ବେଙ୍ଗାଲୁରୁ,୧୨।୭:** କର୍ଣ୍ଣାଟକର ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫା ଏବଂ ଅଯୋଗ୍ୟ ଘୋଷଣା ସମ୍ପର୍କରେ ବାଚସ୍ପତି ୧୬ ତାରିଖ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାର ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡ଼ିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଫଳରେ ତିନି ଦଳ ପକ୍ଷରୁ ଆସ୍ଥାଭୋଟ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ରାଜନୈତିକ ଅନିଶ୍ଚିତତା ଲାଗି ରହିଥିବାବେଳେ ଘୋଡ଼ାବେପାର ଆଶଙ୍କା ଥିବାରୁ ଦଳଗୁଡ଼ିକ ସେମାନଙ୍କ ବିଧାୟକମାନଙ୍କୁ ସୁରକ୍ଷିତ ରଖିବା ଲାଗି ଯୋଜନା ଆରମ୍ଭ କରିଦେଇଛନ୍ତି। ଇତିମଧ୍ୟରେ ଭାଜପା ତା'ର ବିଧାୟକମାନଙ୍କୁ ବେଙ୍ଗାଲୁରୁ ନିକଟବର୍ତ୍ତୀ ଏକ ରିସର୍ଟକୁ ନେବା ଲାଗି ନିଷ୍ପତ୍ତି ନେଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଜେଡିଏସ୍ ବିଧାୟକମାନେ ମଧ୍ୟ ଏକ ରିସର୍ଟରେ ରହିଛନ୍ତି।

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ମ୍ୟାଜିକ ନମ୍ବର ୧୧୩ ହୋଇଥିବାବେଳେ ଶାସକ ମେଣ୍ଟରେ କଂଗ୍ରେସର ୭୮, ଜେଡିଏସ୍‌ର ୩୭ ଏବଂ ବିଏସ୍‌ପିର ଜଣେ ବିଧାୟକଙ୍କୁ ମିଶାଇ ମୋଟ ସଂଖ୍ୟା ୧୧୬ ରହିଛି। ଅନ୍ୟପକ୍ଷରେ ଭାଜପା ପାଖରେ ୧୦୭ ବିଧାୟକ ଅଛନ୍ତି। ୧୬ ବିଧାୟକଙ୍କ ଇସ୍ତଫା ଯଦି ଗୃହୀତ ହୁଏ ତେବେ ମେଣ୍ଟର ବିଧାୟକ ସଂଖ୍ୟା ୧୦୦କୁ ହ୍ରାସ ପାଇବ। ତେବେ କୁମାରସ୍ୱାମୀ ସ୍ୱେଚ୍ଛାକୃତ ଭାବେ ଆସ୍ଥାଭୋଟ ଲୋଡ଼ିବା ପାଇଁ ନିଷ୍ପତ୍ତି ନେବା ଏବଂ ସେ ଯେତେବେଳେ ଚାହିଁବେ ସମୟ ଦିଆଯିବ ବୋଲି ବାଚସ୍ପତି କହିଥିବାରୁ ଶାସକ ମେଣ୍ଟ ବିରୋଧୀ ଦଳରୁ ବିଧାୟକ କିଣିବା ଯୋଜନାରେ ଥିବା ଭାଜପା ଆଶଙ୍କା କରିଛି। ସେଥିପାଇଁ ବିଧାୟକମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ଲାଗି ଦଳ ନିଷ୍ପତ୍ତି ନେଇଛି।



କୋଲକାତାରେ ଜଳ ସଂରକ୍ଷଣ ସଚେତନତା ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

## ଟିଏମ୍‌ସି ବିଧାୟକଙ୍କୁ ମମତାଙ୍କ ପରାମର୍ଶ

# ଭୁଲ କରିଥିଲେ ଲୋକଙ୍କୁ କ୍ଷମା ମାଗ

କୋଲକାତା,୧୨।୭

ଗତ ଲୋକ ସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ସେଭଳି ଦମ୍ଭ ରହି ନ ଥିବାବେଳେ ଲୋକଙ୍କ ନିକଟତର ହୋଇ ସେମାନଙ୍କ ଆସ୍ଥାଭାଜନ ହେବା ଲାଗି ଦଳର ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳର ବିଧାୟକଙ୍କୁ କହିଛନ୍ତି। ଆବଶ୍ୟକ ପଡ଼ିଲେ କରିଥିବା ଭୁଲ ଲାଗି ଲୋକଙ୍କୁ କ୍ଷମା ମାଗିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରେ ଗୁରୁବାର ଦଳୀୟ ବୈଠକରେ ମମତା ନମ୍ରତାର ସହ ଲୋକଙ୍କ ସମସ୍ୟା ବୁଝିବାକୁ ବିଧାୟକଙ୍କୁ କହିଛନ୍ତି। ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଲୋକଙ୍କ ଆସ୍ଥାଭାଜନ ହେବା ଲାଗି ପରାମର୍ଶ ଦେଇଛନ୍ତି। ବୁଥ୍ ଲେଭଲରେ ଦଳକୁ ସଜାଡ଼ିବା, ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ଲୋକଲୋଚନକୁ ଆଣିବା ସହ ତୃଣମୂଳସ୍ତରରେ ଲୋକଙ୍କ ସହ ରହିବା ଲାଗି ଦଳୀୟ ବିଧାୟକ ଓ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ଟିଏମ୍‌ସିର ଚିନ୍ତା ବଢ଼ାଇ ଦେଇଛି।

## ଗୋଖାଦ୍ୟ ଦୁର୍ନୀତି ମାମଲା

# ଲାଲୁ ଯାଦବଙ୍କୁ ଜାମିନ

ରାଞ୍ଚି,୧୨।୭(ପି.ଟି.)

ଏକ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ତେବେ ଅନ୍ୟ ଦୁଇଟି ମାମଲାରେ ତାଙ୍କୁ ଜେଲ ଦଣ୍ଡାଦେଶ ଦିଆଯାଇଥିବାରୁ ବିହାରର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜେଲରେ ହିଁ ରହିବେ ବୋଲି ଜଣାପଡ଼ିଛି। ଦେଓଘର ଟ୍ରେଜେରିରୁ ୮୯.୨୭ ଲକ୍ଷ ଟଙ୍କା ବେଆଇନଭାବେ ଉଠାଇ ଅର୍ଥ ତୋସରପାତ କରିଥିବା ମାମଲାରେ ବିଚାରପତି ଅପରେଶ କୁମାର ସିଂ ଲାଲୁପ୍ରସାଦଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହି ମାମଲାରେ ସେ ଏପର୍ଯ୍ୟନ୍ତ ସାଢେ ୩ ବର୍ଷ ଜେଲଦଣ୍ଡ ଭୋଗିସାରିଲେଣି। ଲାଲୁ ପ୍ରସାଦ ମୋଟ ୪ଟି ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଦେଓଘର, ଦୁମ୍‌କା, ଚାଇବାସା ଓ ଡୋରାଣ୍ଡ ଟ୍ରେଜେରିରୁ ବେଆଇନଭାବେ ଅର୍ଥ ଉଠାଇ ତୋଷାରପାତ କରିଥିବା ମାମଲା ତାଙ୍କ ବିରୋଧରେ ରହିଛି। ୨୦୧୭ ଡିସେମ୍ବରରୁ ଲାଲୁ ପ୍ରସାଦ ଜେଲରେ ଅଛନ୍ତି। ଅସୁସ୍ଥ ହେବା ପରେ ତାଙ୍କୁ ଏବେ ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସରେ ଚିକିତ୍ସିତ କରାଯାଉଛି।



## ପାକିସ୍ତାନ କୋର୍ଟକୁ ଜଣାଇଲେ ହଫିଜ୍

# ୨୬/୧୧ ଆକ୍ରମଣରେ ସମ୍ପୃକ୍ତ ନୁହେଁ

ଇସଲାମାବାଦ,୧୨।୭

ଜମାତ୍-ଉଦ୍-ଦାୱା (ଜେୟୁଡି)ର ମୁଖ୍ୟ ହଫିଜ୍ ସୟିଦ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ନୁହଁନ୍ତି ବୋଲି ଶୁକ୍ରବାର ଲାହୋର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ନେଇ ଦାଏର ମାମଲାକୁ ହଫିଜ୍ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ହଫିଜ୍ ସମେତ ଅମିର ହମ୍‌ଜା, ଅବଦୁର୍ ରେହମନ ମକ୍କି, ଏମ୍. ୟାହ୍ୟା ଅଜିଜ ଏବଂ ଅନ୍ୟ ୪ ଜଣ ଲାହୋର ହାଇକୋର୍ଟରେ ପିଟିଶନ୍ ଦାଏର କରିଛନ୍ତି। ସେମାନଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିବା ଲାଗି ପିଟିଶନ୍‌ରେ ଅନୁରୋଧ କରାଯାଇଛି। ବେଆଇନ ଘୋଷିତ ଲଶ୍କର-ଇ-ତୋଇବା ଏବଂ ଅଲ୍-କଏଦା କିମ୍ବା ଅନ୍ୟ କୌଣସି ଆତଙ୍କବାଦୀ ସଂଗଠନ ସହ ହଫିଜ୍‌ର ସମ୍ପୃକ୍ତି ନ ଥିବା ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି। ହଫିଜକୁ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ଭାରତ ଅଭିଯୋଗ କରୁଥିବାବେଳେ ଏହା ବାସ୍ତବତା ଉପରେ ଆଧାରିତ ନୁହେଁ ବୋଲି ପିଟିଶନ୍‌ରେ କୁହାଯାଇଛି।



# ମହାରାଷ୍ଟ୍ର ସରକାରଙ୍କୁ ନୋଟିସ

ନୂଆଦିଲ୍ଲୀ,୧୨।୭(ଆଇଏଏନ୍‌ଏସ୍)

### ମରାଠା କୋଟା ମାମଲା
### ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନାକଲେ

ମରାଠାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏହି ସମ୍ପ୍ରଦାୟ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଖଣ୍ଡପୀଠ ଏହା ଉପରେ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ମରାଠା କୋଟା ୨୦୧୮ ନଭେମ୍ବରରେ କାର୍ଯ୍ୟକାରୀ କରାଯାଇଥିଲା। ବମ୍ବେ ହାଇକୋର୍ଟ ଏହାକୁ କାଏମ ରଖିବା ସହ କାର୍ଯ୍ୟକାରୀ କରାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ସର୍ବୋଚ୍ଚ ଅଦାଲତ ସ୍ଥାନ ସଂରକ୍ଷଣ ଉପରେ ରହିତାଦେଶ ଦେବାକୁ ମନା କରିଦେଇଥିବାରୁ ଏହା ରାଜ୍ୟ ସରକାରଙ୍କୁ ଆଶ୍ୱସ୍ତ କରିଛି। କୋଟା ସୁବିଧା ୨୦୧୮ ନଭେମ୍ବରରୁ ଜାରି ରହିବ ବୋଲି ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ନିଶାନ୍ତ କଟନେଶ୍ୱରକର କହିଛନ୍ତି। ଏହି କୋଟା ଆଇନର ସାମ୍ବିଧାନିକ ବୈଧତାକୁ ବମ୍ବେ ହାଇକୋର୍ଟ କାଏମ ରଖିଥିଲେ। ତେବେ ଏହି ସ୍ଥାନ ସଂରକ୍ଷଣ କେବଳ ମରାଠାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହାକୁ ୨୦୧୪ରୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ୧୬ ପ୍ରତିଶତ ସଂରକ୍ଷଣ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ସୁପାରିସ୍ ଅନୁଯାୟୀ ଏହାକୁ ୧୨ରୁ ୧୩ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଆବଶ୍ୟକ ବୋଲି କହିଥିଲେ। କୋଟାର ସାମ୍ବିଧାନିକ ବୈଧତା ସମ୍ପର୍କିତ ହାଇକୋର୍ଟଙ୍କ ରାୟକୁ ଜେ. ଲକ୍ଷ୍ମଣ ରାଓ ପାଟିଲ ଚ୍ୟାଲେଞ୍ଜ କରିଥିଲେ।

୨୦୧୮ ନଭେମ୍ବର ୩୦ରେ ମହାରାଷ୍ଟ୍ର ବିଧାନସଭାରେ ମରାଠାମାନଙ୍କ ଲାଗି ୧୬ ପ୍ରତିଶତ ସଂରକ୍ଷଣ ସୁବିଧା ଦେବା ଲାଗି ବିଲ୍ ଗୃହୀତ ହୋଇଥିଲା। ସମ୍ବିଧାନର ୧୦୨ତମ ସଂଶୋଧନ ଅନୁଯାୟୀ ଯଦି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ତାଲିକାରେ ସ୍ଥାନ ପାଇଥାଏ, ତେବେ ତାହାକୁ ସଂରକ୍ଷଣ ସୁବିଧା ଦିଆଯାଇପାରିବ।

# ଏଲ୍‌ଓସିରେ ପାକିସ୍ତାନର ମୋର୍ଟାର ମାଡ଼

ଜମ୍ମୁ,୧୨।୭(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରୀ ଓ ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଶୁକ୍ରବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଜୋରଦାର ମୋର୍ଟାର ମାଡ଼ କରିଛି। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସକାଳ ପ୍ରାୟ ୮ଟା ସମୟରେ ପାକ୍ ସୈନ୍ୟ ହଠାତ ଅସ୍ତ୍ରବିରତି ଉଲ୍ଲଂଘନ କରି ପୁଞ୍ଚ୍‌ର ମାନକୋଟ୍, କ୍ରିଷ୍ଣା ଘାଟି ସେକ୍ଟର ଏବଂ ରାଜୌରୀର ନଓସେରା ସେକ୍ଟରରେ ପ୍ରଥମେ ଗୁଳିଚାଳନା କରିବା ପରେ ମୋର୍ଟାର ମାଡ଼ କରିଥିଲେ ବୋଲି ପ୍ରତିରକ୍ଷା ଜନସମ୍ପର୍କ ଅଧିକାରୀ କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପାକ୍ ସେନା ମାନକୋଟ ଅଞ୍ଚଳରେ ଥିବା ଜନବସତିକୁ ମଧ୍ୟ ଟାର୍ଗେଟ କରିଥିଲା। ଫଳରେ ସେଠାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ଚଳିତ ବର୍ଷ ପାକିସ୍ତାନ ୧୨୪୮ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲାଣି। ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ରାଜ୍ୟ ସଭାକୁ ସୂଚନା ଦେଇଥିଲେ। ମାର୍ଚ୍ଚରେ ସର୍ବାଧିକ ୨୬୭ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇ ୩ ଜଣ ନିହତ ହୋଇଥିଲେ।

# ସିଭିଲ୍ ସର୍ଭିସ ପ୍ରିଲିମ୍ ଫଳ ପ୍ରକାଶିତ

ନୂଆଦିଲ୍ଲୀ,୧୨।୭

କେନ୍ଦ୍ର ଜନସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଶୁକ୍ରବାର ସିଭିଲ୍ ସର୍ଭିସ ପ୍ରିଲିମିନାରୀ ପରୀକ୍ଷା, ୨୦୧୯ ଫଳାଫଳ ଘୋଷଣା କରାଯାଇଛି। କମିଶନଙ୍କ ୱେବସାଇଟ upsc.gov.inରୁ ଫଳାଫଳ ଡାଉନଲୋଡ୍ କରାଯାଇପାରିବ। ଜୁନ୍ ୨ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ସିଭିଲ୍ ସର୍ଭିସ୍ ମେନ୍ ପରୀକ୍ଷା ପାଇଁ ଆବେଦନ କରିପାରିବେ।

# 'ଅଯୋଧ୍ୟାରେ ରାମମନ୍ଦିର ଚାହାନ୍ତି ମୁସଲମାନ'

ଲକ୍ଷ୍ନୌ,୧୨।୭(ପି.ଟି.)

କଠୋରପନ୍ଥୀଙ୍କୁ ବାଦ୍‌ଦେଇ ଅନ୍ୟ ମୁସଲମାନମାନେ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ଚାହାନ୍ତି ବୋଲି ରାମ ଜନ୍ମଭୂମି ନ୍ୟାସର ସଦସ୍ୟ ରାମବିଳାସ ବେଦାନ୍ତୀ ମତ ଦେଇଛନ୍ତି। ସେ କହିଛନ୍ତି, ଏଥିଲାଗି ମୁସଲମାନ ସମ୍ପ୍ରଦାୟର ପୂରା ସମର୍ଥନ ରହିଛି। କଠୋରପନ୍ଥୀଙ୍କୁ ଛାଡ଼ି ବାକି ୮୦ ଭାଗ ମୁସଲମାନ ରାମଲାଲା ରହିଥିବା ସ୍ଥାନରେ ରାମମନ୍ଦିର ନିର୍ମାଣ ସପକ୍ଷରେ ଅଛନ୍ତି ବୋଲି ମିଡିଆକୁ ବେଦାନ୍ତୀ କହିଛନ୍ତି।

ଶିହା ୱାକଫ୍ ବୋର୍ଡର ଅଧ୍ୟକ୍ଷ ୱାସିମ୍ ରିଜ୍‌ଭି ଏଥିଲାଗି ରାଜି ଅଛନ୍ତି। ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟ ମଧ୍ୟସ୍ଥଙ୍କଠାରୁ ମତାମତ ମାଗିଥିବାବେଳେ ବେଦାନ୍ତୀ ଏଭଳି ମନ୍ତବ୍ୟ ରଖିଛନ୍ତି। ବେଦାନ୍ତୀ କହିଛନ୍ତି, ମୋଗଲ ଶାସକ ବାବରଙ୍କ ନାମରେ କିଛିନାହିଁ। ଏଠାରେ ସବୁକିଛି ଭଗବାନ ରାମଙ୍କ ନାମରେ ରହିଛି। ଶାନ୍ତି, ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରା ଲାଗି ମୁସଲମାନମାନେ ଖୋଲାଖୋଲି ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କଥା କହୁଛନ୍ତି। ସୁନ୍ନି ୱାକଫ୍ ବୋର୍ଡ ମାମଲା ପ୍ରତ୍ୟାହାର କରିନେବା ଉଚିତ୍। ୯୦ ଭାଗ ହିନ୍ଦୁ ରହୁଥିବା ଦେଶରେ ରାମମନ୍ଦିର ଲାଗି କୋର୍ଟରେ ସଂଘର୍ଷ କରିବାକୁ ପଡୁଛି। ରାମଲାଲା ଥିବା ସ୍ଥାନରେ କେହି ବି ମସ୍‌ଜିଦ ନିର୍ମାଣ କରିପାରିବେ ନାହିଁ ବୋଲି ବେଦାନ୍ତି କହିଛନ୍ତି।



### ଇତିହାସର ଆଇନାରେ
### ଜୁଲାଇ ୧୩ର ପ୍ରମୁଖ ଘଟଣା

୧୯୮୫ ଜୁଲାଇ ୧୩ରେ ଆମେରିକାର ଉପରାଷ୍ଟ୍ରପତି ଜର୍ଜ ଏଚ.ଡବ୍ଲ୍ୟୁ. ବୁଶ୍ କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ଏହି ସମୟରେ ରାଷ୍ଟ୍ରପତି ରୋନାଲ୍ଡ ରେଗନ୍ ପଲିପ୍ସ ଅପରେଶନ୍ ପାଇଁ ଚିକିତ୍ସାଧୀନ ଥିଲେ। ଜର୍ଜ ହରବର୍ଟ ୱାକର ବୁଶ୍ ୧୯୮୯ରୁ ୧୯୯୩ ଆମେରିକାର ୪୧ତମ ରାଷ୍ଟ୍ରପତି ଏବଂ ୧୯୮୧ରୁ ୧୯୮୯ ୪୩ତମ ଉପରାଷ୍ଟ୍ରପତି ହୋଇଥିଲେ।

୨୦୧୧ ଜୁଲାଇ ୧୩ରେ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବ-୧୯୯୯ ଗୃହୀତ ହୋଇଥିଲା। ଏଥିରେ ଦକ୍ଷିଣ ସୁଦାନକୁ ଜାତିସଂଘର ସଦସ୍ୟ ମାନ୍ୟତା ମିଳିଥିଲା। ଦକ୍ଷିଣ ସୁଦାନକୁ ଜାତିସଂଘର ସଦସ୍ୟଭୁକ୍ତ ରାଷ୍ଟ୍ର କରିବା ପାଇଁ ସାଧାରଣ ସଭାରେ ନିରାପତ୍ତା ପରିଷଦ ସୁପାରିସ କରିଥିଲା। ଦକ୍ଷିଣ ସୁଦାନ ରାଷ୍ଟ୍ରପତି ସାଲ୍‌ଭା କିର୍‌ଙ୍କ ଅନୁରୋଧ କ୍ରମେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଜର୍ଜିଆରେ 'କାର୍‌ଗିଲ ଗର୍ଲ' ଶୁଟିଂ

ମୁମ୍ବାଇ: ଜର୍ଜିଆରେ 'କାର୍‌ଗିଲ ଗର୍ଲ'ର ଶୁଟିଂ ହେବ। ଏଥିପାଇଁ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଅଙ୍ଗଦ ବେଦୀ ପୂରା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ବାୟୁସେନା ବିମାନ ଚାଳକ ଗୁଞ୍ଜନ ସାକ୍‌ସେନାଙ୍କ ଜୀବନ କାହାଣୀକୁ ନେଇ 'କାରଗିଲ ଗର୍ଲ' ଗଢ଼ିଉଠିଛି, ଯିଏ ୧୯୯୯ରେ କାର୍‌ଗିଲ ଯୁଦ୍ଧବେଳେ କାର୍‌ଗିଲରେ ପ୍ରବେଶ କରି ଶତ୍ରୁପକ୍ଷର ସେନାକୁ ଚକ୍‌ମା ଦେଖାଇଥିଲେ। ଜାହ୍ନବୀ କପୁର ଏଥିରେ ସାକ୍‌ସେନା ଭୂମିକାରେ ଅଭିନୟ କରୁଛନ୍ତି। ଜର୍ଜିଆର ଉଚ୍ଚତମ ଅଞ୍ଚଳ କାଜ୍‌ବେଗି ସହରରେ ଉକ୍ତ ଫିଲ୍ମର ଶୁଟିଂ ଚାଲିବ। ବିଦେଶ ଗସ୍ତରେ ଯିବା ପୂର୍ବରୁ ଏହି କଳାକାର ଦ୍ୱୟ ଫିଟ୍‌ନେସ୍ ପାଇଁ କଠିନ ପରିଶ୍ରମ କରୁଛନ୍ତି। ଅଙ୍ଗଦ ବେଦୀ ଏଥିପାଇଁ ତାଲିମ ନେବାଲାଗି କୋଚ୍ ବ୍ରିନ୍‌ଷ୍ଟନ୍‌ଙ୍କ ସହାୟତା ଲୋଡିଛନ୍ତି। ଜାହ୍ନବୀ ଏବଂ ଅଙ୍ଗଦ ଚଳିତମାସ ଶେଷ ଭାଗରେ ଜର୍ଜିଆ ଗସ୍ତ କରିବେ। ଏଥିପୂର୍ବରୁ ଲକ୍ଷ୍ନୌରେ କିଛି ପ୍ରାରମ୍ଭିକ କାର୍ଯ୍ୟ କରାଯିବାର ବ୍ୟବସ୍ଥା ଅଛି।



ଜାହ୍ନବୀ କପୁର

## ଜେଠ୍ୱାଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ):** ୧୯୯୪ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଯଶୱନ୍ତ କୁମାର ଜେଠ୍ୱା ଅତିରିକ୍ତ ଡିଜି ଭାବେ ପଦୋନ୍ନତି ପାଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଜେଠ୍ୱା ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ କାର୍ଯ୍ୟରତ ଅଛନ୍ତି।

### ନାବାଳିକା ଛାତ୍ରୀ ବଳାତ୍କାର ଘଟଣା

# ମୁଣ୍ଡରୁ ଦୋଷ ଛଡ଼ାଇଲେ ମନ୍ତ୍ରୀ

- ଛାତ୍ରୀନିବାସ ନୁହେଁ, ପଡ଼ୋଶୀଙ୍କ ଦ୍ୱାରା ଗର୍ଭବତୀ ହୋଇଛନ୍ତି ଛାତ୍ରୀ
- ଥାନାରୁ ମାମଲା ରଫାଦଫା କରି ଦେଉଛନ୍ତି ପିପି: କଂଗ୍ରେସ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ସରକାରୀ ସ୍କୁଲ ଛାତ୍ରୀ ନିବାସରେ ଯେଉଁ ନାବାଳିକା ଗର୍ଭବତୀ ହୋଇଛନ୍ତି , ସେଭଳି ଘଟଣା ଛାତ୍ରୀ ନିବାସରେ ହୋଇନାହିଁ। ଛୁଟିରେ ଗାଁକୁ ଯିବା ବେଳେ ଏସବୁ ଘଟଣା ଘଟିଛି। ଏମିତି କହି ଏସସି/ଏସଟି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛନ୍ତି। ନାବାଳିକା ବଳାତ୍କାର ଘଟଣା ଉପରେ ଶୁକ୍ରବାର ବିଧାନସଭାରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତିଯେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଅନୁଯାୟୀ ଗ୍ରୀଷ୍ମଛୁଟିରେ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାରୁ ୪ଜଣ ଛାତ୍ରୀ ଗର୍ଭବତୀ ଥିବା ସନ୍ଦେହ କରାଯାଇଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀମାନଙ୍କର ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ ହସ୍ପିଟାଲରେ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ବ୍ୟତୀତ ୩ ଜଣଙ୍କ ନେଗେଟିଭ ବାହାରିଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀଙ୍କୁ ଆବଶ୍ୟକ କାଉନସେଲିଂ କରାଯାଇ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇଥିଲା। ଏହାଛଡ଼ା ଛାତ୍ରୀଙ୍କ ଅଭିଭାବକଙ୍କୁ ଡକାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଉକ୍ତ ଘଟଣା ସମ୍ପର୍କରେ ମଧ୍ୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ ଗ୍ରୀଷ୍ମଛୁଟିରେ ସମ୍ପୃକ୍ତ ଛାତ୍ରୀ ତାଙ୍କ ନିଜ ଘରକୁ ଯାଇଥିଲେ। ସେହି ସମୟରେ ଛାତ୍ରୀଙ୍କ ପଡ଼ୋଶୀ ଭାବେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ଘରକୁ ବାରମ୍ବାର ଯିବା ଆସିବା କରିଥିଲେ। ଏହି ସମୟରେ ଉକ୍ତ ବ୍ୟକ୍ତି ତାଙ୍କ ନିଜ ଘରେ ଛାତ୍ରୀଙ୍କ ସହ ସମ୍ପର୍କ ରଖିଥିଲେ। ୨୦୧୯ ଜୁଲାଇ ୨ ତାରିଖରେ ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟ ପକ୍ଷରେ ମନ୍ତ୍ରୀ କହିଛନ୍ତି ଯେ ୨୦୧୯ ଜାନୁୟାରୀ ଏବଂ ଫେବୃୟାରୀରେ ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ୨ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିଲେ। ଏହାକୁ ପୋଲିସ ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଛାତ୍ରୀମାନେ ଛୁଟିରେ ନିଜ ଘରକୁ ଯାଇଥିବା ସମୟରେ ଏଭଳି ଅଶୋଭନୀୟ ପରିସ୍ଥିତିର ଶିକାର ହୋଇଥିଲେ। ଏସବୁ ଘଟଣା ଛାତ୍ରୀମାନେ ଛୁଟିରେ ନିଜ ଗ୍ରାମରେ ଥିବା ବେଳେ ଘଟିଛି ବୋଲି ମନ୍ତ୍ରୀ ସଫେଇ ଦେଇଛନ୍ତି। ସମସ୍ତ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ଆଇନ ଅନୁଯାୟୀ ମାମଲା ଦାଏର କରାଯାଇଛି।

ରାଜ୍ୟରେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସରକାରୀ ଛାତ୍ରୀନିବାସରେ ରହୁଥିବା ଆଦିବାସୀ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି। ଖୋଦ୍ ଭୁବନେଶ୍ୱରର ଏକ ଛାତ୍ରୀନିବାସରେ ନାବାଳିକାଙ୍କୁ ବଳାତ୍କାର କରିବା ନେଇ ଚଳିତ ବିଧାନସଭାର ପ୍ରଥମ ଅଧିବେଶନରେ ବିରୋଧୀ ଦଳ ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ଏହି ଘଟଣାର ତଦନ୍ତ କରିବା ସହ ଗୃହରେ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ବିବୃତି ଦେବା ଲାଗି ସେମାନେ ଦାବି କରିଥିଲେ। ଏହାକୁ ନେଇ କଂଗ୍ରେସ ଦଳ ସଦସ୍ୟମାନେ ବିଧାନସଭାକୁ ଅଚଳ କରିଥିଲେ। ବାଧ୍ୟ ହୋଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭାଗ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀଙ୍କ ବିବୃତିକୁ ନେଇ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ସମୟରେ ଅନୁସୂଚୀତ ଜନଜାତି ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ସେମାନଙ୍କୁ ଆଇନ ସହାୟତା ଯୋଗାଇ ଦିଆଯାଉ ନାହିଁ। ବହୁ ସଂଖ୍ୟାରେ ସରକାରୀ ଓକିଲ (ପିପି) ଓ ସହକାରୀ ସରକାରୀ ଓକିଲ(ଏପିପି) ପଦବୀ ଖାଲି ପଡିଛି। ରାଜ୍ୟରେ ୬/୭ ଜଣ ମହିଳା ଦୈନିକ ବଳାତ୍କାର ଶିକାର ହେଉଛନ୍ତି। ରଥ ଯାତ୍ରାରେ ୧୦ ହଜାର ପୋଲିସ ନିୟୋଜିତ ହୋଇ ମଧ୍ୟ ବସ ଭିତରେ ନାବାଳିକା ବଳାତ୍କାର ହେଲେ। ନ୍ୟାୟ ପ୍ରଦାନରେ ବିଳମ୍ବ ହେବା ଏବଂ ଦଣ୍ଡ ନ ମିଳିବାରୁ ଅଭିଯୁକ୍ତମାନେ ଆରାମରେ ବୁଲୁଛନ୍ତି। ପିପି ଓ ଏପିପି ପଦ ପୂରଣ କରିବା ପାଇଁ ନରସିଂହ ଦାବି କରିଛନ୍ତି। କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଛନ୍ତି ଯେ ବିଜେଡିର ପିପି ଥାନାରେ ବସୁଛନ୍ତି। ଯାହା ମାମଲା ଥାନାକୁ ଆସୁଛି ସେଠାରେ ସେମାନେ ରଫାଦାଫା କରି ଦେଉଛନ୍ତି। ଥାନା ଅଧିକାରୀ ଓ ପିପି ଅଧା ଅଧା ବାଣ୍ଟି ନେଇ ଯାଉଛନ୍ତି । ଏହାଦ୍ୱାରା ଆଦିବାସୀ ନାବାଳିକାଙ୍କୁ ନ୍ୟାୟ ମିଳିବ କେମିତି ବୋଲି ପ୍ରଶ୍ନ କରିଥିଲେ।




# ୧୫ରୁ ଓଟିଇଟି ଫର୍ମ ପୂରଣ

**କଟକ ଅଫିସ,୧୨।୭:** ୧୫ତାରିଖରୁ ଆରମ୍ଭ ହେବ ଓଡ଼ିଶା ଟିଚର୍ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଅନ୍‌ଲାଇନରେ ଫର୍ମପୂରଣ। ଉକ୍ତଦିନ ପୂର୍ବାହ୍ନ ୧୦ଟାରୁ ଆସନ୍ତା ୨୬ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍‌ରେ ଫର୍ମପୂରଣ ଲିଙ୍କ୍ ଉପଲବ୍ଧ ରହିବ। ଫର୍ମପୂରଣ ନିମନ୍ତେ ଦେୟ କେବଳ ଅନ୍‌ଲାଇନ ମାଧ୍ୟମରେ କରାଯିବ। ଜୁଲାଇ ୨୯ତାରିଖ ଅପରାହ୍ନ ୪ଟା ସୁଦ୍ଧା ଦେୟ ପ୍ରଦାନ କରିବାର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ଗତ ୨୦୧୮ ଓଟିଇଟି ପରୀକ୍ଷାରେ ଯେଉଁମାନେ ବୋର୍ଡ ପକ୍ଷରୁ ରୋଲ୍ ନମ୍ବର ପାଇଛନ୍ତି ସେମାନେ ବିନା ଦେୟରେ ଫର୍ମପୂରଣ କରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

MITS SCHOOL OF BIOTECHNOLOGY
Estd 2003
APPROVED BY DEPT. OF HIGHER EDUCATION, GOVT. OF ODISHA & AFFILIATED WITH UTKAL UNIVERSITY, BHUBANESWAR
ADMISSION OPEN 2019-2020
APPLY ONLINE at www.msb.ac.in
LAST DATE OF APPLICATION 30.07.2019
MSB Bhubaneswar offers advanced courses in
M.Sc | Biotechnology Microbiology
Most preferred institute for M.Sc Courses in Odisha
2000+ M.Sc Alumni • 16 Years Old Institute • Advanced Laboratories
8 Nos On Campus Placement Drive
90% Percent Students Placed
200 Plus Job Offer in MITS Campus
2.95 Lakhs Average Salary of 2019
Advanced M.Sc Projects are done on campus at MSB, BBSR
MSB Admission Office: 85998-85998 Toll Free : 1800-2585-998
2(P), Infocity, Patia Bhubaneswar -751024
Dr. R.R. Mishra : 9439215277
Mr. Ranjan Sahoo : 9937342252

### ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ

# ୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ

**କଟକ ଅଫିସ, ୧୨।୭:** ବହୁ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଜଷ୍ଟିସ ଏମ୍.ଏମ୍. ଦାସ କମିଶନ ତାଙ୍କ ସପ୍ତମ ଅନ୍ତରୀଣ ରିପୋର୍ଟ ଶୁକ୍ରବାର ଗୃହ ବିଭାଗ ନିକଟରେ ଦାଖଲ କରିଛନ୍ତି। କମିଶନଙ୍କ ସଚିବ ଦେବରାଜ ରାଉତଙ୍କ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି। ସପ୍ତମ ଅନ୍ତରୀଣ ରିପୋର୍ଟରେ ୧ ଲକ୍ଷ ୩୬ହଜାର ୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ଏଥିରେ ବେସିଲ ଇଣ୍ଟରନ୍ୟାଶନାଲ ଲିମିଟେଡ୍ କମ୍ପାନୀର ୧୯,୮୯୨ ଜଣ, କଲିକତାର ୱେର ଇଣ୍ଡଷ୍ଟ୍ରିଜର ୩୩୮୦୦, ଗ୍ରୀନରେ ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ୮୯୦୪ ଓ ରୋଜଭ୍ୟାଲି ଗ୍ରୁପ ଅଫ କମ୍ପାନୀର ୮୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଅଦ୍ୟାବଧି ୭ଟି ପର୍ଯ୍ୟାୟ ରିପୋର୍ଟରେ କମିଶନଙ୍କ ପକ୍ଷରୁ ମୋଟ ୪ ଲକ୍ଷ ୯୭ହଜାର ୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ୪୨୧ଟି ଚିଟଫଣ୍ଡ କମ୍ପାନୀକୁ ଚିହ୍ନଟ କରାଯାଇଥିବାବେଳେ ୧୯୮୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସରକାରଙ୍କ ପକ୍ଷରୁ ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ନିମନ୍ତେ ୨୦୧୩ ଜୁଲାଇ ୯ରେ କମିଶନ ଗଠନ କରାଯାଇଥିଲା। ଫେବୃୟାରୀରେ କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ଦାଖଲ କରାଯାଇଥିଲା।

# ଧାନର ଅଭାବୀ ବିକ୍ରି: ପଦକ୍ଷେପ ନେବାକୁ ସମବାୟ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୭ (ବ୍ୟୁରୋ)

ଧାନ ରଖିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନାହିଁ। ଚାଷୀଙ୍କଠାରୁ ସରକାର ଧାନ କିଣୁ ନ ଥିବାରୁ ଅବସ୍ଥା ସାଂଘାତିକ ହେଲାଣି। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୋନପୁର ଆଦି ଜିଲାରେ ଧାନ ବିକ୍ରି ନ ହୋଇ ଗଜା ହୋଇଗଲାଣି। ସରକାର ତୁରନ୍ତ ଧାନ କିଣିବାକୁ ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଦାବି କରିଛନ୍ତି।

ଶୂନ୍ୟକାଳରେ ଧାନର ଅଭାବୀ ବିକ୍ରିକୁ ନେଇ ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ମିଲର ଓ ଅଫିସରମାନଙ୍କ ସହ ବିଧାୟକମାନେ ମିଶିଯାଉଥିବା ଚାଷୀ ଅଭିଯୋଗ କଲେଣି। ଆମେ ଜନପ୍ରତିନିଧି ଚାଷୀମାନଙ୍କ ସମସ୍ୟା ସମାଧାନ କରିପାରୁ ନାହୁଁ। କୁଇଣ୍ଟାଲ ପିଛା ୪ରୁ ୧୧ କେଜି ଧାନ କଟାଯାଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫ ଟଙ୍କିଆ ଆହାର ଖାଇବାକୁ ଦେଇଦେଲେ ରାଜ୍ୟର ଉନ୍ନତି ହେବ ନାହିଁ। ଚାଷୀଙ୍କ ସମସ୍ୟା ବୁଝିବାକୁ ହେବ। ସେମାନଙ୍କ ଧାନ କିପରି ବିକ୍ରି ହେବ ସେ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଅନୁରୋଧ କରିଥିଲେ।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଧାନର ଅଭାବୀ ବିକ୍ରିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ବର୍ଷା ଯୋଗୁ ଧାନ ବେରଙ୍ଗ ହେବା ସହିତ ଆର୍ଦ୍ରତା ବଢ଼ିଗଲାଣି। ତୁରନ୍ତ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀଙ୍କଠାରୁ ଧାନ କିଣନ୍ତୁ। ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଥିଲେ ଯେ, ଗତବର୍ଷରୁ ଧାନ ବିକିଥିବା ଭଦ୍ରକ ଜିଲାର ଚାଷୀମାନେ ଏ ପର୍ଯ୍ୟନ୍ତ ଟଙ୍କା ପାଇନାହାନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ଦରକାର। ବିରୋଧୀ ଦଳ ନେତାଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ପାତ୍ର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସମବାୟ ବିଭାଗ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।




## ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଅସୁସ୍ଥ

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ):** ବିଜେଡିର ବରିଷ୍ଠ ନେତା ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଅସୁସ୍ଥ ହୋଇପଡ଼ିଛନ୍ତି। ଶୁକ୍ରବାର ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୫ ଦିନ ହେବ ସେ ନିମୋନିଆରେ ପୀଡ଼ିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ବୋଲି ତାଙ୍କ ପରିବାର ସଦସ୍ୟଙ୍କଠାରୁ ଜଣାପଡ଼ିଛି। ତାଙ୍କୁ ହସ୍ପିଟାଲ ଆଇସିୟୁର ଆଇସୋଲେଶନ ୟୁନିଟ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ଜଣାପଡ଼ିଛି।



**ଆଜିର ମନ୍ତବ୍ୟ**

ଆମେରିକା ଅହିଂସା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ ଆଧ୍ୟାତ୍ମିକ ନେତା ଥିଲେ।
– ନାନ୍ସି ପେଲୋସି
ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସର ବାଚସ୍ପତି

**କିଛି ତଥ୍ୟ**

ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଦ୍ୱାରା ୨,୨୬,୩୬୩ କୋଟି ଟଙ୍କା ରପ୍ତାନି ରଣ ପ୍ରଦାନ କରାଯାଇଛି।
–ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଲିଶା
ପରିବାରବର୍ଗ


ଚିତ୍ତରଞ୍ଜନ
ପରିବାରବର୍ଗ


ଜିତ୍
ପରିବାରବର୍ଗ


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଚଣ୍ଡିଖୋଲରେ ପ୍ରସ୍ତାବିତ ଭୂତଳ ତୈଳଭଣ୍ଡାର

# ମିଳିଲା କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

**ଯାଜପୁର ଅଫିସ,୧୨।୭**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ପାଦଦେଶରେ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବକୁ ଗୁରୁବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଦେଶରେ ଅତିରିକ୍ତ ୬.୫ ମିଲିୟନ ମେଟ୍ରିକ ଟନ୍ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସୁବିଧା ପ୍ରତିଷ୍ଠା ପାଇଁ ଚଣ୍ଡିଖୋଲ ସମେତ କର୍ଣ୍ଣାଟକର ପାଦୁର ଭୂତଳ ତୈଳ ସଂରକ୍ଷଣ ଭଣ୍ଡାରର ପ୍ରକଳ୍ପ ପରିକଳ୍ପନା କରାଯାଇଥିଲା। ୨୦୧୭-୧୮ ବର୍ଷର ସାଧାରଣ ବଜେଟରେ ଏନେଇ ସ୍ଥାନ ପାଇଥିଲା। ଏହାପରେ ଡଙ୍କାରୀରେ କଳାପଥର ଉତ୍ତୋଳନକୁ ନେଇ ବାଦବିବାଦ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ଲକ୍ଷ ୯୧ହଜାର ୮୩୦ ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ ହୋଇଥିଲା। ତେଣୁ ଜମି ଯୋଗାଇବା ଦେବାରେ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷେ ୨୦୦୨ମସିହାରୁ ପରିବେଶଗତ ଅନୁମତି ନ ଥାଇ ବେଆଇନ ଭାବେ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ମାମଲା ରୁଜୁ ହେବା ପରେ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି ହୋଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ଯେଉଁଥିପାଇଁ ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା ପ୍ରସଙ୍ଗ ଏକ ପ୍ରକାର ଝୁଲି ରହିଛି। ଏଭଳିସ୍ଥିତିରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ତୈଳ ଭଣ୍ଡାର ପ୍ରତିଷ୍ଠା ହେବା ଆଶା ପୁଣି ଉଜ୍ଜୀବିତ ହୋଇଛି।

**ବାଦବିବାଦ ମଧ୍ୟରେ ପୁଣି ସ୍ଥାପନ ଆଶା ଉଜ୍ଜୀବିତ**

ସୂଚନାଯୋଗ୍ୟ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀଠାରେ ଦେଶର ୪ର୍ଥ ସର୍ବବୃହତ୍ ୪୪.୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ହେବାକୁ ପ୍ରସ୍ତାବ ରହିଥିଲା। ଏଥିପାଇଁ ପ୍ରାୟ ୫ହଜାର କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଦେଶର ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ ପରେ ଓଡ଼ିଶାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଉଥିବାରୁ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ମଧ୍ୟରେ ନିଯୁକ୍ତି ଆଶା ସୃଷ୍ଟି ହୋଇଥିଲା। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ପ୍ରାୟ ୫୦୦ଲୋକ ନିଯୁକ୍ତି ସୁଯୋଗ ପାଇବାର ସମ୍ଭାବନା ରହିଛି। ଡଙ୍କାରୀ ପାହାଡ଼ରେ ୪ଟି ଖାଦାନ ଜରିଆରେ ୩୯ଏକର ଜମିରୁ କଳାପଥର ଉତ୍ତୋଳନ ପାଇଁ ୨୦୧୫-୧୬ ରୁ ୨୦୧୯-୨୦ ପର୍ଯ୍ୟନ୍ତ ୫ବର୍ଷିଆ ଲିଜ୍ ଦିଆଯାଇଛି। ଏହାବାଦ ଆଖପାଖ ଅଞ୍ଚଳରେ ଅନ୍ୟ ୧୫ରୁ ଉର୍ଦ୍ଧ୍ୱ ପଥର ଖାଦାନ ରହିଛି। ଲିଜ୍‌ଧାରୀମାନେ ପରିବେଶ ଅନୁମତି, ରୟାଲଟି ଓ ଜିଲା ମିନେରାଲ ଫଣ୍ଡ ବାବଦରେ ପ୍ରାୟ ୧୪ଶହ କୋଟି ଟଙ୍କା ସରକାରଙ୍କ ପାଖରେ ଜମା କରିଛନ୍ତି। ତୈଳ ଭଣ୍ଡାର କାର୍ଯ୍ୟକାରୀ ହେଲେ ଏହିସବୁ ବନ୍ଦ ହୋଇଯିବ। ଏଭଳିସ୍ଥଳେ ପ୍ରକଳ୍ପର ସୁରକ୍ଷା ଦୃଷ୍ଟିରୁ ଡଙ୍କାରୀ, ଗୋବରସର, ନିମୁଟି, ନୂଆବରଡ଼ା ଓ ଚଢେଇଧରା ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇପାରେ। ତେବେ ପ୍ରକଳ୍ପକୁ ଅଞ୍ଚଳବାସୀ ସ୍ୱାଗତ କରୁଥିବାରୁ କ୍ୟାବିନେଟ ମଞ୍ଜୁରୀକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ■ ବିଧାନସଭାରେ ଉପସ୍ଥାପନ

## ୧୪୪୩.୧୨କୋଟି ପ୍ରଥମ ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟ ତାଳିକା

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ରାଜ୍ୟ ସରକାର ରାଜ୍ୟ ଆପତ୍‌କାଳୀନ ପାଣ୍ଠିର ଖର୍ଚ୍ଚକୁ ଭରଣା କରିବା ପାଇଁ ୧୪୪୩.୧୨ କୋଟି ଟଙ୍କାର ପ୍ରଥମ ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟ ତାଲିକାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ବିଧାନସଭାରେ ଉପସ୍ଥାପନ କରିଛନ୍ତି। ଅତିରିକ୍ତ ଖର୍ଚ୍ଚ ତାଲିକା ଅନୁଯାୟୀ ଆପତ୍‌କାଳୀନ ପାଣ୍ଠିରୁ ଆଗୁଆ ରାଜସ୍ୱ ବିଭାଗ ୬.୩୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ରାଜ୍ୟ ସରକାର କାଳିଆ ଯୋଜନାରେ ୧୨୪୪.୬୬ କୋଟି, ସାମାଜିକ ସୁରକ୍ଷା ବାବଦରେ ୧୬୯.୪୦ କୋଟି ଖର୍ଚ୍ଚ କରିଥିଲେ। ରାଜ୍ୟ ସରକାର ଆପତ୍‌କାଳୀନ ପାଣ୍ଠିକୁ ୨୦୧୯ରେ ୪୦୦ କୋଟି ଟଙ୍କାରୁ ୧୬୦୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ସରକାର ଅଧ୍ୟାଦେଶ ବଳରେ ଉକ୍ତ ଅର୍ଥକୁ ଖର୍ଚ୍ଚ କରିଥିଲେ। ୬ ମାସ ମଧ୍ୟରେ ଅଧ୍ୟାଦେଶ ଅକାମୀ ହୋଇ ଯାଇଥିଲା। ଏଥିଯୋଗୁ ଆପତ୍‌କାଳୀନ ପାଣ୍ଠିର ଅର୍ଥ ୪୦୦ କୋଟିକୁ ଖସି ଯାଇଥିଲା। ଆଇନ ଅନୁଯାୟୀ ଏହାକୁ ଭରଣା ନ କରିବା ଯାଏ ପାଣ୍ଠିର ଅର୍ଥ ରାଜ୍ୟ ସରକାର ଖର୍ଚ୍ଚ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଅତିରିକ୍ତ ବ୍ୟୟ ତାଲିକାକୁ ବିଧାନସଭାରେ ଉପସ୍ଥାପନ କରାଯାଇଛି।

### ■ ବିବାହ ଭୋଜିରେ ଗଣ୍ଡଗୋଳ ଘଟଣା

## ଯୁବନେତା ବେଣୁମାଧବ ଗିରଫ

ସିମୁଳିଆ, ୧୨।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କାଞ୍ଚପଡ଼ା ପଞ୍ଚାୟତ ଅଧୀନ ଡିଆଁପୁରୁଷୋତ୍ତମପୁର ଗାଁରେ ବୁଧବାର ବିବାହ ଚତୁର୍ଥୀ ଭୋଜି ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ ପୋଲିସ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ପୁଅ ବେଣୁମାଧବଙ୍କ ସମେତ ଦୁଇ ପକ୍ଷର ୩ଜଣଙ୍କୁ ଗିରଫ କରିଛି। ନିର୍ବାଚନ ସମୟର ବିଦ୍ୱେଷ ଗଣ୍ଡଗୋଳର କାରଣ ବୋଲି ଚର୍ଚ୍ଚା ହେଉଛି। ବୁଧବାର ରାତିରେ ଗଣ୍ଡଗୋଳ ଘଟିବା ପରେ ପୋଲିସ ଗୋଟିଏ ଗୋଷ୍ଠୀର ଦୁଇଜଣଙ୍କୁ ଥାନାକୁ ଧରିନେଇ ଅଟକ ରଖିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଥାଉକି, ଗଣ୍ଡଗୋଳ ଘଟଣାର ବନିତା ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା (ନଂ. ୧୮୨/୧୯) ରୁଜୁ କରି ବେଣୁମାଧବଙ୍କୁ ଶୁକ୍ରବାର ବାଲେଶ୍ୱରରୁ ଗିରଫ କରିଛି। ସେହିପରି ଗଙ୍ଗାଧର ଦଳାଇଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଅନ୍ୟ ଏକ ମାମଲା (ନଂ. ୧୮୧/୧୯) ରୁଜୁ କରି ଲକ୍ଷ୍ମୀକାନ୍ତ ପଣ୍ଡା ଓ ଭୀମସେନ ପଣ୍ଡାଙ୍କୁ ଗିରଫ କରିଛି।

# ଆଇକନିକ୍ ଡେଷ୍ଟିନେଶନରୁ ଓଡ଼ିଶା ଗାଏବ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

କେନ୍ଦ୍ର ସରକାର ସମଗ୍ର ଦେଶରେ ୧୭ଟି ପର୍ଯ୍ୟଟନ ସ୍ଥଳକୁ ଆଇକନିକ୍ ଡେଷ୍ଟିନେଶନ ମାନ୍ୟତା ଦେଇଛନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ୨୦୧୯-୨୦ ବଜେଟରେ ବିଶ୍ୱପ୍ରସିଦ୍ଧ ପୁରୀ ଓ କୋଣାର୍କକୁ ସ୍ଥାନ ଦିଆଯାଇ ନାହିଁ। ଏହାଛଡ଼ା ରାଜ୍ୟର କୌଣସି ସ୍ଥାନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଶାସକ ଦଳର ସଦସ୍ୟମାନେ ଶୁକ୍ରବାର ବିଧାନସଭାରେ ବିରୋଧ କରିଛନ୍ତି। ସର୍ବସମ୍ମତି କ୍ରମେ ଏ ନେଇ ଏକ ପ୍ରସ୍ତାବ ଗୃହରେ ପାରିତକରି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଉ ବୋଲି ସଦସ୍ୟମାନେ ଏକ ସ୍ୱରରେ କହିଛନ୍ତି।

ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କହିଥିଲେ ଯେ, କେନ୍ଦ୍ର ସରକାର ଦେଶର ୧୭ଟି ଜାଗାକୁ ଆଇକନିକ୍ ଡେଷ୍ଟିନେଶନ ଘୋଷଣା କଲେ। ପୁରୀ ଭଳି ତୀର୍ଥକ୍ଷେତ୍ର ବିଶ୍ୱରେ ପ୍ରସିଦ୍ଧ। ତୁରନ୍ତ କେନ୍ଦ୍ର ସରକାର ପୁରୀକୁ ଆଇକନିକ୍ ଡେଷ୍ଟିନେଶନ ପରିସରଭୁକ୍ତ କରିବାକୁ ମହାରଥୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଦୃଢ଼ ସମର୍ଥନ କରିଥିଲେ।

**ବିଧାନସଭାରେ ଉଦ୍‌ବେଗ**

କେନ୍ଦ୍ର ସରକାର କେଉଁ ପରିସ୍ଥିତିରେ ଏଭଳି ଘୋଷଣା କଲେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରତିବାଦ କରି କେନ୍ଦ୍ରକୁ ଚିଠି ଲେଖିଛନ୍ତି। ରାଜ୍ୟ ଅଭିବୃଦ୍ଧିରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ଓ କୋଣାର୍କ ବ୍ୟତୀତ ଚିଲିକା, ଭିତରକନିକା ଭଳି ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ଏଥିସହିତ ଓଡ଼ିଶାରେ ୬୨ ଶ୍ରେଣୀର ଆଦିବାସୀ ରହିଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ବଜେଟରେ ଓଡ଼ିଶାରୁ କୌଣସି ସ୍ଥାନକୁ ଆଇକନିକ୍ ଡେଷ୍ଟିନେଶନରେ ସାମିଲ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧକରି ସର୍ବସମ୍ମତି କ୍ରମେ ଗୃହରେ ଏକ ପ୍ରସ୍ତାବ ପାରିତ କରାଯାଉ। ଏଥିପାଇଁ ଏକ କମିଟି ମଧ୍ୟ ଗଠନ ହେଉ। କମିଟି ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସାକ୍ଷାତ କରିବାକୁ ଦାବି କରାଯାଇଛି।

ଅର୍ଥମନ୍ତ୍ରୀ ସୀତାରାମନ୍ ଦେଶର ୧୭ଟି ସ୍ଥାନରେ ଆଦର୍ଶ ପର୍ଯ୍ୟଟନ ସ୍ଥଳ ଚିହ୍ନଟ ହୋଇଥିବା ବିଷୟରେ ଉଲ୍ଲେଖ କରିଥିଲେ। ତେବେ କେଉଁ ପର୍ଯ୍ୟଟନ ସ୍ଥଳକୁ ଚିହ୍ନଟ କରାଯାଇଛି ସେ ବିଷୟରେ କୌଣସି ସୂଚନା ଦେଇ ନ ଥିଲେ। ହେଲେ ୨୦୧୮ ମାର୍ଚ୍ଚରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ. ଜେ. ଅଲଫନ୍ସ ଲୋକ ସଭାରେ ପର୍ଯ୍ୟଟନସ୍ଥଳ ନାମ ଘୋଷଣା କରିଥିଲେ। ସେହି ପର୍ଯ୍ୟଟନ ସ୍ଥଳଗୁଡିକ ହେଲା ଉତ୍ତରପ୍ରଦେଶର ତାଜମହଲ ଓ ଫତେପୁରସିକ୍ରି, ମହାରାଷ୍ଟ୍ରର ଅଜନ୍ତା-ଏଲୋରା ଗୁମ୍ଫା, ଦିଲ୍ଲୀର ହୁମାୟୁନ ଟମ୍ବ, କୁତବ ମିନାର ଏବଂ ଲାଲକିଲ୍ଲା। ଅନ୍ୟ ପର୍ଯ୍ୟଟନ ସ୍ଥଳଗୁଡିକ ହେଲା ରାଜସ୍ଥାନର ଅମ୍ବରଦୁର୍ଗ, ଗୁଜରାଟର ସୋମନାଥ ଏବଂ ଠୋଲୋଭିରା, ମଧ୍ୟପ୍ରଦେଶର ଖଜୁରାଓ, କର୍ଣ୍ଣାଟକର ହାମ୍ପି, ତାମିଲନାଡୁର ମହାବଳିପୁରମ୍, ଆସାମର କାଜିରଙ୍ଗା, କେରଳର କୁମାରାକୋମ ଏବଂ ବିହାରର ମହାବୋଧି ମନ୍ଦିର।

**classifieds Everyday**
**0674-2580101, 2549302**

real estate

**SALE**

ହସପାଲଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Gharabari plot NH Road side at Khordha available for sharing basis. 9439778849. D-64984

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି **Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/- housing available at Chakeisiani/ Andharua. 9853289161, 8917267426.** D-66920

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

**4BHK duplex with gated community at Balianta (Land-1400 construction 2200 @ 55lakh and 2600 @ 65lakh) Contact: 9938219397, 9861022055.** D-13388

Bhubaneswar-Pitapalli ଛକଠାରେ possession/ ପାଚେରି ଥାଇ sqft. 550/- Xavier University- 250/-. 8280860015 / 7750068828. D-13342

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

1500sqft. gharabari plot in Chandrasekharpur, Bhubaneswar is for sale. 9937162220. D-66161

**2600 sqft. corner plot sale at CET College (SUM Hospital) 100 meters from 200ft road, Bhubaneswar. Contact Deepak: 9937329999.** D-66257

2BHK, 3BHK ready to move flats at Hitech Heaven near Godiapokhari Chowk, Bhubaneswar. 9437040045, 9861219987. D-13353

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66258

Yellowzone gharabari plots 3.166 sqft Badagada Canal road, simplex BJEM-(2), 12,80,000/-. 7735738102. D-13382

Puri plot sale near Lokanath Temple sthitiban patta plot sqft Rs.1000/-. Contact: 9438422888. D-67308

**Commercial plot sale at IIT Bhubaneswar per sqft. 350/- Registration, boundarywall and conversion free. Installment and Bank Finance also available. Contact: 9777219533, 7008918078.** D-65666

Develop gharabari all road 30ft plot sale Bhingarpur (Balianta). 7008492511. D-13389

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

construction

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13391

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

3BHK OMM NILOY Apartment levelcrossing Shahid Nagar office/ family. 9337555288, 7032925529. D-13322

1200 sqft fully furnished office space available at Bapuji Nagar near Federal Bank, Bhubaneswar, Contact: 7008485542 / 7008482464. D-62192

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Kajal ayurvedic massage club fully relaxed by smart lady, home service available. 9937637219. D-66922

Summer special mesmerizing offer expert therapeutic refreshing massage appointment: 9668374480. D-67307

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13392

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ, ମାତ୍ର ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ସାଧାରଣ କଥାରେ ସ୍ୱାମୀଙ୍କ ସହ ଯୁକ୍ତିତର୍କ ହୋଇପାରେ।

**ବୃଷ** କୌଣସି କାମ ଠିକ୍ ସମୟରେ ନ ହେବା କାରଣରୁ ମନ ଦୁଃଖ ନ କରି ଓ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା,ଯାନ୍ତ୍ରିକ ତ୍ରୁଟି, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି।

**କର୍କଟ** ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଖଳଲୋକ ମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ଏବଂ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ଦୂରଯାତ୍ରା କରିପାରନ୍ତି। ବନ୍ଧୁ ମେଳରେ ଦେବଦର୍ଶନର ସୁଯୋଗ ପାଇବେ।

**କନ୍ୟା** ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁତାର ଅବସାନ ଘଟିବା ସାଙ୍ଗକୁ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଯୋଗୁ ମନ ଖୁସି ରହିବ।

**ତୁଳା** ବହୁ ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁମିଳନର ଆୟୋଜନ କରିପାରନ୍ତି। ଆତ୍ମୀୟମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିସ୍ଥିତିବଶତଃ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆକସ୍ମିକ ଭାବରେ ହଠାତ୍ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ** ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନିଜ ପାରିବାରିକ ଉନ୍ନତି ଦିଗରେ ଚେଷ୍ଟିତ ହେବେ। ଦେବଦର୍ଶନର ସୁଯୋଗ ପାଇ ଖୁସି ରହିବେ।

**ମକର** ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ। କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ପରିବାରରେ କଳହ ଲାଗିପାରେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ସକାଳୁ ସକାଳୁ ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଯାତ୍ରାକାଳରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ।

**ମୀନ** ବନ୍ଧୁଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ, ଆଷାଢ଼ ଶୁକ୍ଳପକ୍ଷର ଗରୁଡ଼ ଶୟନ ଦ୍ୱାଦଶୀ ଶନିବାର, ଜୁଲାଇ ୧୩ ତାରିଖ, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୩୫ମି. ଗତେ ଘ୧୦।୧୪ମି. ମଧ୍ୟେ ରାହୁକାଳ।

**ଶେଷ ହୋଇଛି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ବ୍ରଜଧାମ ଅର୍ଥାତ୍ ଆଡପମଣ୍ଡପରେ ଲୀଳାଖେଳା ସାରି ଦାରୁଦିଅଁ ଶୁକ୍ରବାର ଐଶ୍ୱର୍ଯ୍ୟଧାମ୍ ତଥା ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ମହାପଥ ବଡ଼ଦାଣ୍ଡରେ ପ୍ରଭୁ ଜଗନ୍ନାଥଙ୍କୁ ପାଖରେ ପାଇ ଧନ୍ୟ ହୋଇଛନ୍ତି ଜଗତଜନ।**

# ବ୍ରଜଧାମରୁ ଐଶ୍ୱର୍ଯ୍ୟଧାମ



ବାହୁଡ଼ା ଯାତ୍ରା ଅବସରରେ ଶୁକ୍ରବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିବା ତିନିରଥ।



ଶ୍ରୀସୁଦର୍ଶନଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।



ଶ୍ରୀବଳଭଦ୍ରଙ୍କ ପହଣ୍ଡି



ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ରଥ ଉପରକୁ ନିଆଯାଉଛି।



ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ପହଣ୍ଡି କରି ନେଉଛନ୍ତି।



ରଥ ସମ୍ମୁଖରେ ବନାଟି ପ୍ରଦର୍ଶନ।



ରଥ ସମ୍ମୁଖରେ କଳାକାରଙ୍କ ମାହାରୀ ନୃତ୍ୟ।



ସାଧୁସନ୍ଥଙ୍କ ଦ୍ୱାରା ବିଶାଳ ଅଗରବତି ପ୍ରଜ୍ୱଳନ।



ବଳଭଦ୍ରଙ୍କ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରା ପହଁରା କରୁଛନ୍ତି।



ଶ୍ରୀମଦନମୋହନଙ୍କୁ ସେବାୟତମାନେ ରଥକୁ ନେଉଛନ୍ତି।



ରଥ ଉପରକୁ ରାମ ଓ କୃଷ୍ଣଙ୍କୁ ବିଜେ କରାଯାଉଛି।




ଇସ୍କନ ମନ୍ଦିର ଅଭିମୁଖେ ତିନି ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।




ରାଣୀହାଟସ୍ଥିତ ରଥକୁ ମନ୍ଦିର ଅଭିମୁଖେ ଭକ୍ତମାନେ ଟାଣି ନେଉଛନ୍ତି।




ଜାଗୁଳାଇପାଟଣାରେ ରଥାରୂଢ଼ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।
-ଶ୍ରୀମା



# ବାବୁଙ୍କ ଆଇନଗତ ଲଢ଼େଇ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳ ସରକାର ନିକଟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜୁ ନାରାୟଣ ସ୍ୱାମୀଙ୍କୁ ଚାକିରିରୁ ବହିଷ୍କାର କରିଥିବାରୁ ଏହାକୁ ନେଇ ଆଇନଗତ ଲଢ଼େଇ ହୋଇପାରେ। ଦୁର୍ନୀତି-ବିରୋଧୀ ଧର୍ମଯୁଦ୍ଧ ପାଇଁ ଜଣାଶୁଣା ସ୍ୱାମୀ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଅବସର ନେବାକୁ ଆହୁରି ୧୦ ବର୍ଷ ବାକି ଅଛି। ସରକାର ତାଙ୍କୁ ବହିଷ୍କାର ସମ୍ପର୍କରେ ଆଗରୁ ନୋଟିସ୍ ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ସ୍ୱାମୀ ପୂର୍ବରୁ କେନ୍ଦ୍ର ସରକାରରେ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିଲେ। କେନ୍ଦ୍ର ସରକାର ତାଙ୍କୁ ନିଜ ରାଜ୍ୟ କ୍ୟାଡର କେରଳକୁ ପଠାଇଦେବା ବିରୋଧରେ ସେ ଆଇନଗତ ଲଢ଼େଇ ଲଢୁଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କାର କରିଦେଇଛନ୍ତି। ରାଜ୍ୟ ହାଇକୋର୍ଟ ସ୍ୱାମୀଙ୍କୁ ନାରିକେଳ ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଦରୁ ନିଜ ରାଜ୍ୟ କ୍ୟାଡରକୁ ପଠାଇଦେବା ବା ପ୍ରତ୍ୟାବାସନ (ରିପାଟ୍ରିଏଶନ) ଉପରେ ରହିତାଦେଶ ଜାରି କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସ୍ୱାମୀ ଚାକିରିରୁ ପ୍ରତ୍ୟାବାସନର ତିନିମାସ ପର୍ଯ୍ୟନ୍ତ ନିଜ ରାଜ୍ୟକୁ ଫେରି ନ ଥିବା ନେଇ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇଥିଲେ। ତେଣୁ ବିନା ଅନୁମତିରେ ଅନୁପସ୍ଥିତ ରହିଥିବାରୁ ଏବଂ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ କାର୍ଯ୍ୟକାଳ ପୂରିବା ପରେ ସେ କେଉଁଠି ଅଛନ୍ତି ଓ କ'ଣ କରୁଛନ୍ତି ସେ ବିଷୟରେ ସରକାରଙ୍କୁ ଜଣାଇ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏହି ଅଭିଯୋଗକୁ ସ୍ୱାମୀ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

### ବାବୁଙ୍କ କେନ୍ଦ୍ରୀୟ ତାଲିମ

ମୋଦି ସରକାର ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ସହକାରୀ ସଚିବ ଭାବେ ୧୬୯ ଜଣ ନୂତନ ଆଇଏଏସ୍ ଅଫିସରଙ୍କୁ ଜୁଲାଇରୁ ତିନିମାସ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି। ନୂତନ ଆଇଏଏସ୍ ଅଫିସରମାନଙ୍କୁ ପ୍ରଥମେ କେନ୍ଦ୍ରରେ କିଛିଦିନ ରଖି ତାଲିମ ଦେବା ଲାଗି କେନ୍ଦ୍ର ସରକାର ଗତବର୍ଷ ନେଇଥିବା ଅଭିନବ ପଦକ୍ଷେପର ଏହା ଅଂଶବିଶେଷ। ଏହି ନୂତନ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବାବୁମାନଙ୍କୁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ କାର୍ଯ୍ୟ କରିବାର ଅନୁଭୂତି ପ୍ରଦାନ କରିବା। ଏହି ଅଫିସରମାନେ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ, ମସୌରୀଠାରେ ସେମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶେଷ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରେ ଉକ୍ତ ତିନିମାସିଆ ତାଲିମ ଶେଷ କରିବା ପରେ ସେମାନେ ନିଜ ରାଜ୍ୟ ସରକାରଙ୍କୁ ରିପୋର୍ଟ କରିବେ। ପୂର୍ବରୁ ନୂତନ ଅଫିସରମାନେ ସେମାନଙ୍କ କ୍ୟାଡର ରାଜ୍ୟରେ କ୍ୟାରିୟର ଆରମ୍ଭ କରୁଥିଲେ। ପ୍ରଶାସନିକ ଚାକିରିର ନିୟମ ଅନୁସାରେ ନିଜ ରାଜ୍ୟ କ୍ୟାଡରରେ ନଅବର୍ଷର ଚାକିରି ଶେଷ କରିବା ପରେ ବାବୁମାନେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ। ପ୍ରାପ୍ତ ସୂତ୍ର ଅନୁସାରେ ନୂତନ କରି ଗଢ଼ାଯାଇଥିବା ସହକାରୀ ସଚିବ ହେଉଛି ଏପରି ପଦବୀ ଯେଉଁଥିରେ ଏହି ନୂତନ ବାବୁମାନେ କେନ୍ଦ୍ରୀୟ ସଚିବାଳୟ ସେବାରେ ବରିଷ୍ଠ ଆଇଏଏସ୍ ବାବୁମାନଙ୍କ ସହ କାର୍ଯ୍ୟ କରିବା ବେଳେ ବରିଷ୍ଠ ବାବୁମାନଙ୍କର ଅହଂକାର ବ୍ୟାହତ ହେବନାହିଁ।

### ପାର୍ଶ୍ୱପ୍ରବେଶରେ ସଂରକ୍ଷଣକୁ ଉପେକ୍ଷା

ଅମଲାତନ୍ତ୍ରରେ ଘରୋଇ କ୍ଷେତ୍ରରୁ ମେଧାବୀମାନଙ୍କୁ ଆଣି ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାରଙ୍କ ନୀତି ହେଉଛି ସରକାରଙ୍କ ବହୁ-ପ୍ରତ୍ୟାଶିତ ପ୍ରଶାସନିକ ସଂସ୍କାରର ଏକ ଅଂଶ। କିନ୍ତୁ ଏହାକୁ ଦଳିତ ଆଇଏଏସ୍ ଅଫିସରମାନେ ସମାଲୋଚନା କରିବାର ଦେଖାଯାଉଛି କାରଣ ସରକାର ଏଥିରେ ସଂରକ୍ଷଣ ନିୟମକୁ ମାନୁନାହାନ୍ତି। ଏହା ପୂର୍ବରୁ ଗତ ଏପ୍ରିଲମାସରେ ସରକାର ନଅଜଣ ଅଣ-ଆଇଏଏସ୍ ବ୍ୟକ୍ତିଙ୍କୁ ଯୁଗ୍ମ ସଚିବ ପଦରେ ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ହେଲେ ସଂରକ୍ଷିତ ବର୍ଗର ବ୍ୟକ୍ତି ନାହାନ୍ତି। ତେବେ ଅନେକ ହିସାବନିକାଶ କରିବା ପରେ ସରକାର ଏହି ପାର୍ଶ୍ୱପ୍ରବେଶ ବ୍ୟବସ୍ଥା ଲାଗୁ କରିଛନ୍ତି। ଏବେ ଜଣାପଡୁଛି ଯେ, କେନ୍ଦ୍ର ସରକାର ଅତ୍ୟନ୍ତ ଚତୁରତାର ସହ ପାର୍ଶ୍ୱପ୍ରବେଶ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ପ୍ରଭୃତିଙ୍କ ଲାଗି ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଏଡ଼ାଇଯାଇଛନ୍ତି। ସରକାରଙ୍କ ଯୁକ୍ତି ହେଉଛି ପାର୍ଶ୍ୱପ୍ରବେଶ ବ୍ୟବସ୍ଥାରେ ସଂରକ୍ଷଣ ନୀତି ଲାଗୁ ହୋଇପାରିବ ନାହିଁ। କାରଣ ଏଥିରେ କେବଳ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶାସନିକ ସଂସ୍କାରର ପ୍ରମୁଖ ଅଂଶବିଶେଷ। ନିଜର କ୍ଷେତ୍ରାଧିକାରକୁ ସୁରକ୍ଷିତ କରିବା ଲାଗି ବାବୁମାନେ ପାର୍ଶ୍ୱପ୍ରବେଶକୁ ବିରୋଧ କରି ଆସୁଥିବା ବେଳେ ସରକାର ତାହାକୁ ଉପେକ୍ଷା କରି ଏହାକୁ କାର୍ଯ୍ୟକାରୀ କରିଚାଲିଛନ୍ତି।

Email: dilipcherian@gmail.com

# ନାରୀ ନିର୍ଯାତନା କାହିଁକି



ଡ. ରମେଶଚନ୍ଦ୍ର ପରିଡ଼ା

ଆମ ସଂସ୍କୃତିରେ ନାରୀକୁ ସମ୍ମାନାସ୍ପଦ ସ୍ଥାନ ପ୍ରଦାନ କରାଯାଇ ଆସିଛି। ସେଇଥିପାଇଁ କୁହାଯାଏ ଯେ, ନାରୀ ଯେଉଁଠି ପୂଜାପାଏ ସେଠାରେ ଦେବତା ବିଦ୍ୟମାନ ହୁଅନ୍ତି। ତଥାପି ସେ ଶାରୀରିକ ସାମର୍ଥ୍ୟରେ ନ୍ୟୂନ ଏବଂ ଅଧିକ ଭାବପ୍ରବଣ ଓ କୋମଳମନା ହୋଇଥିବାରୁ ବାସ୍ତବ ଜୀବନର କଠୋରତାର ସମ୍ମୁଖୀନ ହେବାରେ ପୁରୁଷ ନେଇଛି ଅଗ୍ରଣୀ ଭୂମିକା। ସମ୍ଭବତଃ ଏହି କାରଣରୁ ସମାଜରେ ବଢିଆସିଛି ପୁରୁଷ ପ୍ରାଧାନ୍ୟ ଏବଂ ପରବର୍ତ୍ତୀ ଅବସ୍ଥାରେ ତହିଁରୁ ଆରମ୍ଭ ହୋଇଛି ନାରୀ ନିର୍ଯାତନା- ଦ୍ରୌପଦୀ ବା ଅହଲ୍ୟା ଯୁଗରୁ ଆଜି ପର୍ଯ୍ୟନ୍ତ ତାହା ବ୍ୟାପ୍ତ ହୋଇଚାଲିଛି ବିବିଧ ରୂପରେ। ପରିଣାମସ୍ୱରୂପ, ସମାଜକୁ କେତେ ଯେ ମୂଲ୍ୟ ଦେବାକୁ ପଡିଛି ତାହାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ମହାଭାରତ ଯୁଦ୍ଧ ତ ଏକ ପୌରାଣିକ କାହାଣୀ, ତେବେ ନିକଟରେ (ମେ'୨୦୧୯) ଏଥିସମ୍ପର୍କରେ ଏକ ସୁନିର୍ଦ୍ଦିଷ୍ଟ ଆକଳନ ପ୍ରସ୍ତୁତ କରିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା।

ବିଶ୍ୱର ୩୫ ପ୍ରତିଶତ ନାରୀ ସେମାନଙ୍କ ଜୀବନକାଳ ମଧ୍ୟରେ ସ୍ୱାମୀ କିମ୍ବା ଅନ୍ୟ କେହି ପୁରୁଷ ଦ୍ୱାରା ଦୈହିକ ନତୁବା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି ବୋଲି ଏଥିରେ ସୂଚିତ କରାଯାଇଛି। ତେବେ, ବଡ଼ ପରିତାପର ବିଷୟ ଯେ, ତନ୍ମଧ୍ୟରୁ ପ୍ରାୟ ୬୮ ପ୍ରତିଶତ ହୋଇଥାଏ ବିବାହ ସମୟରେ ସ୍ତ୍ରୀଙ୍କୁ ସମସ୍ତ ସୁରକ୍ଷା ପ୍ରଦାନ କରିବା ଲାଗି ଅଗ୍ନିକୁ ସାକ୍ଷୀ ରଖି ପ୍ରତିଶ୍ରୁତି ଦେଇଥିବା ସ୍ୱାମୀଙ୍କ ଦ୍ୱାରା। ପୁନଶ୍ଚ ସମୁଦାୟ ନାରୀ ହତ୍ୟାର ୩୮ ଶତାଂଶ ସେହିମାନେ ହିଁ ଘଟାଇଥାନ୍ତି। ଅତଏବ ନାରୀ ନିର୍ଯାତନାର ଏକ ପ୍ରମୁଖ ଭାଗ ହେଲା ସ୍ତ୍ରୀ ନିର୍ଯାତନା। ଏପରି କି ସୁସଭ୍ୟ ବୋଲାଉଥିବା ଏବଂ ମାନବିକ ତଥା ନାରୀ ସ୍ୱାଧୀନତାର ପ୍ରବକ୍ତା ରୂପେ ଦାବି କରୁଥିବା ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରବର୍ଗ ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି। ଏଠାରେ ସ୍ତ୍ରୀ ନିର୍ଯାତନା ୨୩.୨ ଶତାଂଶ ହେଲାବେଳେ ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳରେ ୨୪.୬ ଶତାଂଶ ଏବଂ ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ ୩୭ ଶତାଂଶ। ଆମ ଦେଶ ଏ ଦୃଷ୍ଟିରୁ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ସବୁଠୁଁ ଅଗ୍ରଣୀ, ତାହା ୩୭.୬ ଶତାଂଶ।

ଇତିମଧ୍ୟରେ ପ୍ରକାଶ ପାଇଛି ଇକ୍ୟୁଆଲ୍ ମେଜର୍ସ-୨୦୩୦ ଦ୍ୱାରା ପ୍ରସ୍ତୁତ 'ସଷ୍ଟେନେବଲ୍ ଡେଭେଲପମେଣ୍ଟ ମୋଲସ୍-ଜେଣ୍ଡର୍ ଇଣ୍ଡେକ୍ସ' (ମେ' ୨୦୧୯)। 'ଦ ଆଫ୍ରିକାନ୍ ଓମେନ୍ସ କମ୍ୟୁନିକେଶନ୍ ଆଣ୍ଡ ଡେଭେଲପମେଣ୍ଟ', 'ମିଲ୍ ଆଣ୍ଡ ମାଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍', 'ଓମେନ୍ସ ହେଲ୍ଥ କୋଆଲିଶନ' ଏବଂ 'ପ୍ଲାନ ଇଣ୍ଟରନ୍ୟାଶନାଲ' ଭଳି ସ୍ୱନାମଧନ୍ୟ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ସହଯୋଗିତା ଏବଂ ସହଭାଗିତାରେ ପ୍ରତିଷ୍ଠିତ ଏହି ସଂସ୍ଥାର ଆକଳନ ଅନୁସାରେ ପୃଥିବୀରେ ଏଭଳି କୌଣସି ଦେଶ ନାହିଁ ଯେଉଁଠି କି ଲିଙ୍ଗଗତ ସମାନତା ରହିଛି। ତେବେ, ଏହି ସୂଚକାଙ୍କରେ ଶୀର୍ଷରେ ଥିବା ଦେଶଗୁଡିକ ହେଲେ ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ସ୍ୱିଡେନ, ନରୱେ, ସୁଇଜରଲାଣ୍ଡ, ସ୍ଲୋଭେନିଆ, ଜର୍ମାନୀ, କାନାଡା, ଆୟର୍ଲାଣ୍ଡ, କାନାଡା ଏବଂ ସର୍ବନିମ୍ନରେ ଅଛନ୍ତି ସିରୋଲିଓନେ, ଲାଇବେରିଆ, ନାଇଜେରିଆ, ମାଲି, ମାହରିଟାନିଆ, ନାଇଗର୍, ୟେମେନ୍, କଙ୍ଗୋ, ଡି ଆର୍ କଙ୍ଗୋ ଓ ଚାଡ୍।

ଏହାର ପ୍ରସ୍ତୁତି ଲାଗି ବିଚାରକୁ ନିଆଯାଇଥିବା ୫୧ଟି ସୂଚକ ମଧ୍ୟରେ ଥିଲା 'ସଷ୍ଟେନେବ୍‌ଲ ଡେଭେଲପମେଣ୍ଟ ଗୋଲସ୍'ରେ ଥିବା ୧୪ଟି। ଉକ୍ତ ସୂଚକଗୁଡିକ ମୁଖ୍ୟତଃ ବାଳିକା ଏବଂ ନାରୀମାନଙ୍କ ସମସ୍ୟା ସମ୍ପର୍କିତ ଥିଲା। ଏଥିରେ ଗଣନା ପାଇଁ ବ୍ୟବହୃତ ପରିମାପକରେ ଥିଲା ଶୂନଠାରୁ ୧୦୦ ପର୍ଯ୍ୟନ୍ତ ଅଙ୍କ। ଆମ ଦେଶ ତହିଁରୁ ହାସଲ କରିଛି ୫୬.୨। ଅତଏବ ତାହା ଅଧ୍ୟୟନ ପରିସରଭୁକ୍ତ ହୋଇଥିବା ୧୨୯ଟି ଦେଶ ମଧ୍ୟରେ ୯୫ତମ ସ୍ଥାନ ଅଧିକାର କରି 'ଅତି ନିମ୍ନମାନର' ୪୩ଟି ଦେଶ ତାଲିକାର ଅନ୍ତର୍ଭୁକ୍ତ ହୋଇଛି। ଅନ୍ୟପକ୍ଷରେ ବିଶ୍ୱର ହାରାହାରି ହାସଲ ସଂଖ୍ୟା ହେଉଛି ୬୫.୭ (୧୦୦ରୁ), ଯାହାକି ଅତି ନିମ୍ନମାନର ବୋଲି ବିଚାର କରାଯାଏ। ଅତଏବ ସାରା ଦୁନିଆରେ ପ୍ରାୟ ୧.୪ ହଜାର ନିୟୁତ (୪୦%) ଝିଅ ଏବଂ ନାରୀ ଲିଙ୍ଗୀୟ ସମାନତାର ବହୁମାତ୍ରାରେ ତଳେ ଥିବାବେଳେ ଆହୁରି ୧.୪ ହଜାର ନିୟୁତ (ବିଲିୟନ୍) କେବଳ ଏହା ପାଖାପାଖି ଅଛନ୍ତି।

ପୁରୁଷଠାରେ ନାରୀ ନିର୍ଯାତନାକାରୀ ମନୋଭାବ ଉଦ୍ରେକ ହେବାର କିଛି କାରଣ ମଧ୍ୟ ନିର୍ଦ୍ଧାରଣ କରିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା। ଅଧିକାଂଶ ସ୍ଥଳେ ନାରୀ କମ୍ ଶିକ୍ଷିତା ବା ଶିକ୍ଷାରହିତା ହେବା ଏବଂ ତା'ର ଶାରୀରିକ ସାମର୍ଥ୍ୟର ସ୍ୱଳ୍ପତାକୁ ଏହା ଏଥିପାଇଁ ଦାୟୀ କରିଛି। ଏହା ବ୍ୟତୀତ ସାଧାରଣତଃ କନ୍ୟାମାନେ ପରିବାର ମଧ୍ୟରେ ଅବହେଳିତ ହୋଇଥାନ୍ତି ଏବଂ ଅନେକ ସ୍ଥଳେ ସେମାନେ ସେମାନଙ୍କ ମା'ମାନେ ବାପାଙ୍କ ଦ୍ୱାରା ନିର୍ଯାତିତା ହେବାର ଦେଖିଆସନ୍ତି। ଏଣୁ ପିଲାଦିନୁ ତାଙ୍କଠାରେ ହୀନମନ୍ୟତା ସୃଷ୍ଟି ହୁଏ ଏବଂ ସେମାନେ ପରବର୍ତ୍ତୀ ଜୀବନରେ ନିର୍ଯାତନାକୁ ବିନା ପ୍ରତିବାଦରେ ଗ୍ରହଣ କରିନିଅନ୍ତି, ଯାହାକି ପୁରୁଷର ଏ ମନୋଭାବକୁ ତ୍ୱରାନ୍ୱିତ କରେ। ତେବେ ଏହାର କୁପରିଣାମ ପ୍ରତିଫଳିତ ହୁଏ ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ। ଉଦାହରଣସ୍ୱରୂପ, (୧) କମ୍ ବୟସରେ ଯୌନ ନିର୍ଯାତନା ପରବର୍ତ୍ତୀ ଜୀବନରେ ତାକୁ ଧୂମପାନ, ମଦ୍ୟପାନ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ପ୍ରତି ଆକୃଷ୍ଟ କରେ ଏବଂ ତା'ର ସଙ୍କଟମୟ ଯୌନ ଆଚରଣର କାରଣହୁଏ। (୨) ପ୍ରାୟ ୪୨ ପ୍ରତିଶତ ନିର୍ଯାତିତା ନାରୀଙ୍କଠାରେ କୌଣସି ନା କୌଣସି ପ୍ରକାର ସ୍ଥାୟୀ କ୍ଷତ ସୃଷ୍ଟି ହୋଇଥାଏ, ଯାହାକି ଅନେକସ୍ଥଳେ ତାଙ୍କର ଶାରୀରିକ ସକ୍ରିୟତା ହ୍ରାସ କରେ। (୩) ସ୍ୱାମୀଠାରୁ ନିୟମିତ ଦୈହିକ କିମ୍ବା ଯୌନ ନିର୍ଯାତନା ଭୋଗ କରୁଥିବା ନାରୀର ଏଡ୍‌ସ ସମେତ ବିବିଧ ଯୌନବ୍ୟାଧିର ଶିକାର ହେବାର ସମ୍ଭାବନା ଦେଢ଼ଗୁଣ ଅଧିକ। (୪) ଏହା ତାଙ୍କଠାରେ ମାନସିକ ଚାପ, ଦୁଶ୍ଚିନ୍ତା, ନିଦ୍ରାହୀନତା, ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଆତ୍ମହତ୍ୟା କରିବାର ମନୋଭାବ ସୃଷ୍ଟିକରେ। (୫) ସେମାନେ ଦୀର୍ଘସ୍ଥାୟୀ ମୁଣ୍ଡବ୍ୟଥା, ଅଣ୍ଟାରେ ଯନ୍ତ୍ରଣା, ତଳିପେଟରେ ଯନ୍ତ୍ରଣା, ଜଠରାନ୍ତ୍ରିକ ବିଶୃଙ୍ଖଳା, ଚଳତ୍‌ଶକ୍ତି ହ୍ରାସ ଏବଂ ସାମଗ୍ରିକ ଭାବେ ଅସୁସ୍ଥତା ଅନୁଭବ କରନ୍ତି। (୬) ଏହି ନାରୀମାନଙ୍କ କ୍ଷେତ୍ରରେ ଗର୍ଭପାତର ଏବଂ ଶାରୀରିକ ତଥା ମାନସିକ ରୁଗ୍ଣ ସନ୍ତାନ ଜନ୍ମଦେବାର ସମ୍ଭାବନା ପ୍ରାୟ ଦୁଇଗୁଣ ଅଧିକ।

ଏ ସମସ୍ତ ବିଚାରକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ସତର୍କବାଣୀ ଶୁଣାଇଛି ଯେ ସ୍ତ୍ରୀ ବା ନାରୀଙ୍କ ପ୍ରତି ହିଂସା ଆଚରଣ କେବଳ ତାଙ୍କର ମାନବିକ ଅଧିକାର କ୍ଷୁଣ୍ଣ କରେନା, ସେଥିସହିତ ତାହା ସୃଷ୍ଟି କରେ ଏକ ବୃହତ୍ ଜନସ୍ୱାସ୍ଥ୍ୟ ସମସ୍ୟା। ମାନବସମ୍ବଳ ତଥା ସାମାଜିକ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ଆକଳନ କରାଗଲେ ତାହା ଅଜସ୍ର ହେବ। ଏଣୁ ଏହା ଜାତିସଂଘ ଏବଂ ଅନ୍ୟାନ୍ୟ କିଛି ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ 'ରେସ୍‌ପେକ୍ଟ' ନାମକ ଏକ ମାର୍ଗଦର୍ଶିକାର ବିକାଶ କରିଛି ଏବଂ ନାରୀ ନିର୍ଯାତନାର ପ୍ରତିକାର ଲାଗି ସରକାରମାନଙ୍କୁ ଏହା ଅନୁସରଣ କରିବା ଲାଗି ସୂଚିତ କରିଛି।

ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ-୯୯୩୭୯୮୫୭୬୭

# ସୁନାବେଶେ ଉଭା ପ୍ରଭୁ କାଳିଆ ସାଆନ୍ତ



ଡ. କିଶୋର ମହାନ୍ତି

ଶ୍ରୀକ୍ଷେତ୍ରରେ ବାରମାସରେ ତେରପର୍ବ ଅପୂର୍ବ ଓ ଅବର୍ଣ୍ଣନୀୟ, ଯେଉଁଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ପ୍ରକାର ବର୍ଣ୍ଣିଳ ଭବ୍ୟ ରୂପ ଶ୍ରଦ୍ଧାଳୁମାନଙ୍କର ମନକୁ ଆକର୍ଷି ନେଇଥାଏ। ସେଇସବୁ ବେଶ ମଧ୍ୟରୁ ଅବକାଶ ବେଶ, ବଡସିଂହାର ବେଶ, ସୁନାବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ଘୋଡ଼ଲାଗି ବେଶ, ନବାଙ୍କ ବେଶ, ବନଭୋଜି ବେଶ, କାଳୀୟ ଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣବଳରାମ ବେଶ, ରାଧାଦାମୋଦର ବେଶ, ଠିଆକିଆ ବେଶ, ଡାଳିକିଆ ବେଶ, ନାଗାର୍ଜୁନ ବେଶ, ରାଜରାଜେଶ୍ୱର ବେଶ, ବାମନ ବେଶ, ଶ୍ରାଦ୍ଧ ବେଶ, ଚାଚେରୀ ବେଶ ପ୍ରଧାନ।

ମହାପ୍ରଭୁଙ୍କ ସୁନା ବେଶ ଓ ଗଜାନନ ବେଶ ଆକର୍ଷଣୀୟ। ଶହ ଶହ ଭକ୍ତ ଏହି ଭବ୍ୟରୂପକୁ ତୃଷିତ ନୟନରେ ଦର୍ଶନ କରିଥାନ୍ତି। ମହାପ୍ରଭୁଙ୍କର ସୁନାବେଶ ପ୍ରାୟତଃ ବର୍ଷକୁ ପାଞ୍ଚ ଥର ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ସଂସ୍କୃତିର ଗବେଷକଙ୍କ ମତରେ ୧୨୩୨ ଖ୍ରୀଷ୍ଟାବ୍ଦରୁ ଏହି ରୀତି ପ୍ରଚଳିତ ହୋଇଆସୁଛି। ଏହି ପାଞ୍ଚୋଟି ସୁନାବେଶରୁ କେବଳ ଆଷାଢ଼ ଶୁକ୍ଳ ଏକାଦଶୀରେ ବା ବାହୁଡ଼ା ପରଦିନ ସିଂହଦ୍ୱାର ସମ୍ମୁଖରେ ମହାର୍ଘ ସୁବର୍ଣ୍ଣବେଶ ପ୍ରଚଳିତ ହୋଇଆସୁଛି। ବଡ଼ଦାଣ୍ଡରେ ରଥ ଉପରେ ଥିଲା ବେଳେ ପ୍ରଭୁଙ୍କର ଏହି ବେଶ ହୋଇଥାଏ। ବାକି ଚାରୋଟି ବେଶ ଅନ୍ୟାନ୍ୟ ଦିବସରେ ହୋଇଥାଏ, ଯଥା ମାଘ ପୂର୍ଣ୍ଣିମା, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ପୌଷ ପୂର୍ଣ୍ଣିମା।

କୁହାଯାଇଛି ଜଗନ୍ନାଥ ଷୋଳକଳା- ସେ ଯଥାର୍ଥରେ କଳାର ଠାକୁର। ଏହି ମାଟିର କବି ଜୟଦେବକୃତ ଗୀତଗୋବିନ୍ଦର ପ୍ରାରମ୍ଭରୁ ହିଁ କବି ରାଧାମାଧବଙ୍କୁ ସ୍ମରଣ କରିଛନ୍ତି। ତାଙ୍କ ରୂପ ବର୍ଣ୍ଣନାରେ ସେ ସିଦ୍ଧହସ୍ତ। ରାଧାମାଧବଙ୍କୁ ସେ ନାୟକନାୟିକା ଭାବରେ ଆଖ୍ୟାୟିତ କରିଛନ୍ତି ତାଙ୍କ କାବ୍ୟରେ, କିନ୍ତୁ ପ୍ରେମମୟ ଠାକୁରଙ୍କର ଅନନ୍ୟ କଳା ପ୍ରୀତି ଅନ୍ୟତ୍ର ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି-

''କିବା ଚବିଶ ଅବତାର,
କଳ୍ପିତ ବେଶେ ତୋ ପ୍ରଚାର।
ନାହିଁ ସେ ବେଶର ଉପମା,
ବାକ୍ୟେ କେ ବର୍ଣ୍ଣିବ ମହିମା।''

କଳାପ୍ରେମୀ ସେବକ ସିଂହାରୀ ପୁଷ୍ପାଳକଗଣ ମହାପ୍ରଭୁଙ୍କର ଏହି ଭବ୍ୟ ବେଶ ସମ୍ପାଦନ କରିଥାନ୍ତି। ମହାପ୍ରଭୁଙ୍କର ବେଶକର୍ମ ନିର୍ବାହ ନିମନ୍ତେ ସେବା ନିଯୋଗର 'ମେକାପ' ସଂଜ୍ଞକ ସେବକଙ୍କ ସମ୍ପୃକ୍ତି ବାସ୍ତବରେ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ପ୍ରଭୁ ଶ୍ରୀମଧୁସୂଦନଙ୍କର ମଥୁରା ଯାତ୍ରା ହେଉ ଅବା ଶ୍ରୀମନ୍ଦିରରୁ ବାହାରି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବଡ଼ଦାଣ୍ଡରେ ତାଙ୍କର ନବଦିନାତ୍ମକ ଯାତ୍ରା, ସବୁରି ମୂଳରେ ନିଜର ଅନନ୍ତ ଲୀଳା ପରିପ୍ରକାଶ କରିବା ହେଉଛି ତାଙ୍କର ମୁଖ୍ୟ ଅଭିଳାଷ। ରତ୍ନ ସିଂହାସନରୁ ଓହ୍ଲାଇ ଶହ ଶହ ଭକ୍ତଙ୍କୁ ଭେଟିବାର ଦୁର୍ବାର ପ୍ରୟାସ ଇଏ। ଭକ୍ତ ତାଙ୍କର ପ୍ରାଣଧନ। ସେ ଭାବବିନୋଦିଆ ହରି, ସେମାନଙ୍କ ସହ ଭାବଗତ ସମ୍ପର୍କର ତୁଳନା ନାହିଁ- ଭକ୍ତ ତାଙ୍କ ରୂପକାନ୍ତିରେ ବିମୁଗ୍ଧ ହୋଇ ଗାଇଛି-

''ଚାଲ ସଖୀ ଆମେ ଦର୍ଶନ କରିବା
ନୀଳଗିରି କାଳିଆକୁ,
କେଉଁ ସୁରପତି ବେଶ କରିଅଛି
ଗିରିବର ତୋଳିଆକୁ...।''

ପ୍ରକୃତରେ ଭକ୍ତସମୂହ ବଡ଼ଦାଣ୍ଡରେ ତିନିରଥରେ ବିଜେ ଶ୍ରୀଜୀଉମାନଙ୍କର ସୁନାବେଶ ଦେଖି ଆତ୍ମବିଭୋର ହୋଇଉଠନ୍ତି। ତିନି ମୂର୍ତ୍ତିଙ୍କର ଅଙ୍ଗରେ ସିଂହାରୀ ଶାଢି ଖଣ୍ଟୁଆ ଲାଗି କରାଇବା ପରେ କେବଳ ଶ୍ରୀଜଗନ୍ନାଥ ଓ ବଳରାମଙ୍କର ଶ୍ରୀହସ୍ତରେ ନେତପୁଟ ପରିଧାନ କରାଇଥାନ୍ତି। ପ୍ରଭୁଙ୍କର ଅଙ୍ଗଲାଗି ନିମନ୍ତେ ସୁବର୍ଣ୍ଣ ଆଭୂଷଣ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଗଚ୍ଛିତ ହୋଇ ରହିଥାଏ। ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ବଡ଼ ସତର୍କତା ସହିତ ସ୍ୱର୍ଣ୍ଣ ଆଭୂଷଣଗୁଡ଼ିକ ରଥ ଉପରକୁ ଅଣାଯାଇଥାଏ। ପ୍ରଭୁଙ୍କ ପାଇଁ ଆସିଥିବା ସ୍ୱର୍ଣ୍ଣ ଅଳଙ୍କାର ଶ୍ରୀପୟର, ଶ୍ରୀଭୁଜରେ ଲାଗି କରାଯାଏ। ଆହୁରି ଆଶ୍ଚର୍ଯ୍ୟ ଲାଗେ ସେହି ଅଙ୍ଗୁଳିଗୁଡ଼ିକରେ ସ୍ୱର୍ଣ୍ଣ ଅଙ୍ଗୁରୀୟ ମଧ୍ୟ ଖଞ୍ଜା ଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତରେ ରୌପ୍ୟ ନିର୍ମିତ ପଞ୍ଚଜନ୍ୟ ଓ ଡାହାଣ ଭୁଜରେ ସ୍ୱର୍ଣ୍ଣନିର୍ମିତ ସୁଦର୍ଶନ ଚକ୍ର ମଧ୍ୟ ଲଗାଯାଇଥାଏ। ମସ୍ତକରେ ମୁକୁଟ ପରିଧାନ ଆହୁରି ଶୋଭାବର୍ଦ୍ଧନ କରେ। ଶ୍ରୀଜଗନ୍ନାଥ ଏବଂ ବଳଦେବଙ୍କ ମୁକୁଟ ଉପରେ ମୟୂରଚୂଳ ନାମକ ସ୍ୱର୍ଣ୍ଣ ଅଳଙ୍କାର ଖଞ୍ଜା ଯାଇଥାଏ। ତାହା ଚନ୍ଦ୍ରିକା ଭାବରେ ପରିଚିତ। ମାତା ସୁଭଦ୍ରାଙ୍କ କର୍ଣ୍ଣରେ ତଡ଼କୀ ନାମକ ସ୍ୱତନ୍ତ୍ର ଅଳଙ୍କାର ଲାଗିଥାଏ। ସେମାନଙ୍କର ଦୁଇ କର୍ଣ୍ଣରେ କର୍ଣ୍ଣକୁଣ୍ଡଳ ଶୋଭା ବର୍ଦ୍ଧନରେ ବିଶେଷ ସହାୟକ ହୋଇଥାଏ। ସୁଦର୍ଶନ ସ୍ୱର୍ଣ୍ଣମୁକୁଟ ପରିଧାନ କରିଥାନ୍ତି।

ବଡ଼ କୌତୂହଳପ୍ରଦ କଥା ହେଲା, ପ୍ରଭୁ ଓଡ଼ିଆଙ୍କ ରୂପରେ ଉଭା ହୋଇଥାନ୍ତି। ପାରମ୍ପରିକ ଢଙ୍ଗରେ ଓଡ଼ିଆ ପରିବାର ଗ୍ରାମ୍ୟବଧୂ କଟିରେ ପିନ୍ଧୁଥିବା ଚନ୍ଦ୍ରହାର, ଗୋଠ, ପାହୁଡ଼, କଟିମେଖଳା ଆଦି ଠାକୁରଙ୍କୁ ବେଶ୍ ମାନୁଥାଏ। ଅନ୍ୟାନ୍ୟ ଅଳଙ୍କାର ମଧ୍ୟରେ ତାବିଜ, ହରିଡ଼ାକଦମ୍ବ ମାଳି, ବାଘନଖୀ ମାଳି, କଦମ୍ବ ମାଳି, ସେବତୀ ମାଳି ପ୍ରଭୃତି ଆଭୂଷଣରେ ସଜାଇ ଦିଆଯାଇଥାଏ। ପୁଷ୍ପନିର୍ମିତ ନାକୁଆସି, ଝୁମ୍ପା, ଅଧରଚୁମ୍ବିତ ମାଳା ବ୍ୟବହୃତ ହୋଇଥାଏ। ଏହିପରି ସକଳ ପରିପାଟୀରେ ଦାରୁବିଗ୍ରହ ଜନମନକୁ ଆକର୍ଷି ନିଅନ୍ତି । ଏହି ଅମୃତମୟ ଦୃଶ୍ୟ ଯେତିକି ମନୋମୋହକର ସେତିକି ଚିତ୍ତବିନୋଦକ। ମହାପ୍ରଭୁଙ୍କର ଏପରି ବିରଳ ବର୍ଣ୍ଣାଢ଼୍ୟ ଦୃଶ୍ୟ ଦେଖିବାର ସୁଯୋଗ ସମସ୍ତେ ପାଇ ପାରନ୍ତିନି। ପ୍ରଭୁଙ୍କର ଡୋରି ଲାଗିଲେ ଯାଇ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଦେଖିହୁଏ। ଦେଖିବାର ଅପୂର୍ବ ସୁଯୋଗ ମିଳେ ପ୍ରଭୁଙ୍କର ରାଜବେଶ। ରଥ ଉପରେ ଏ ବେଶକୁ ବଡ଼ତଡ଼ାଉ ବେଶ କୁହାଯାଏ। ପ୍ରକୃତି ଓ ପୁରୁଷକୁ ଆପଣେଇ ନେଉଥିବା ଜଗତର ନାଥ ଜଗନ୍ନାଥ ଏକ ରହସ୍ୟମୟ ଦେବତା ହେଲେ ହେଁ ସେ ଯେ ସୌନ୍ଦର୍ଯ୍ୟପ୍ରିୟ, ରସିକ, ପ୍ରେମୀ ଓ ଭକ୍ତର ବନ୍ଧୁ ଏହା ତାଙ୍କର ବିଭିନ୍ନ ବେଶ ଓ ରଥଯାତ୍ରାରୁ ପ୍ରମାଣିତ ହୋଇଥାଏ।

ଇ-୫୦, ସେକ୍ଟର-୭, ସିଡିଏ, କଟକ,
ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

ବିଲୁପ୍ତପ୍ରାୟ ପକ୍ଷୀଙ୍କ ପାଇଁ ରହିଛି ରେସ୍ତୋରାଁ। ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଆମ ଦେଶର କାନପୁରର ଜୁଲୋଜିକାଲ ପାର୍କରେ ଖୋଲିଛି ଏହି ରେସ୍ତୋରାଁ। କେବଳ ବିଲୁପ୍ତପ୍ରାୟ ପକ୍ଷୀଙ୍କ ପାଇଁ ଖୋଲାଯାଇଛି ଏହି ନିଆରା ରେସ୍ତୋରାଁ। ଏହାଦ୍ୱାରା ୨ଟି ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଗୋଟିଏ ହେଉଛି ମୃତ ପଶୁପକ୍ଷୀଙ୍କୁ ଏଣେତେଣେ ଫୋପାଡି ପରିବେଶ ଦୂଷିତ କରିବା ପ୍ରକ୍ରିୟାକୁ ରୋକିବା ଓ ଅନ୍ୟଟି ହେଉଛି ବିଲୁପ୍ତପ୍ରାୟ ଶାଗୁଣା ଓ ଚିଲଙ୍କ ବଂଶବୃଦ୍ଧି କରିବା। ଶାଗୁଣା ଏକାଠି ହେଲେ ବସା ବାନ୍ଧିବେ। ପରେ ସେମାନଙ୍କ ବଂଶବୃଦ୍ଧି ହୋଇପାରିବ। ଏହା ହେଉଛି ଏକ ଓପନ୍ ରେସ୍ତୋରାଁ। ଚାରିପଟରେ ଗଛ। ମଝିରେ ମଝିରେ କାଠର ବାଡା ଲଗାଯାଇ ଖୋଲା ଆକାଶ ତଳେ ଏହି ରେସ୍ତୋରାଁ ତିଆରି କରାଯାଇଛି। ତେବେ ଚିଲ, ଶାଗୁଣାଙ୍କ ପରି ଅନ୍ୟ ଶିକାରି ପକ୍ଷୀଙ୍କ ଆଗମନକୁ ବାରଣ କରାଯାଇ ନାହିଁ। ମଝିରେ ମଝିରେ ଥିବା କାଠର ବାଡା ଉପରେ ଆରାମରେ ଖାଦ୍ୟ ଖାଇବା ସହ ପୋଖରୀରୁ ପାଣି ପିଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଠାରେ ଥିବା ପ୍ରାଣୀ ଚିକିତ୍ସକଙ୍କ ମତରେ ପୂର୍ବରୁ ମୃତ ପଶୁପକ୍ଷୀଙ୍କୁ ଏଣେତେଣେ ପକାଯାଉଥିଲା। ବର୍ଷା ସମୟରେ ଏଥିରୁ ଦୁର୍ଗନ୍ଧ ବାହାରି ପରିବେଶ ଦୂଷିତ ହେଉଥିଲା। ଏବେ ଏହି ରେସ୍ତୋରାଁ ଖୋଲିବା ଫଳରେ ପକ୍ଷୀ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି। ଅନ୍ୟପଟେ ବିଲୁପ୍ତପ୍ରାୟ ପକ୍ଷୀଙ୍କର ସଂରକ୍ଷଣ ବି ହୋଇପାରୁଛି।

## ଚିରନ୍ତନୀ

ଜୀବନ-ସମସ୍ୟା ଯେଣୁ ଦିନୁଁ ଦିନୁଁ ହୁଅଇ ଜଟିଳ
ଆଚାର-ବିଧାନ-ଗ୍ରନ୍ଥି ହେଉଅଛି ଅଧିକ ଶିଥିଳ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁଲାଇ ୧୯୯୪

- ଗୁପ୍ତଚର କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ପାକିସ୍ତାନର ଜଣେ କୂଟନୀତିଜ୍ଞଙ୍କୁ ଭାରତରୁ ବହିଷ୍କାର କରାଯାଇଛି।
- ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଦେଶରେ ୯୬୧ଟି ହସ୍ତତନ୍ତ ଉନ୍ନୟନ କେନ୍ଦ୍ର ଏବଂ ୧୪୫ଟି ଉନ୍ନତ ଧରଣର ସୂତା ରଙ୍ଗେଇ ୟୁନିଟ୍ ପ୍ରତିଷ୍ଠା ହେବା ନେଇ ନିଷ୍ପତ୍ତି ନିଆଯାଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | | 5 | A | | | | | | | 4 | | | E |
| | | | | 3 | 0 | | 4 | | | | | 6 | | |
| | 6 | 0 | | | | 7 | B | 3 | 1 | | | | | |
| | | 4 | | E | 6 | 5 | 0 | | | | B | 7 | A | D |
| | 5 | | | | | | | | 3 | A | | B | 2 | |
| | 1 | | | | E | | C | | 9 | | | 0 | | |
| | C | | D | | 1 | 8 | 3 | 7 | | | | | | |
| 4 | | 3 | | C | B | | E | | | | D | | | |
| 8 | | | | | | A | | 5 | | B | | | | 2 |
| | | | | | | D | | | | | | | 6 | |
| | | | 9 | B | 3 | 0 | | | | | 1 | | 7 | |
| 3 | | | A | | 2 | 9 | | | | | | | 0 | |
| 7 | 2 | 1 | C | D | | | | | | | | E | | |
| D | | 5 | | 7 | | 4 | | | | 9 | | | | |
| 9 | 8 | | | 1 | | B | | | | 2 | | 4 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | C | 8 | 9 | 0 | 5 | A | D | E | 4 | 3 | 6 | 1 | B |
| E | 8 | D | 1 | A | 2 | 3 | B | 4 | 0 | 6 | 9 | 5 | 7 | C |
| 1 | B | 0 | 3 | 6 | 7 | 2 | 8 | E | A | C | 5 | D | 4 | 9 |
| 9 | 5 | 3 | E | D | 4 | 7 | C | 6 | B | 2 | 1 | 8 | A | 0 |
| 6 | A | 4 | 5 | C | B | 0 | 1 | 9 | 8 | 7 | D | 2 | E | 3 |
| D | 9 | B | 6 | 0 | C | A | E | 3 | 7 | 8 | 2 | 1 | 5 | 4 |
| 5 | E | A | 2 | 4 | 1 | 8 | 9 | 0 | 6 | 3 | C | B | D | 7 |
| 0 | C | 6 | A | 7 | 8 | 4 | D | B | 5 | 1 | E | 9 | 3 | 2 |
| 8 | 3 | 7 | 9 | E | 5 | 6 | 2 | 1 | D | B | 4 | 0 | C | A |
| 4 | 2 | 1 | B | 3 | D | C | 7 | 5 | 9 | 0 | A | E | 8 | 6 |
| C | 4 | 5 | 7 | 1 | 6 | 9 | 0 | 2 | 3 | E | 8 | A | B | D |
| B | 1 | 9 | 4 | 2 | E | D | 6 | A | C | 5 | 7 | 3 | 0 | 8 |
| A | 6 | 2 | C | B | 3 | 1 | 5 | 8 | 4 | D | 0 | 7 | 9 | E |
| 3 | 0 | 8 | D | 5 | 9 | E | 4 | 7 | 2 | A | B | C | 6 | 1 |
| 7 | D | E | 0 | 8 | A | B | 3 | C | 1 | 9 | 6 | 4 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରେଣୀ ପରୀକ୍ଷା କଡ଼ା ହେଉ

ମହାଶୟ,

ଏବେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡିକରେ ଦଶମ ଯାଏ ରୀତିମତ ପଢା ଆଦାୟ ନ ହେବା ସହ ଶ୍ରେଣୀ ପରୀକ୍ଷାଗୁଡିକ ଠିକ୍ ମାର୍ଗରେ ସମ୍ପାଦିତ ହେଉ ନ ଥିବାରୁ ପିଲାମାନେ ଶ୍ରେଣୀ ପରୀକ୍ଷାରେ ଭଲ ନମ୍ବର ରଖିଲେ ମଧ୍ୟ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖିବାକୁ ଅସମର୍ଥ ହେଉଛନ୍ତି। କିଛି ଅର୍ଥଲୋଭୀ ଟ୍ୟୁଶନ ଶିକ୍ଷକ ବିଭିନ୍ନ ଶ୍ରେଣୀର ବୋଝେ ବୋଝେ ପିଲା ଏକତ୍ର ବସାଇ ପିଲାଙ୍କ ଜ୍ଞାନବୃଦ୍ଧି ଅପେକ୍ଷା ନିଜର ଧନବୃଦ୍ଧିରେ ବେଶି ଧ୍ୟାନ ଦେଇ ପିଲାଙ୍କୁ ଶୋଷଣ କରିଚାଲିଛନ୍ତି। ଫଳତଃ ଅଧିକାଂଶ ପିଲା ମାଟ୍ରିକ ପରୀକ୍ଷାରେ ନୈରାଶ୍ୟ ପ୍ରଦର୍ଶନ କରୁଛନ୍ତି। ଏଣୁ ମୂଳରୁ ଶ୍ରେଣୀ ପରୀକ୍ଷାକୁ କଡ଼ାକଡ଼ି ଭାବେ ସମ୍ପାଦନ କରାଯିବା ଉଚିତ। ଏହାଦ୍ୱାରା ଟ୍ୟୁଶନ କରୁଥିବା ଶିକ୍ଷକଙ୍କ ଶିକ୍ଷାଦାନଗତ ଦକ୍ଷତା, ପିଲାଙ୍କ ପ୍ରକୃତ ପ୍ରାପ୍ତାଙ୍କ ଓ ଅଗ୍ରଗତି ସାମ୍ନାକୁ ଆସିପାରନ୍ତା। ଅଭିଭାବକମାନେ ବି ସଚେତନ ହୁଅନ୍ତେ।

ରାଜକୁମାର ସାମଲ, ଅରେଇ, ଯାଜପୁର

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ପଛୁଆ

ଏବେ ମଧ୍ୟ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ପଛୁଆ ରାଜ୍ୟ। ନୀତି ଆୟୋଗଙ୍କ ଦ୍ୱାରା ୨୦୧୭-୧୮ ବର୍ଷ ପାଇଁ ପ୍ରସ୍ତୁତ ସ୍ୱାସ୍ଥ୍ୟସୂଚୀରେ ଓଡ଼ିଶା ପୂର୍ବବର୍ଷ ସୂଚୀର ୧୮ଶ ସ୍ଥାନରୁ ୧୯ଶ ସ୍ଥାନକୁ ଖସିଆସିଛି। ଏହି ସୂଚୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତାଲିକାରେ ଅଛନ୍ତି ଯଥାକ୍ରମେ କେରଳ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର। ଚତୁର୍ଥ, ପଞ୍ଚମ ଓ ଷଷ୍ଠ ତାଲିକାରେ ଅଛନ୍ତି ଯଥାକ୍ରମେ ଗୁଜରାଟ, ପଞ୍ଜାବ ଓ ହିମାଚଳପ୍ରଦେଶ। ସୂଚୀର ଶେଷରେ ଅଛନ୍ତି ଉତ୍ତରପ୍ରଦେଶ ଓ ବିହାର। ଏହି ସୂଚୀରୁ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅବନତିର ସ୍ପଷ୍ଟ ପ୍ରମାଣ ମିଳୁଛି। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଓ ଦୁର୍ବଳ ଭିତ୍ତିଭୂମି ଏଭଳି ଦୁଃସ୍ଥିର ମୂଳକାରଣ। ଓଡ଼ିଶାର ସବୁଠାରୁ ବଡ଼ ମେଡିକାଲ ଏସ୍‌ସିବିରେ ୫୫୯ ଜଣ ବରିଷ୍ଠ ଡାକ୍ତରଙ୍କ ମଧ୍ୟରୁ ୧୭୭ଟି ପଦବୀ ଓ ୧୦୦୦ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରୁ ୪୮୫ ପଦବୀ ଖାଲିପଡିଛି। ରାଜ୍ୟର ସବୁ ଡାକ୍ତରଖାନାରେ ଏହିଭଳି ଡାକ୍ତର ଓ କର୍ମଚାରୀ ମରୁଡ଼ି। ଏଣୁ ସ୍ୱାସ୍ଥ୍ୟସେବାରେ ରାଜ୍ୟକୁ ଆଗେଇ ନେବା ପାଇଁ ନୂଆ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦାୟିତ୍ୱ ଯଥେଷ୍ଟ ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନିଶା ମାଫିଆଙ୍କ ଉପରେ ପୋଲିସ ଛାଟ**

# ଦୁଇଦିନରେ ୨୮ ନିଶା ବେପାରୀ ଗିରଫ

- ଦ୍ୱିତୀୟ ଦିନରେ ଧରାପଡ଼ିଲେ ୧୨
- ବିପୁଳ ଗଞ୍ଜେଇ, ବ୍ରାଉନ ସୁଗାର ଜବତ
- ହୋଲ୍‌ସେଲର, ମାଷ୍ଟରମାଇଣ୍ଡ୍ ଧରାହେବେ କେବେ?

**ଭୁବନେଶ୍ୱର,୧୨।୭(ବ୍ୟୁରୋ)/ ଜଟଣୀ/ ଝାଁଲା/ ବାରଙ୍ଗ (ଡି.ଏନ୍.ଏ.)**

ରାଜଧାନୀ ଓ ଉପକଣ୍ଠରେ ନିଶାମାଫିଆ ଆଡ୍ଡା ଜମାଇ ବଡ଼ ବଡ଼ ଅପରାଧ ଘଟାଇଚାଲିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ପୋଲିସର ନିଦ ଭାଙ୍ଗିଛି। ନିଶା ମାଫିଆମାନଙ୍କୁ ସାବାଡ୍ କରିବା ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ସ୍ପେଶାଲ୍ ଡ୍ରାଇଭ ଆରମ୍ଭ ହୋଇଛି। ଦୁଇ ଦିନରେ କ୍ୟୁଏଟି ଓ ବିଭିନ୍ନ ଥାନା ପୋଲିସ ଚଢାଉ କରି ୨୮ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବାବେଳେ ୧୭ଟି ମାମଲା ରୁଜୁ ହୋଇଛି। ସେମାନଙ୍କ ନିକଟରୁ ୧୨୨.୮ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଥିବାବେଳେ ୨୮.୩୯ କେଜି ଗଞ୍ଜେଇ ଓ ୭୭ ହଜାର ଟଙ୍କା ଜବତ କରାଯାଇଛି। ହେଲେ ଏବେ ପ୍ରଶ୍ନ ଉଠୁଛି, ପୋଲିସ ଖୁଚୁରା ବେପାରୀଙ୍କୁ ଗିରଫ କରିଥିବାବେଳେ ଜଣେ ହେଲେ ମାଷ୍ଟରମାଇଣ୍ଡ୍ ତଥା ହୋଲସେଲରଙ୍କୁ ଧରିପାରନି। ଫଳରେ ସେମାନେ ପୁଣି ଅନ୍ୟମାନଙ୍କୁ ସେମାନଙ୍କ ର୍‍ୟାକେଟରେ ସାମିଲ୍ କରି ନିଶା କାରବାର ଓ ଅପରାଧ ଘଟାଇବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଶୁକ୍ରବାର କମିଶନରେଟ ପୋଲିସ ଓ କ୍ୟୁଏଟି ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରି ୧୨ ଜଣଙ୍କୁ ଗିରଫ କରିଛି। ଜଟଣୀ ଥାନାଞ୍ଚଳରୁ ୪ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୧ ଗ୍ରାମ ବ୍ରାଉନସୁଗାର ୫୨ ହଜାର ଟଙ୍କା ଓ ୪ ବାଇକ ଜବତ କରିଛି ଜଟଣୀ ପୋଲିସ। ନୂଆଗାଁ ଅଞ୍ଚଳରୁ ଅଜୁ ନାୟକ(୨୦) ଓ ସୁକାନ୍ତ ନାୟକ(୪୦)ଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ ଗ୍ରାମ ବ୍ରାଉନ ସୁଗାର, ୪୦ ହଜାର ଟଙ୍କା ଓ ଦୁଇଟି ଗାଡି ଜବତ କରାଯାଇଛି। କେସ୍ ନଂ.୨୩୬/୧୯ ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି ପୋଲିସ। ଗଙ୍ଗପଡ଼ା ଅଞ୍ଚଳରେ ଚଢ଼ାଉ କରି ଜଟଣୀ ପୋଲିସ ଓ କ୍ୟୁଏଟି ଗୌତମ ବେହେରା, ରାଜେଶ ପଟ୍ଟନାୟକ(୧୯) ଓ ପ୍ରିତମ ଦାଶ(୨୧)ଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଯାଞ୍ଚ କରିବା ପରେ ୩୧ ଗ୍ରାମର ବ୍ରାଉନ ସୁଗାର, ୧୨ହଜାର ଟଙ୍କା ଓ ଦୁଇଟି ବାଇକ ଜବତ କରାଯାଇଥିଲା। କେସ୍ ନଂ-୨୩୭/୧୯ରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

ସେହିଭଳି ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଗାଁ ମୁଣ୍ଡରେ ଥିବା ନିଜ ଦୋକାନରେ ନିଶା ବେପାର କରୁଥିବା ଜୟକୃଷ୍ଣ ପ୍ରଧାନଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧କେଜି ୩ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସେ ନିଜ ସ୍କୁଟି (ଓଆର୍୦୨ଏଏ୪୨୦୯)ରେ ଗଞ୍ଜେଇ ନେଇ ଆସୁଥିବାବେଳେ ଧରାପଡ଼ିଥିଲେ। କେସ୍ ନଂ.୧୨୬/୧୯ ଏନ୍‌ଡିପିଏସ୍ ଲଗାଇ ଜୟକୃଷ୍ଣଙ୍କୁ କୋର୍ଟଚାଲାଣ କରାଯାଇଛି। ଖାରବେଳନଗର ଥାନା ପୋଲିସ ସତ୍ୟନଗର ବ୍ଲାଇଣ୍ଡ୍ ଆସୋସିଏସନ ନିକଟରେ ବାଇକ ଉପରେ ବସି ବ୍ରାଉନସୁଗାର ବେପାର କରୁଥିବାବେଳେ ଦୁଇଜଣ ବ୍ୟବସାୟୀ ଲୋକେଶ ପାଲ ଓ ଶିବ ଶଙ୍କର ବେହେରାଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୩.୫ଗ୍ରାମର ବ୍ରାଉନସୁଗାର ଓ ୮ଶହ ଟଙ୍କା ମିଳିଛି। ଖଣ୍ଡଗିରି ପୋଲିସ ରଘୁନାଥପୁର ହାଟପଡିଆ ନିକଟରେ ୪ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏସ୍.କେ. ନୁରୁଦ୍ଦିନ, ଅର୍ଜୁନ ପ୍ରଧାନ, ହେମନ୍ତ କୁମାର ମାହାଲିକା ଓ ରମାକାନ୍ତ ଜେନା। ସେମାନଙ୍କଠାରୁ ୧୦କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସେମାନେ ଫୁଲବାଣୀରୁ ଗଞ୍ଜେଇ ଆଣି ଏଠାରେ ବିକ୍ରି କରୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କି ଘର ଛାଡ଼ିଲି, କି ବର ଛାଡ଼ିଲି;**
**କୁଣ୍ଡାପିଠା ପାଇଁ ଯୋଗିଆଣୀ ହେଲି ।**

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ଦୈହିକ ସୁଖ ଲାଳସାରେ ଅନ୍ଧହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କରମ ଲିଖନ,**
**କେ କରିବ ଆନ ।**

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳଭୋଗ କରିଥାଏ। ଏହାକୁ କାଟିବା ବା ବଦଳାଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଶ୍ୱରେ ଭାରତ ପ୍ରତି ସମ୍ମାନବୋଧ ଅଛି

**ଧରିତ୍ରୀ ଆଳାପ**

**ଦୀର୍ଘବର୍ଷ ଧରି ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିବା ବିଜୟ କେ. ନାମ୍ବିଆର ଓଡ଼ିଶା ଗସ୍ତରେ ଆସିଛନ୍ତି। ବିଦେଶରେ ଭାରତର ଆଭିମୁଖ୍ୟକୁ ନେଇ ଲମ୍ବା ଅଭିଜ୍ଞତା ହାସଲ କରିଥିବା ବିଜୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ପାକିସ୍ତାନ, ଚାଇନା, ମାଲେସିଆ, ଆଫଗାନିସ୍ତାନ, ଆଲଜେରିଆରେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟକରିବା ସହ ଭାରତ ସରକାରଙ୍କ ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲ ସେକ୍ରେଟେରିଏଟର ପୂର୍ବତନ ମୁଖ୍ୟ ଥିବା ବିଜୟଙ୍କ ସହ ଧରିତ୍ରୀର ଆଳାପ।**


ବିଜୟ କେ. ନାମ୍ବିଆର

**ବିଦେଶରେ ଭାରତର କୂଟନୈତିକ ସ୍ଥିତି କିପରି ଅଛି?**

ନୂଆ ସ୍ତରରେ ପହଞ୍ଚିଲାଣି। ଭାରତବାସୀଙ୍କୁ ସମଗ୍ର ବିଶ୍ୱର ଲୋକ ସ୍ୱାଭିମାନୀ ବୋଲି ବିଚାର କରନ୍ତି। ଏବେ ନୁହେଁ ନେହେରୁଙ୍କ ସମୟରୁ ଭାରତ ନିଜର ସ୍ଥିତି ଅନ୍ୟ ଦେଶରେ ଭଲ ଭାବେ ଉପସ୍ଥାପିତ କରିଆସୁଛି। ବିଶ୍ୱର ସମସ୍ତ ରାଷ୍ଟ୍ର ସହ କାନ୍ଧ ମିଶାଇ ଚାଲିବାର କ୍ଷମତା ଭାରତ ରଖିଥିବାରୁ ସ୍ୱାଭିମାନରେ ଟିକେ ଦାଗ ବି ଲାଗିନି। ଜନସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଗଣତନ୍ତ୍ର ବଜାୟ ଓ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁ ଭାରତ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ପାଲଟିଛି।

**ପଡୋଶୀ ଦେଶ ସହ ଭାରତର ସମ୍ପର୍କ କେବେ ବି ଭଲ ରହୁନି। ଚାଇନା ଓ ପାକିସ୍ତାନ ଚିରପ୍ରତିଦ୍ୱନ୍ଦ୍ୱୀ ଭାବେ ସାମ୍ନାକୁ ଆସୁଛନ୍ତି। ଏହାକୁ ନେଇ ଆପଣଙ୍କ ମତ କ'ଣ?**

ଭାରତରେ ଏକ ଲୋକକଥା ରହିଛି, ଚାଇନା ସହ କ୍ଷଣିକ ଓ ପାକିସ୍ତାନ ସହ ଦୀର୍ଘଦିନର ସମ୍ପର୍କ ବିପଦପୂର୍ଣ୍ଣ। ଏହାକୁ ମିଥ୍ୟା ବୋଲି କହି ହେବନି। ଚାଇନା-ପାକିସ୍ତାନ ସମ୍ପର୍କ ଯଦି ଏକ ହୁଏ ତେବେ ଫାଇଦା କେବଳ ପାକିସ୍ତାନର ହେବ। ହେଲେ ଭାରତ ସହ ଖରାପ ସମ୍ପର୍କ ରଖିବାକୁ ଚାଇନା କେବେ ଚାହେଁନି ବୋଲି ମୁଁ ଭାବେ। ଚାଇନା ଲୋକମାନେ ସମୟ ସହ ଖାପ ଖୁଆଇ ଆଗକୁ ବଢ଼ନ୍ତି। ସେମାନେ କ୍ଷମତାଲୋଭୀ ଓ କର୍ତ୍ତବ୍ୟନିଷ୍ଠ ମଧ୍ୟ। ଆମ ଦେଶ ପ୍ରତି ଚାଇନାର ସମ୍ମାନବୋଧ ରହିଛି। ସେମାନେ ଭାରତକୁ ଭୂସ୍ୱର୍ଗ ବୋଲି ସମ୍ବୋଧନ କରନ୍ତି। ଏହାପଛରେ ଗୌତମବୁଦ୍ଧଙ୍କ ସଂଯୋଗ ଥାଇପାରେ। ଭାରତର ଅଭିବୃଦ୍ଧିକୁ ସେମାନେ ସ୍ୱୀକାର କରନ୍ତି। ଭାରତବାସୀ ସେମାନଙ୍କଠାରୁ କିଛି ଶିଖିବା ଉଚିତ। ଯେପରିକି ବିନା ବାଜା ବଜାଇ କିପରି ଆଗକୁ ବଢ଼ିହୁଏ ତାହା ଚାଇନା ଲୋକଙ୍କୁ ଜଣା।

**ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କର ପୂର୍ବରୁ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଥିଲେ। ଜଣେ ରାଷ୍ଟ୍ରଦୂତ ବହିର୍ବ୍ୟାପାର ମନ୍ତ୍ରୀ ହେବା ଏବଂ ଜଣେ ନେତା ବହିର୍ବ୍ୟାପାର ମନ୍ତ୍ରୀ ହେବା ଭିତରେ କିଛି ଫରକ ?**

ନିଶ୍ଚିତ ଭାବେ ଫରକ ରହିଛି। ବିଦେଶରେ ଭାରତକୁ କିପରି ଉପସ୍ଥାପିତ କରିବାକୁ ହେବ, କ'ଣ କ'ଣ ପଦକ୍ଷେପ କେଉଁ ସମୟରେ ନେବାକୁ ହେବ ତାହା ରାଷ୍ଟ୍ରଦୂତଙ୍କୁ ଭଲ ଭାବେ ଜଣାଥାଏ। ଏଣୁ କେନ୍ଦ୍ରମନ୍ତ୍ରୀ ସୁବ୍ରମଣ୍ୟମ୍ ବୈଦେଶିକ ନୀତିକୁ ସୁଚାରୁରୂପେ ତୁଲାଇ ପାରିବେ ବୋଲି ମୋର ଆଶା।

**ଆମେରିକା ସହ ବାଣିଜ୍ୟ କାରବାର ସମ୍ପର୍କ ଏବେ ଭଲ ନାହିଁ। ଏହା ଭାରତର ଅର୍ଥନୀତି ଉପରେ ପ୍ରଭାବ ପକାଇବ କି ?**

ଭାରତରେ ବାଣିଜ୍ୟର ପରିବେଶ ବଢ଼ିଛି। ବ୍ୟବସାୟ ଏବେ ଅଗ୍ରଗତି ହେଉଛି। ତେବେ ସ୍ୱଦେଶୀ ମଡେଲ କରାଯାଇ ନିଜ ଦେଶର ବ୍ୟବସାୟୀଙ୍କୁ ଅଧିକ ସ୍ୱାବଲମ୍ବୀ କରାଯିବା ପଦକ୍ଷେପ ପ୍ରଶଂସନୀୟ। ତଥାପି ଆମେ କବାଟ ବନ୍ଦ କରି ଆମ ଦେଶକୁ ଆସିବାରେ କାହାକୁ ରୋକି ପାରିବା ବୋଲି ଭାବିବା ଭୁଲ। ଭାରତୀୟମାନେ ଯଦି ନିଜେ ସଚେତନ ହୁଅନ୍ତି ତେବେ ଅର୍ଥନୀତିରେ ପ୍ରଭାବ ପଡ଼ିବନି।

**ଓଡ଼ିଶା ପୂର୍ବରୁ କେବେ ଆସିଥିଲେ ?**

ପ୍ରଥମଥର ପାଇଁ ଆସିଛି। ଲୋକଙ୍କଠାରୁ ଯେଉଁ ଭଲପାଇବା ମିଳିଛି, ତାହା ମୋ ଜୀବନକୁ ପରିପୂର୍ଣ୍ଣ କରିଛି। ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ଯୋଜନା ଅଛି।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ପର୍କରେ କିଛି ?**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାଁ ପୂର୍ବରୁ ବହୁତ ଥର ଶୁଣିଛି। ପ୍ରଥମଥର ପାଇଁ ଆସିଲି ଓ ଛାତ୍ରୀଛାତ୍ରଙ୍କୁ ଭେଟିବାର ସୁଯୋଗ ମିଳିଲା। ଉତ୍ସାହୀ ଛାତ୍ରୀଛାତ୍ର ଏମାନେ। କର୍ମତତ୍ପରତା ଏମାନଙ୍କ ପାଖରେ ଭରପୂର। ଏପରି ଛାତ୍ରୀଛାତ୍ରଙ୍କ ସହ ଭେଟ ହୋଇ ଖୁସି ଲାଗିଲା।

## ୨୬ ଦିନ ପରେ ଓକିଲ ଆନ୍ଦୋଳନ ପ୍ରତ୍ୟାହୃତ

**କଟକ ଅଫିସ, ୧୨।୭**

ହାଇକୋର୍ଟ ବାର୍ ବାହାରୁ ବିଚାରପତି ଚୟନକୁ ବିରୋଧ କରି ହାଇକୋର୍ଟ ବାର୍ ଆସୋସିଏଶନ ଜୁନ୍ ୧୭ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲା। ୨୬ ଦିନ ଧରି ଓକିଲମାନେ ହାଇକୋର୍ଟର ୩ ଜଣ ବିଚାରପତିଙ୍କ କୋର୍ଟକୁ ବର୍ଜନ କରିଥିଲେ। ମାତ୍ର ଶୁକ୍ରବାର ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସାମୟିକ ଭାବେ ପ୍ରତ୍ୟାହାର କରି ନିଆଯାଇଛି। ସୁପ୍ରିମକୋର୍ଟର କଲିଜିୟମ ବସିବା ପରେ ପୁଣି ଥରେ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକ ବସିବ। ଏହି ବୈଠକରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ପ୍ରତ୍ୟାହାର ପରେ ଏଣିକି ଯେଉଁ ୩ଟି କୋର୍ଟକୁ ବର୍ଜନ କରାଯାଇଥିଲା, ସୋମବାରଠାରୁ ଉକ୍ତ କୋର୍ଟଗୁଡ଼ିକରେ ଓକିଲମାନେ ପୂର୍ବବତ ମାମଲା ପରିଚାଳନା କରିବେ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**କଟକ ରୋଡ,୧୨।୭(ଡି.ଏନ୍.ଏ.)**

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ରାଘମା ଗ୍ରାମର ଅଜୟ ପରିଡା। ତାଙ୍କଠାରୁ ସାଢେ ୭ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଶୁକ୍ରବାର ସକାଳ ପ୍ରାୟ ୮ଟା ରେ ଅଜୟ ହଳଦୀପଡ଼ିଆ ବସ୍ତିରେ ବ୍ରାଉନସୁଗାର ବିକୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୮୬/୧୯) ରୁଜୁ ହୋଇଛି।

## ଅନ୍‌ଲାଇନରେ ୧୧ଲକ୍ଷ ଠକେଇ

### ଅଭିଯୁକ୍ତଙ୍କୁ ଧରି ଛାଡୁଛି ପୋଲିସ

**ପୁରୁଣା ଭୁବନେଶ୍ୱର, ୧୨।୭ (ଡି.ଏନ୍.ଏ.):** ଅନଲାଇନ୍‌ରେ ପ୍ରାୟ ୧୧ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗକାରୀ ଥାନାକୁ ବାରମ୍ବାର ଜଣାଇଥିଲେ। ଗୁରୁବାର ଅଭିଯୁକ୍ତଙ୍କୁ ପାହାଲ ଅଞ୍ଚଳରୁ ଧରି ପାହାଲ ଫାଣ୍ଡିରେ ଜିମା ଦେଇଥିଲେ ଅଭିଯୋଗକାରୀ। ହେଲେ ଧଉଳି ଥାନା ପରିସରରେ ଘଟଣା ଘଟିଥିଲା। ଅଭିଯୁକ୍ତ ଜଣକ ଥାନାଠାରୁ ଦେଢ କିମି ଦୂରରେ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଏଥିପାଇଁ ପାହାଲ ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଧରି ଧଉଳି ଥାନାକୁ ହସ୍ତାନ୍ତର କରିଥିଲା। ହେଲେ ଧଉଳି ଥାନା ପୋଲିସ ଅଭିଯୁକ୍ତଙ୍କୁ ଛାଡିଦେବା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଅକ୍ଷୟ କୁମାର ନାୟକ ଓ ଅନ୍ୟ ଦୁଇବନ୍ଧୁ ମିଶି ସମ୍ପୃକ୍ତ ଅଭିଯୁକ୍ତଙ୍କ ଅନ୍‌ଲାଇନ ସଂସ୍ଥା ମାଧ୍ୟମରେ ମୋଟ ୧୧ ଲକ୍ଷ ୫୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏକବର୍ଷ ବିତିଯିବାକୁ ବସି ଥିବାବେଳେ କୌଣସି ଟଙ୍କା ଫେରସ୍ତ ନାଁ ଗନ୍ଧ ଧରି ନ ଥିଲେ ଅକ୍ଷୟ ବୋଲି କୁହାଯାଉଛି।

## ଡକାୟତି ଉଦ୍ୟମ ୫ ଗିରଫ, ମାରଣାସ୍ତ୍ର ଜବତ

**ପୁରୁଣା ଭୁବନେଶ୍ୱର, ୧୨।୭ (ଡି.ଏନ୍.ଏ.):** ଲିଙ୍ଗରାଜ ଥାନା ଅଧୀନ ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରୁ ଡକାୟତି କରିବାକୁ ଗୁରୁବାର ବିଳମ୍ବିତ ରାତିରେ ଯୋଜନା କରାଯାଉଥିବା ବେଳେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥ ପ୍ରଧାନ, ଅକ୍ଷୟ ମଲିଆ, ନରେଶ ବେହେରା, ସରୋଜ ପାତ୍ର, ପୁନିଆ ଭୋଇ। ପୋଲିସ ସୂଚନା ମୁତାବକ ୫ ଜଣ ଅଭିଯୁକ୍ତ ରାତିରେ ବଶିଷ୍ଠନଗରରେ ଡକାୟତି କରିବା ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପାଇ ପୋଲିସ ଚଢାଉ କରିଥିଲା। ସେମାନଙ୍କୁ ଗିରଫ କରିବା ସହ ୩ଟି ଲୁହାରଡ ଏକ କାତି, କଟୁରି, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ କରିଥିଲା। ସମସ୍ତ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

**BANA DURGA FINANCE**
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

**ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି**
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

**Laxmi Finance**
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

**ଭାରତର ନଂ.1 କମ୍ପାନୀ**
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

**ଋଣ**
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

**FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

**ଲୋନ! ଲୋନ! ଲୋନ**
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

**All INDIA FINANCE COMPANY**
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

**ଋଣ**
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS

**GTL Telecom Network Company**
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

**ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ**
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

**ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ**
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



# ରାଜଧାନୀରେ ବାହୁଡ଼ାଯାତ୍ରା

ଗୁଣ୍ଡିଚା ମନ୍ଦିରରେ ୯ ଦିନର ରହଣି ପରେ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ସାଙ୍ଗରେ ଧରି ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ। ଭକ୍ତଙ୍କ ମେଳରେ ସବୁ ଲୀଳା ସାରି ଶୁକ୍ରବାର ବାହୁଡ଼ିଛନ୍ତି କାଳିଆ ଠାକୁର। ସୁସଜ୍ଜିତ ରଥରେ ବସାଇ ଘଣ୍ଟଘଣ୍ଟା ସାଙ୍ଗକୁ ଶଙ୍ଖ, ହୁଳହୁଳିରେ ତିନି ଠାକୁରଙ୍କୁ ବାହୁଡ଼ାଇ ଆଣିଛନ୍ତି ଶ୍ରଦ୍ଧାଳୁ। ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ପାଇଁ ସମଗ୍ର ରାଜଧାନୀ ଉତ୍ସବମୁଖର ହୋଇଉଠିଥିବାବେଳେ ଅପରାହ୍ଣରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ରଥଟଣା। ଝିପିଝିପି ବର୍ଷାରେ ସମସ୍ତ ଭେଦଭାବ ଭୁଲି ଭକ୍ତମାନେ ଏକାକାର ହୋଇ ଶ୍ରୀଜୀଉଙ୍କ ରଥକୁ ଟାଣି ନେଇଥିଲେ। ସନ୍ଧ୍ୟାସୁଦ୍ଧା ସମସ୍ତ ରଥ ମନ୍ଦିର ନିକଟରେ ପହଞ୍ଚି ଯାଇଥିଲା।



ସିଆରପି କ୍ୟାମ୍ପସ୍‌ରେ ଭକ୍ତମାନେ ରଥ ଟାଣୁଛନ୍ତି।

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ପୁରୀ ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ଶେଷ ହୋଇଛି ରାଜଧାନୀ ପ୍ରସିଦ୍ଧ ଇସ୍କନ ମନ୍ଦିର ରଥଯାତ୍ରା। ଆନନ୍ଦ ଉଲ୍ଲାସ ମଧ୍ୟରେ ଲକ୍ଷାଧିକ ଭକ୍ତ ଶ୍ରୀଜୀଉଙ୍କୁ ରଥରେ ବସାଇ ସ୍ୱମନ୍ଦିରକୁ ନେଇଆସିଛନ୍ତି। ସକାଳ ପ୍ରାୟ ୪ଟା ୧୫ରେ ମଙ୍ଗଳଆଳତି ପରେ ୧୦ଟାରେ ରଥ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାପରେ ମଧ୍ୟାହ୍ନ ୧୨ଟା ୩୦ରେ ରଥ ଉପରକୁ ତିନିଠାକୁର ପହଣ୍ଡି ବିଜେ କରିଥିଲେ। ଅପରାହ୍ଣ ୨ଟାରେ ଭକ୍ତିଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ଦ୍ୱାରା ତିନି ରଥରେ ଛେରାପହଁରା ହେବାପରେ ୩ଟା ୩୫ରୁ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ରଥ ଗୁଣ୍ଡିଚା ମନ୍ଦିର ଛାଡ଼ିବା ପରେ ଦେବୀ ସୁଭଦ୍ରା ଏବଂ ପରେ ବଡ଼ଠାକୁର ଘର ବାହୁଡ଼ିଥିଲେ। ସନ୍ଧ୍ୟା ୬ଟା ୩୦ ସୁଦ୍ଧା ସମସ୍ତ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଯାଇଥିଲା। ଏହି ଅବସରରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଦ୍ୱାରା ରଥଟଣା ଶୁଭାରମ୍ଭ ହୋଇଥିଲା। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ୮ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇଥିବାବେଳେ ମହିଳାଙ୍କ ସୁରକ୍ଷା ପାଇଁ ୨୫ରୁ ଊର୍ଦ୍ଧ୍ୱ ମହିଳା କନଷ୍ଟେବଳ ନିୟୋଜିତ ହୋଇଥିଲେ। ସୋମବାର ସନ୍ଧ୍ୟା ୫ଟା ୩୦ରୁ ଶ୍ରୀଜୀଉଙ୍କ ସୁନାବେଶ ନୀତି ଅନୁଷ୍ଠିତ ହେବ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ।



ୟୁନିଟ୍-୪ରେ ବାହୁଡ଼ାଯାତ୍ରା ଉପଲକ୍ଷେ ଲକ୍ଷ୍ମୀନାରାୟଣଙ୍କ ଭେଟ ହେଉଛି।

## ବିଭିନ୍ନ ସ୍ଥାନରେ ରଥଟଣା

ଚନ୍ଦ୍ରଶେଖରପୁରସ୍ଥିତ ଆର୍‌ସିଏମ୍ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ବେଶ୍ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଥିଲା। ପ୍ରେସ୍‌ଛକସ୍ଥିତ ମାଉସୀ ମା' ମନ୍ଦିରରୁ ତିନି ଠାକୁରଙ୍କ ପହଣ୍ଡି ପରେ ଅପରାହ୍ଣରେ ରଥଟଣା ଆରମ୍ଭ ହୋଇଥିଲା। ସେହିଭଳି କିସ୍ ଜଗନ୍ନାଥ ମନ୍ଦିର ପକ୍ଷରୁ ବାହୁଟାଯାତ୍ରା ସମ୍ପନ୍ନ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ଶିଖରଚଣ୍ଡୀ ମନ୍ଦିର ପାଦଦେଶରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀଜୀଉଙ୍କୁ ରଥରେ ବସାଇ ସ୍ୱମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ। ଅପରାହ୍ଣ ୩ଟା ସୁଦ୍ଧା ସମସ୍ତ ରୀତିନୀତି ଶେଷ ହେବାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ପୂର୍ବରୁ ରଥ ମନ୍ଦିରରେ ପହଞ୍ଚିଥିଲା। ଏହାବ୍ୟତୀତ ପଟିଆଗଡ, ୟୁନିଟ୍-୮ ଓୟୁଏଟି କଲୋନୀ ଜଗନ୍ନାଥ ମନ୍ଦିର, ଭିଏସ୍‌ଏସ୍‌ଏସ୍ ନଗର, ଶହୀଦ ନଗର, ଗାଡ଼କଣ, ବାଣୀବିହାର, ଜାଗମରା ଧର୍ମବିହାର, ସିଆରପିଏଫ୍ କ୍ୟାମ୍ପସ, ଡେଲ୍‌ଟା ଜଳେଶ୍ୱର ମନ୍ଦିର, ୟୁନିଟ-୫ ଜଣ୍ଡେଶ୍ୱର, ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀ, ପୁରୁଣା ଭୁବନେଶ୍ୱରର ଦର୍ଜି ସାହି, ରସୁଲଗଡ, ଖଣ୍ଡଗିରି ଦିବ୍ୟ ଜୀବନ ସଂଘ, କୋଳଥିଆ,



ନୟାପଲ୍ଲୀ ବେହେରା ସାହିରେ ପିଲାମାନେ କୁନି ରଥକୁ ଟାଣୁଛନ୍ତି।

ଭରତପୁର, ଡୁମୁଡୁମା, ସତ୍ୟନଗର, ରଘୁନାଥ ନଗର, ଆଇଗିଣିଆ, ଭଗବାନପୁର, ରେତଙ୍ଗ, ରିଜିଓନାଲ ସାଇନ୍ସ ପାର୍କ ବସ୍ତି, ରେଣ୍ଟାଲ କଲୋନୀ, ଶୈଳଶ୍ରୀ ବିହାରଠାରେ ମହାସମାରୋହରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। **ପୁରୁଣା ଭୁବନେଶ୍ୱର:** ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ଉପକଣ୍ଠ ପୂବା ଶାସନ ଗାଁରେ ଶ୍ରୀ ପତିତପାବନ ଜୀଉ, ନବଦିନାତ୍ମକ ଯାତ୍ରା ଶେଷ କରି ଗୋପୀନାଥଦେବ ମନ୍ଦିରରେ ପହଞ୍ଚି ଥିଲେ। ରଥରେ ପଣ୍ଡିତ ପ୍ରମୋଦ ଶତପଥୀ ଛେରାପହଁରା କରିଥିଲେ। ବଡଦାଣ୍ଡ ସାହିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କମିଟି ପକ୍ଷରୁ ଏବଂ ଜମ୍ୱେଶ୍ୱର ପାଟଣା, ଭୀମଟାଙ୍ଗୀ ଆଦି ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। **ବାଲିଅନ୍ତା:** ବାଲିଅନ୍ତା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁକ୍ରବାର ବାହୁଡ଼ା ଯାତ୍ରା ଅନୁଯାତ୍ରା ହୋଇଯାଇଛି। ବାଲିଅନ୍ତା, ଅଣ୍ଡିଲୋ, ମାଟିକୋଟ, ଅଟଳା କୋଟକଣା, ପାଟଣା, ଧବଳାହାର, ଭିଙ୍ଗାରପୁର, କେନ୍ଦୁଲି, ବେଣୁପୁର, ଖୁଣ୍ଟିଆ ସାହି ଓ ଜଗନ୍ନାଥ ଛକ ସମେତ ନହରକଣ୍ଟା ଆଦି ଗ୍ରାମରେ ବେଶ ସମାରୋହରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ହୋଇଯାଇଛି। ଅଟଳା କୋଟକଣା ଗ୍ରାମରେ ନିର୍ମିତ ୩ଟି ରଥକୁ ଶ୍ରଦ୍ଧାଳୁମାନେ ଟାଣି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ସେହିପରି ପତିତପାବନ ବାନା ଗୋସାଇଁଙ୍କ ରଥକୁ ବେଣୁପୁର ପତି ସାହିରୁ ଟଣାଯାଇ ଖୁଣ୍ଟିଆ ସାହି ପର୍ଯ୍ୟନ୍ତ ନିଆଯାଇଥିଲା।

## ସଂକ୍ଷେପରେ

### ଅଗଷ୍ଟ ୮ରେ ପିଲାଙ୍କୁ ଦିଆଯିବ କୃମିନାଶକ ଔଷଧ

**ଭୁବନେଶ୍ୱର,୧୨।୭(ବ୍ୟୁରୋ):**ବିଶ୍ୱରେ ୨୪୧ ନିୟୁତରୁ ଅଧିକ ଶିଶୁ କୃମିଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶାରେ ପ୍ରାୟ ୩୬ ପ୍ରତିଶତ ଶିଶୁ ଏଥିରେ ପୀଡ଼ିତ। ଶିଶୁଙ୍କ ଶରୀରରୁ କୃମି ନାଶ ପାଇଁ ଅଗଷ୍ଟ ୮ କୃମିନାଶକ ଦିବସ ପାଳନ ଅବସରରେ ୧୯ବର୍ଷ ବୟସ ପର୍ଯ୍ୟନ୍ତ ରାଜ୍ୟର ମୋଟ୍ ୧କୋଟି ୪୨ଲକ୍ଷ ୯୦ହଜାର ୪୯୧ଜଣ ପିଲାଙ୍କୁ ଏକକାଳୀନ କୃମିନାଶକ ଔଷଧ ଖୁଆଯିବାର ବ୍ୟବସ୍ଥା ହୋଇଛି। ଏଥି ମଧ୍ୟରେ ୧ ରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ୩୫ଲକ୍ଷ ୫୪ହଜାର ୨୧୮ଜଣ ଶିଶୁ ରହିଥିବାବେଳେ ୬ରୁ ୧୯ବର୍ଷ ବୟସ ପର୍ଯ୍ୟନ୍ତ ୧କୋଟି ୭ଲକ୍ଷ ୩୬ହଜାର ୨୭୩ ଜଣ ଅଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହାୟତାରେ ଏହି ଅଭିଯାନ କରାଯିବ। ଉକ୍ତ ଦିନ ଯେଉଁ ପିଲାମାନେ ଏହି ଔଷଧ ଖାଇ ପାରିବେ ନାହିଁ ସେମାନଙ୍କୁ ଅଗଷ୍ଟ ୧୬ରେ ଔଷଧ ଖୁଆଯିବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଦିଲୀପ ଷଡ଼ଙ୍ଗୀ, ପରିବାର କଲ୍ୟାଣ ନିର୍ଦ୍ଦେଶକ ସରୋଜ ମହାନ୍ତି ଉପସ୍ଥିତ ଥିଲେ।

### ଯୁବକଙ୍କ ଗୋଡ଼ରେ ମାଡ଼ିଗଲା ରଥ ବ୍ରେକ୍

**ବାରଙ୍ଗ,୧୨।୭(ଡି.ଏନ୍.ଏ.):**ବାରଙ୍ଗ ଅଞ୍ଚଳରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଚାଲୁଥିବା ବେଳେ ରଘୁନାଥପୁର ଗ୍ରାମମୁଣ୍ଡରେ ଏକ ଅଘଟଣ ଦେଖିବାକୁ ମିଳିଛି। ନନ୍ଦନକାନନ ଛକସ୍ଥିତ ଜଗନ୍ନାଥ ମନ୍ଦିରରୁ ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତି ବିଜେମାନ ହୋଇ ରଘୁନାଥପୁର ଗ୍ରାମମୁଣ୍ଡ ମାଉସୀ ମା' ମନ୍ଦିରକୁ ଆସିଥାନ୍ତି। ଶୁକ୍ରବାର ବାହୁଡ଼ା ଯାତ୍ରା ଅବସରରେ ଅପରାହ୍ଣ ୫ଟାରେ ମାଉସୀ ମା' ମନ୍ଦିରରୁ ରଥକୁ ଭକ୍ତମାନେ ଟାଣି ନେଉଥିଲେ। ରଘୁନାଥପୁର ପୋଖରୀ ଛକଠାରେ ରଥ ପହଞ୍ଚିବା ସମୟରେ ପ୍ରମୋଦ ପୃଷ୍ଟି ନାମକ ଯୁବକ ରଥ ଟାଣିବାକୁ ଆସିଥିଲେ। ମଦ୍ୟପାନ କରି ରଥ ଭିଡୁଥିବାବେଳେ ତାଙ୍କ ଗୋଡ଼ ଖସିଯାଇ ତଳେ ପଡିଯାଇଥିଲେ। ଫଳରେ ରଥର ବ୍ରେକ ତାଙ୍କ ଗୋଡ଼ ଉପରେ ମାଡ଼ିଯାଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ମେଡିକାଲ ପରେ କଟକ ବଡ ମେଡିକାଲକୁ ନେଇଥିଲେ। ସେହିଭଳି ଦୁଲାଦେଇ ଛକ ପାଖରେ ଅନ୍ୟ ଏକ ଭକ୍ତଙ୍କ ଗୋଡ ଉପରେ ରଥଚକ ଚଢ଼ିଯାଇଥିଲା।

### ଛୋଟା କବ୍‌ଜାରେ ସରକାରୀ ଜାଗା, ଲାଗିଲା ନୋଟିସ୍

**ଭୁବନେଶ୍ୱର,୧୨।୭(ବ୍ୟୁରୋ):**ଏସ୍‌ଟିଏଫ୍‌ର ଗିରଫ ଭୟରେ ଖୋର୍ଦ୍ଧା ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗର ଶୁଭ୍ରାଂଶୁ ପରିଡା ଓରଫ ଛୋଟା (୪୫) ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କ ସମ୍ପତ୍ତି ଓ ସାମ୍ରାଜ୍ୟର ଖୋଳତାଡ଼ ଚାଲିଛି। ସେ ଉକ୍ତ ଅଞ୍ଚଳରେ ଦାଦାଗିରି କରିବା ସହ ବହୁ ସରକାରୀ ଜାଗାକୁ କବ୍‌ଜା କରିଥିବା ଜଣାପଡ଼ିଛି। ଗୁରୁଜଙ୍ଗ ଅଞ୍ଚଳରେ ଥିବା ସରକାରୀ ଜାଗାକୁ ମାଡିବସି ଘର କରିଥିଲେ। ଉକ୍ତ ଘରକୁ ସରକାରୀ ଜାଗାରୁ ଉଚ୍ଛେଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଛୋଟା ନାମରେ ଏକ ନୋଟିସ ପଠାଇନ୍ତି ଉପଜିଲାପାଳ। ୧୫ ଦିନ ଭିତରେ ଉକ୍ତ ସରକାରୀ ଜାଗାରୁ ଘର ଖାଲି କରିବାକୁ କୁହାଯାଇଛି। ସରକାର ଜବରଦସ୍ତ ଭାଙ୍ଗିବେ ବୋଲି ନୋଟିସରେ ଉଲ୍ଲେଖ ରହିଛି।

# ତାରାତାରିଣୀ ହୋଟେଲରେ ଅଗ୍ନିକାଣ୍ଡ

## ପୋଲିସ, କର୍ମଚାରୀଙ୍କ ଉଦ୍ୟମ ଯୋଗୁ ଟଳିଗଲା ବିପଦ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ନିକଟରେ ଥିବା ତାରାତାରିଣୀ ହୋଟେଲରେ ଶୁକ୍ରବାର ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଅଗ୍ନିଶମ ବିଭାଗ ଆସିବା ପୂର୍ବରୁ ପୋଲିସ ଓ ହୋଟେଲ କର୍ମଚାରୀଙ୍କ ମିଳିତ ଉଦ୍ୟମ ଯୋଗୁ ଏକ ବଡ଼ ବିପଦ ଟଳିଯାଇଥିଲା।

ସୂଚନା ମୁତବାକ, ସନ୍ଧ୍ୟା ପ୍ରାୟ ୬ଟା ବେଳେ ରୋଷେଇ ପାଇଁ ଆଞ୍ଚ ଲାଗିଥିଲା। ଆଞ୍ଚ ନିକଟରେ ଥିବା ଗରମ ତେଲ କଡ଼େଇରେ ହଠାତ୍ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଉଠିଥିଲା। ନିଆଁ ଚିମିନି ପାଇପ୍ ଦେଇ ଉପରକୁ ଉଠିଯାଇଥିଲା। ହୋଟେଲ ସିଲିଂ ଓ ହୋର୍ଡିଂ ଜଳିବା ଆରମ୍ଭ କରିଥିଲା। ହୋଟେଲର ଉପର ମହଲାରେ ଲଜ୍ ରହିଛି। ନିଆଁ ଓ ଧୂଆଁ ଦେଖି ସେଠାରେ ରହୁଥିବା ଲୋକେ ଭୟରେ ଦୌଡ଼ି ପଳାଇ ଆସିଥିଲେ। ସେହିଭଳି ହୋଟେଲ ଭିତରେ ଧୂଆଁମୟ ହୋଇଯାଇଥିବାବେଳେ ନିଆଁ ମଧ୍ୟ ଧୀରେ ଧୀରେ ବ୍ୟାପିଥିଲା। ହୋଟେଲରେ ଥିବା ଲୋକେ ଓ କର୍ମଚାରୀମାନେ ମଧ୍ୟ ବାହାରକୁ ପଳାଇ ଆସିଥିଲେ। ନିଆଁ ଲାଗିଥିବା ପ୍ରଚାରିତ ହୋଇଯିବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଫଳରେ ହୋଟେଲ ସମ୍ମୁଖ ମଞ୍ଚେଶ୍ୱର ପ୍ରବେଶ ପଥ ଓ ଜାତୀୟ ରାଜପଥରେ ମଧ୍ୟ ଟ୍ରାଫିକ ଜାମ ହୋଇଯାଇଥିଲା। ମଞ୍ଚେଶ୍ୱର ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ ପହଞ୍ଚି ପ୍ରଥମେ ହୋଟେଲରୁ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିବା ପରେ ରାସ୍ତା ଜାମ୍ ହଟାଇଥିଲେ। ତୁରନ୍ତ ହୋଟେଲ କର୍ମଚାରୀଙ୍କ ସହ ମିଶି ମଞ୍ଚେଶ୍ୱର ଥାନା ପୋଲିସ ନିଆଁ ଲିଭା କାର୍ଯ୍ୟରେ ଲାଗି ପଡ଼ିଥିଲେ। ଥାନାରେ କାର୍ଯ୍ୟରତ ଏସ୍‌ଏସ୍‌ବି ଫୋର୍ସ ବି.ଏନ୍. ବିଶ୍ୱାଳ ସାହସର ସହ ହୋଟେଲ ଉପରକୁ ଚଢ଼ିଯାଇ ନିଆଁ ବ୍ୟାପୁଥିବା ସ୍ଥାନକୁ ପ୍ରଥମେ ପାଇପ୍ ଯୋଗେ ପାଣି ପକାଇଥିଲେ। ଏଥିସହ ୨ ହୋଟେଲ କର୍ମଚାରୀଙ୍କ ସହ ମିଶି ନିଆଁ ଧରୁଥିବା ହୋର୍ଡିଂ ଓ ଅଦରକାରୀ କାଠପଟା ବୋର୍ଡକୁ ତଳକୁ ଫୋପାଡ଼ି ଦେଇଥିଲେ। ପ୍ରାୟ ୨୦ ମିନିଟ୍‌ର ଅପରେଶନ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସନ୍ଧ୍ୟା ୬ଟା ୨୫ରେ କଳ୍ପନା ଅଗ୍ନିଶମ କେନ୍ଦ୍ରର କର୍ମଚାରମାନେ ପହଞ୍ଚି ଯାଞ୍ଚ ପରେ ପାଣି ପକାଇ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇଥିଲେ। ହୋଟେଲର କିଛି ଅଂଶ ପୋଡ଼ିଯାଇଥିବାବେଳେ ରୋଷେଇ ସରଞ୍ଜାମ, ଚିମିନି ଓ ଅନ୍ୟ କିଛି ଆସବାବପତ୍ର ଜଳିଯାଇଥିବା ଜଣାପଡିଛି।



ହୋଟେଲରେ ନିଆଁ ଲାଗିବା ପରେ ଜଣେ ବ୍ୟକ୍ତି ବାହାରକୁ ଦୌଡୁଛନ୍ତି।

# ସୁଦର୍ଶନଙ୍କ ଦାରୁପୀଠରେ ବାହୁଡ଼ା ଯାତ୍ରା



ସୁଦର୍ଶନଙ୍କ ଦାରୁପୀଠରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

**ବାଲକାଟୀ,୧୨।୭(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟବର୍ତ୍ତୀ ଗଡକଣ୍ଟୁଣିଆସ୍ଥିତ ଚକ୍ରରାଜ ଶ୍ରୀ ଶ୍ରୀ ସୁଦର୍ଶନଙ୍କ ଦାରୁପ୍ରାପ୍ତି ସ୍ଥଳରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଗୁଣ୍ଡିଚା ଦିନ ନବଦିନ ଲାଗି ରତ୍ନବେଦୀ ଛାଡି ପ୍ରଭୁ ସୁଦର୍ଶନ, ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଗୁଣ୍ଡିଚା ମନ୍ଦିର ଭାବେ ପରିଚିତ ରଥିଯେମାସ୍ଥିତ ମା' ଭଗବତୀ ମନ୍ଦିରକୁ ଯାତ୍ରା କରିଥିଲେ। ଶୁକ୍ରବାର ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅବସରରେ ଶ୍ରୀ ମନ୍ଦିରର ରୀତିନୀତି ଆଧାରରେ ପୂଜାର୍ଚ୍ଚନା କରାଯାଇ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ଣ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ମା' ଭଗବତୀ ମନ୍ଦିରରୁ ରଥରେ ମହାପ୍ରଭୁଙ୍କୁ ବିଜେ କରାଯାଇ ହୀରାପୁରସ୍ଥିତ ପୁରୁଣା ଜଗନ୍ନାଥ ସଡକ ପାର୍ଶ୍ୱରେ ମା' ତାରେଣୀଙ୍କ ପୀଠରେ ପୋଡ଼ପିଠା ପ୍ରଭୁଙ୍କ ଉଦ୍ଦେଶ୍ୟରେ ଲାଗି ହୋଇଥିଲା। ହରିବୋଲ ହୁଳହୁଳି ଘଣ୍ଟ ବଜାଇ ଶତାଧିକ ଭକ୍ତ ରଥକୁ ସୁଦର୍ଶନଙ୍କ ପୀଠକୁ ଟାଣି ନେଇଥିଲେ। ଏହି ଯାତ୍ରାରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଆନନ୍ଦ ବଜାରରେ ପଲିଥିନ୍‌ରେ ପ୍ରସାଦ

- ଅନନ୍ତ ବାସୁଦେବ ମନ୍ଦିର
- ବିଏମ୍‌ସିର ପଲିଥିନ ବ୍ୟବହାର ରୋକିବା ଭେଳିକି

**ପୁରୁଣା ଭୁବନେଶ୍ୱର,୧୨। ୭(ଡି.ଏନ.ଏ.):** ଭୁବନେଶ୍ୱରର ବିଭିନ୍ନ ଦୋକାନ ବଜାରରେ ବିଏମ୍‌ସି ପକ୍ଷରୁ ପଲିଥିନ ବ୍ୟବହାର ରେକିବାକୁ ଚଢାଉ ଜାରି ରହିଛି। ବହୁ ପରିମାଣରେ ପ୍ଲାଷ୍ଟିକ ଗ୍ଲାସ, ପଲିଥିନ ମଧ୍ୟ ଜବତ କରିଥିବା ଖବର ରହିଛି। ପ୍ଲାଷ୍ଟିକ ବ୍ୟବହାର ଯୋଗୁ ରାସାୟନିକ ପ୍ରଭାବରେ ବିଭିନ୍ନ ପ୍ରକାର ରୋଗ ହେବା ସହ ନାଳ ନର୍ଦ୍ଦମାରେ ପଲିଥିନ ପଡି ପାଣି ନିଷ୍କାସନରେ ବାଧକ ସାଜୁଛି। ହେଲେ ଅନନ୍ତ ବାସୁଦେବ ମନ୍ଦିରରେ ପିଲିଥିନ ବ୍ୟବହାରରେ ଖୁଲମଖୁଲା ହେଉଛି। ପ୍ରସାଦ ଓ ବ୍ୟଞ୍ଜନକୁ ପଲିଥିନରେ ପୂରାଇ ବିକ୍ରି କରାଯାଉଛି। ପ୍ରସାଦ ବିକ୍ରି କରୁଥିବା ଦୋକାନୀମାନେ ଲାଭଖୋର ମନଭାବେ ନେଇ ଏଭଳି ପଲିଥିନ ବ୍ୟବହାର କରୁଥିବା କୁହାଯାଇଛି। ଠାକୁରଙ୍କ ପ୍ରସାଦ ପଲିଥିନରେ ବିକ୍ରି ଯୋଗୁ ଏହା ମାନ ହାନୀ ଘଟୁଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ନା ମନ୍ଦିର ପ୍ରଶାସନର କି ବିଏମ୍‌ସିର କାହାର ନିଘା ନାହିଁ। ଚଢାଉ ନାମକୁମାତ୍ର କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ମନ୍ଦିରରେ ବ୍ୟବହାର ହେଉଥିବା ପିଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବନ୍ଦ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ପାଣ୍ଡରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବନ ମହୋତ୍ସବ, ଡେଙ୍ଗୁ ସଚେତନତା ଓ ରେନକୋଟ୍ ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀମାନେ।

# ବିମାନବନ୍ଦର ପାର୍ଶ୍ୱରୁ ହଟିବ ଦୁଇ ବସ୍ତି

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସୀମାକୁ ଆହୁରି ବୃଦ୍ଧି କରାଯିବ। ହେଲେ ଏଥିପାଇଁ ବିମାନବନ୍ଦର ପାର୍ଶ୍ୱରେ ଥିବା ବସ୍ତି ବାଧକ ସାଜିଛି। ତେଣୁ ଉକ୍ତ ବସ୍ତିକୁ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏନେଇ ବିମାନବନ୍ଦର କର୍ତ୍ତୃପକ୍ଷ ସାଧାରଣ ପ୍ରଶାସନ ବିଭାଗକୁ ଏକ ଚିଠି ଲେଖିଛନ୍ତି। ବିମାନବନ୍ଦର ନିକଟରେ ଥିବା ୧.୬ ଏକର ସରକାରୀ ଜାଗା ଦେବାଲାଗି ଉକ୍ତ ଚିଠିରେ ବିମାନବନ୍ଦର କର୍ତ୍ତୃପକ୍ଷ ଉଲ୍ଲେଖ କରିଛନ୍ତି। ଏହି ଚିଠି ପରେ ସାଧାରଣ ପ୍ରଶାସନ ପକ୍ଷରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ପଦକ୍ଷେପ ପାଇଁ ଜଣାଇଛନ୍ତି। ବିମାନବନ୍ଦର ନିକଟରେ ଥିବା ଗଣ୍ଡମୁଣ୍ଡା ଓ ଲକ୍ଷ୍ମୀ ବଜାର ବସ୍ତିକୁ ଉଚ୍ଛେଦ କରି ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ସ୍ଥାନ ଯୋଗାଇ ଦେବାକୁ କୁହାଯାଇଛି। ଗତ ୧୦ ତାରିଖ ଦିନ ବିଡିଏ କର୍ତ୍ତୃପକ୍ଷ ଏନେଇ ସେସବୁ ବସ୍ତି ବୁଲି ଦେଖିବା ସହ ଉଚ୍ଛେଦ ଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ବସ୍ତିରେ ଥିବା ଘରଗୁଡିକ ରାଜୀବ ଆବାସ ଯୋଜନାରେ ନିର୍ମିତ ହୋଇଥିବାରୁ ତୁରନ୍ତ ଉଚ୍ଛେଦ ହୋଇପାରି ନାହିଁ। ଏ ସଂକ୍ରାନ୍ତରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ବିଡିଏ ଆଲୋଚନା କରିବା ପରେ ଆସନ୍ତା ୧୫ ଦିନ ମଧ୍ୟରେ ବସ୍ତିବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ପ୍ରଥମେ ସେମାନଙ୍କୁ ଟ୍ରାଞ୍ଜିଟ ହାଉସ୍‌କୁ ସ୍ଥାନାନ୍ତର କରିବାକୁ ବିଏମ୍‌ସି ସ୍ଥିର କରିଛି। ତେବେ ଏଥିପାଇଁ ବସ୍ତିବାସିନ୍ଦାଙ୍କୁ ୬ମାସକୁ ୨ହଜାର ୫ଶହ ଟଙ୍କା ଭଡା ଦେବାକୁ ପଡିବ। ସ୍ଥାନାନ୍ତର ପରେ ସେଠାରେ ଉଚ୍ଛେଦ ଆରମ୍ଭ ହେବ ବୋଲି ବିଡିଏ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଏମ୍‌ସି ଓ ବିଡିଏ ମିଳିତ ଭାବେ ଉକ୍ତ ଉଚ୍ଛେଦରେ ସାମିଲ ହେବେ। କମିଶନରେଟ ପୋଲିସ୍ ଉପସ୍ଥିତ ରହିବ। ବିମାନବନ୍ଦର ନିର୍ଦ୍ଦେଶକ ସୁରେଶଚନ୍ଦ୍ର ହୋତା କହିଛନ୍ତି, ବିମାନ ବନ୍ଦରରେ ରନ୍‌ୱେ ପରି ସ୍ୱତନ୍ତ୍ର ଟ୍ୟାକ୍ସିୱେ ନିର୍ମାଣ ହେବ। ଏଥିପାଇଁ ଜାଗା ଆବଶ୍ୟକ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ(ଏନ୍‌ସିଏସ୍‌ସି) ପକ୍ଷରୁ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ, କନଫରେନ୍ସ ହଲ, ଡୁନ ଇଣ୍ଟରନ୍ୟାଶନାଲ ସ୍କୁଲ, ସିଜୁଆ, ପୂର୍ବାହ୍ନ ୧୦ଟା ୩୦।
- ଥାଲାସେମିଆ କେୟାର ସୋସାଇଟି ପକ୍ଷରୁ ଅନ୍ତର୍ଜାତୀୟ ସେମିନାର, ଆଇଏମ୍‌ଏ ହାଉସ, କ୍ୟାପିଟାଲ ହସ୍ପିଟାଲ ନିକଟ, ପୂର୍ବାହ୍ନ ୧୦ଟା ୩୦।
- ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ କର୍ମଚାରୀଙ୍କ ଧାରଣା ଓ ସମ୍ମିଳନୀ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ନରେନ୍ଦ୍ରନାଥ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ପ୍ରଫେସର ନରେନ୍ଦ୍ରନାଥ ମିଶ୍ର ସ୍ମୃତିସନ୍ଧ୍ୟା, ବୁଦ୍ଧ ମନ୍ଦିର ସଭାଗୃହ, ୟୁନିଟ-୩, ସନ୍ଧ୍ୟା ୬ଟା।
- ଓଡ଼ିଶୀ ଡ୍ୟାନ୍ସରସ୍ କାଉନସିଲ ପକ୍ଷରୁ ଅଣ୍ଡର ସିକ୍ସଟିନ୍ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ କଟକ ଶାଖା ପକ୍ଷରୁ 'ସାୱନ ମେଳା', ଲକ୍ଷ୍ମୀ ପାଲେସ, ବାଙ୍କାବଜାର, ପୂର୍ବାହ୍ନ ୧୧ଟା।
- କର୍ମବୀର ଗୌରୀଶଙ୍କର ରାୟଙ୍କର ୧୮୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ଶ୍ରୀ ପତିତପାବନ ଦେବଙ୍କ ବାହୁଡ଼ାଯାତ୍ରା, କାକରୁଦ୍ରପୁର, ମାଉସୀ ମା' ମନ୍ଦିର, ଅପରାହ୍ନ ୩ଟା।

## ଆଜି ସୁନାବେଶ
### ରତ୍ନ ଅଳଙ୍କାରରେ ଝଲସିବେ ଦାରୁବିଗ୍ରହ

**ପୁରୀ ଅଫିସ, ୧୨।୭:** ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଶନିବାର ଏହିଦିନ ସୁନାବେଶ ଓ ଶ୍ରୀଗରୁଡ଼ ଶୟନ ନୀତି ପବିତ୍ର ତିଥିରେ ରଥାରୂଢ଼ ଦାରୁବିଗ୍ରହ ମହଣ ମହଣ ସୁନାରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ରଥ ଉପରେ ଅନୁଷ୍ଠିତ ହେଉଥିବା ସୁନାବେଶକୁ ବଡ଼ ତଡ଼ାଉ ବେଶ ମଧ୍ୟ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ସମୟରୁ ଏହି ବେଶ ହୋଇ ଆସୁଛି। ଏହି ଅପୂର୍ବ ବେଶ ଲାଗି ଶ୍ରୀମନ୍ଦିର ଭଣ୍ଡାର ଘରୁ ବାହାରିବ ସୁନା ଓ ରୁପା ଅଳଙ୍କାର। ଠାକୁରମାନେ ରତ୍ନଅଳଙ୍କାର ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେବେ।

## ବାହୁଡ଼ାରେ ୧୦୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ପୁରୀ ଅଫିସ, ୧୨।୭:** ବାହୁଡ଼ା ଯାତ୍ରାରେ ଜନ୍ମବେଦିରୁ ରତ୍ନବେଦିକୁ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ଫେରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କ ଏହି ଅପୂର୍ବ ଲୀଳାର ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା। ଅପରାହ୍ନରେ ରଥ ଟାଣିବା ବେଳେ ଭିଡ଼ ମଧ୍ୟରେ ଠେଲାପେଲାରେ ୧୦୦ରୁ ଊର୍ଦ୍ଧ୍ୱ ଭକ୍ତ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଜିଲା ସଦର ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଛି। ଶରଧାବାଲିରେ ଦର୍ଶନ ବେଳେ ବହୁ ଭକ୍ତ ଠେଲାପେଲାରେ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଆଣି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଅନୁଭବ କରି ଫେରିଥିବା ଜଣାପଡିଛି। ସେହିପରି ସମୁଦ୍ର ସ୍ନାନ ବେଳେ ଲହଡି ମାଡ଼ରେ ଏକାଧିକ ଆହତ ହୋଇଥିବା ଜଣାପଡିଛି। ସିଂହଦ୍ୱାର ନିକଟରେ ତିନି ରଥ ଲାଗିବା ପରେ ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ଭକ୍ତଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଥିଲା। ଦର୍ଶନ ସମୟରେ ସିଂହଦ୍ୱାର ନିକଟରେ ଠେଲାପେଲା ହୋଇଥିଲା। ଦୋଳମଣ୍ଡପ ସାହି ନିକଟରେ ଠେଲାପେଲାରେ ଶତାଧିକ ମହିଳା, ବୃଦ୍ଧା, ବୃଦ୍ଧ ଆହତ ହୋଇଥିଲେ। ସେମାନଙ୍କୁ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

### ଶ୍ରୀନଅର ସମ୍ମୁଖରେ ଲକ୍ଷ୍ମୀ ନାରାୟଣ ଭେଟ
# ଭେଟ କରାଇଲେ ଗଜପତି ମହାରାଜା

**ପୁରୀ ଅଫିସ, ୧୨।୭**

ନବଦିନାତ୍ମକ ଯାତ୍ରା ସାରି ଭାଇ ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡୁଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେପଟେ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ଠାକୁରାଣୀ। ଏହି ସମୟରେ ସିଂହଦ୍ୱାରରେ ରଥରେ ଥିଲେ ଦେଢଶୁର ବଡ଼ଠାକୁର। ତେଣୁ ତାଳଧ୍ୱଜ ରଥରେ ଘେର କନା ଦିଆଯିବା ପରେ ପାଲିଙ୍କିରେ ଲକ୍ଷ୍ମୀ ଠାକୁରାଣୀ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ନନ୍ଦିଘୋଷ ରଥ ଆସି ଶ୍ରୀନଅର ସମ୍ମୁଖରେ ଅଟକିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାଲକ୍ଷ୍ମୀ(ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ରଥାରୂଢ଼ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସହିତ ଭେଟ କରାଇଥିଲେ। ପତିମହାପାତ୍ର ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ଏହାପରେ ପାଲିଙ୍କି ସହ ଗଜପତି ରଥକୁ ପରିକ୍ରମା କରି ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ। ପରେ ଶ୍ରୀନଅର ସମ୍ମୁଖରେ ପନ୍ତୀ ଭୋଗ ସମ୍ପନ୍ନ ହୋଇଥିଲା। ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ନନ୍ଦିଘୋଷ ରଥ ଗଡିଥିଲା ସିଂହଦ୍ୱାର ଅଭିମୁଖେ। ସୂଚନାଯୋଗ୍ୟ, ବଡ଼ଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ। ଏହାକୁ ଦେଖିବା ଲାଗି ଶ୍ରୀନଅର ସମ୍ମୁଖରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା।



ଗଜପତି ମହାରାଜା ଦିବ୍ୟସିଂହ ଦେବ ଲକ୍ଷ୍ମୀ ନାରାୟଣ ଭେଟ କରାଉଛନ୍ତି।

### ରଥ ଉପରେ ସୁନାବେଶ
# ବଡ଼ତଡାଉ ସେବକଙ୍କ ଅନୁରୋଧରେ ହେଉଛି

**ପୁରୀ ଅଫିସ, ୧୨।୭**

ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କର ମାନବୀୟ ଲୀଳା ଭଳି ରାଜକୀୟ ଲୀଳା ମଧ୍ୟ ଅନୁଷ୍ଠିତ ହେଉଛି। ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତିନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା ଏହି ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଏବଂ ବାହୁଡ଼ା ପରଦିନ ସିଂହଦ୍ୱାରଠାରେ ଥିବା ରଥ ଉପରେ ସୁନାବେଶ କରାଯାଇଥାଏ।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେଠାରୁ ଆରମ୍ଭ ହେଲା, ତାହା ଠିକ୍‌ଭାବେ କହିବା କଷ୍ଟକର। ଏ ସମ୍ପର୍କରେ ସ୍କନ୍ଦ ପୁରାଣ କିମ୍ବା ନୀଳାଦ୍ରି ମହୋଦୟ ଭଳି ଗ୍ରନ୍ଥମାନଙ୍କରେ କିଛି ଉଲ୍ଲେଖ ନାହିଁ। ତେବେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବମତବାଦର ଜନସାଧାରଣ ଓ ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥାନ୍ତି। ସେଥିପାଇଁ ଏହିଦିନ ରଥଯାତ୍ରା ଭଳି ଶ୍ରୀକ୍ଷେତ୍ରରେ ଗହଳି ଲାଗିଥାଏ। ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଡାଉ ବେଶ। ବଡ଼ତଡାଉ ବେଶ ସମ୍ପର୍କରେ ଜଣାଯାଏ, ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ର ଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ଜୟ କରି ୧୬ଟି ହସ୍ତୀପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ। ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟକରି ବଡ଼ତଡାଉ ସେବକ (ଅଳଙ୍କାରଗୁଡ଼ିକୁ ଭଣ୍ଡାରରୁ ଆଣି ବେଶ ଶେଷ ହେବା ପରେ ପୁଣି ଭଣ୍ଡାର ମଧ୍ୟରେ ଯେ ଗଣିକରି ରଖନ୍ତି) ଶ୍ରୀଛାମୁରେ ଜଣାଇଥିଲେ ଯେ, ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷକ ମଧ୍ୟରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁନାହାନ୍ତି। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ ବାହୁଡ଼ାଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁରମାନଙ୍କୁ ସର୍ବ ସମ୍ମୁଖରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଡାଉ ସେବକଙ୍କ ଅନୁରୋଧକ୍ରମେ ସେହିଦିନଠାରୁ ରାଜା କପିଳେନ୍ଦ୍ରଦେବ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁରମାନଙ୍କୁ ରଥ ଉପରେ ବଡ଼ ଏକାଦଶୀ ଦିନ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ। ତେଣୁ ଏହି ସୁନାବେଶ ବଡ଼ତଡାଉ ବେଶ ନାମରେ ବିଦିତ ହୋଇଆସୁଛି। ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତିସରିବା ପରେ ଚିତ୍ତାକର୍ଷକ ସୁନାବେଶ ଆରମ୍ଭ ହୋଇଥାଏ। ଏହି ବେଶରେ ମେକାପ ନିଯୋଗ, ପୁଷ୍ପାଳକ, ଖୁଣ୍ଟିଆ ସେବକ ସାହାଯ୍ୟ କରିଥାନ୍ତି। ରଥ ଉପରେ ଏମାନଙ୍କ ସହିତ ଦଇତାପତି ସେବକମାନେ ଅଂଶଗ୍ରହଣ କରିଥାନ୍ତି। ଏହିଦିନ ଦ୍ୱିପ୍ରହର ଧୂପ (ଖଇ, କୋରା, ଧୁଆମୁଗ, ଆମ୍ବ, ପଣସ, ନଡ଼ିଆ, ଇତ୍ୟାଦି ଶୁଖିଲି ଭୋଗ) ପରେ ଠାକୁରମାନେ ମଇଲମ ହୁଅନ୍ତି। ମଇଲମ ପରେ ଖଣ୍ଡେ ଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୁଅନ୍ତି। ପରେ ଫୁଟାଲାଗି (ଟାଇଟ୍ ବସ୍ତ୍ର ପରିଧାନ କରନ୍ତି) ହୁଅନ୍ତି। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥାନ୍ତି। ଶ୍ରୀବଳଭଦ୍ରଙ୍କ ଶ୍ରୀବିଗ୍ରହରେ ସନ୍ନିବେଶିତ ହେଉଥିବା ଅଳଙ୍କାରଗୁଡ଼ିକ ହେଲା–ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣି, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା ଝୋବାକଣ୍ଟି (ଲୁଗାକୁ ଠିକ୍ ଭାବେ ରଖିବା ପାଇଁ), ହଳ, ମୂଷଳ, ବାହାଡ଼ାମାଳି, ବାଘନଖିମାଳି, ସେବତିମାଳି ଓ ତ୍ରିଖଣ୍ଡିକା କମରପଟି। ଦେବୀ ସୁଭଦ୍ରା ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା କିରୀଟ, ଓଡ଼ିଆଣି, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ାମାଳି, କଦମ୍ବମାଳି, ଉଡଗି ୨ଟି ଓ ସେବତିମାଳି। ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରେ ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା– ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, କାନ, ଆଡକାନି, ଘାଗଡ଼ାମାଳି, ତାବିଜମାଳି, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡାମାଳି, ସେବତିମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଟି, ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ ଓ ତ୍ରିଖଣ୍ଡିକା କମରପଟି। ରଥାରୂଢ଼ ଠାକୁରମାନଙ୍କର ଭବ୍ୟ ସୁବର୍ଣ୍ଣମୟ ବେଶ ଦର୍ଶନ ମାତ୍ରେ ଭକ୍ତ ପ୍ରାଣରେ ଭକ୍ତିଭାବ ସଞ୍ଚାର ହେବା ସହ ଅଶେଷ ପୁଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଥିବା ଡ. ଦାଶ କହିଛନ୍ତି।

## ମାଉସୀ ମା' ପୋଡ଼ପିଠା ଖାଇଲେ ମହାପ୍ରଭୁ



**ପୁରୀ ଅଫିସ, ୧୨।୭**

ମହାପ୍ରଭୁ ଶ୍ରୀଜଗନ୍ନାଥ ଭୋଜନ ପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ତାଙ୍କର ଥାଏ ବିଶେଷ ରୁଚି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ବାହୁଡିବା ବେଳେ ବାଟରେ ଅଟକି ମାଉସୀ ଘର ପୋଡ଼ପିଠା ଖାଇଛନ୍ତି ଠାକୁର।

ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ବଡ଼ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରୁ ଏକ ଲାଗିମାଳ ଅଣାଯାଇ ଅର୍ଦ୍ଧଶୋଷଣୀଙ୍କୁ ଲାଗି କରାଯାଇଥିଲା। ଏହାପରେ ମାଉସୀ ଘର ପୋଡ଼ ପିଠା ଖାଇ ଠାକୁର ଶ୍ରୀମନ୍ଦିର ଅଭିମୁଖେ ବାହୁଡିଥିଲେ। ମହାପ୍ରଭୁଙ୍କୁ ପୋଡ଼ପିଠା କିଏ ଖୁଆଇବ ସେ ନେଇ ଯେଉଁ ବିବାଦ ଲାଗି ରହିଥିଲା ତାହା ମଧ୍ୟ ଆଜି ଏକ ରୋଚକ ପରିସ୍ଥିତି ସୃଷ୍ଟି କରିଥିଲା। ମାଉସୀ ମା' ମନ୍ଦିରରେ ପ୍ରସ୍ତୁତ ପୋଡ଼ ପିଠାକୁ ବିଶ୍ୱନାଥ ମିଶ୍ର ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ସମର୍ପି ଦେଇଥିଲେ। ସେହିପରି ମନ୍ଦିର ନିକଟରେ ମନୋରଞ୍ଜନ ମିଶ୍ର ମଧ୍ୟ ପୋଡ଼ପିଠା ଠାକୁରଙ୍କୁ ସମର୍ପି ଦେଇଥିଲେ। ହେଲେ ଦୁଇଜଣ ପୋଡ଼ପିଠା ସମର୍ପି ଦେବା ଘଟଣା ଭକ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠିଥିଲା ଠାକୁର କାହା ପାଖରୁ ଖାଇଲେ ପୋଡ଼ପିଠା।

## ଜାତିସଂଘ ମୁଖ୍ୟାଳୟରେ ପ୍ରଦର୍ଶିତ ହେଲା 'ଦି ଲାଷ୍ଟ କଲର'

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଯୋଜକ ଓ ପ୍ରମୋଟର ଜିତେନ୍ଦ୍ର ମିଶ୍ର ପୁଣିଥରେ ଓଡ଼ିଶାକୁ ବିଶ୍ୱସ୍ତରରେ ଗୌରବାନ୍ୱିତ କରିଛନ୍ତି। ନିକଟରେ ତାଙ୍କ ଦ୍ୱାରା ପ୍ରଯୋଜିତ ଫିଚର ଫିଲ୍ମ 'ଦି ଲାଷ୍ଟ କଲର' ଶୁକ୍ରବାର ଜାତିସଂଘ ମୁଖ୍ୟାଳୟଠାରେ ପ୍ରଦର୍ଶିତ ହୋଇଛି। ସେଲିବ୍ରିଟି ସେଫ୍ ବିକାଶ ଖାନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ହାତଗଣତି କିଛି ଭାରତୀୟ ଫିଲ୍ମ ମଧ୍ୟରେ ଜାତିସଂଘରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ପୂର୍ବରୁ ଏହି ଫିଲ୍ମ ୩୦ତମ ଆନୁଆଲ୍ ପାମ୍ ସ୍ପ୍ରିଙ୍ଗସ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରିମିୟର୍ ହୋଇଥିବାବେଳେ ସମ୍ମାନଜନକ କାନ୍‌ସ ଫିଲ୍ମ ଫେଷ୍ଟିଭାଲ ୨୦୧୯ରେ ସ୍ୱତନ୍ତ୍ରଭାବେ ସ୍କ୍ରିନିଂ ହୋଇଥିଲା। କିଛିବର୍ଷ ପୂର୍ବେ ବିକାଶ ଖାନ୍ନାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଦି ଲାଷ୍ଟ କଲର' ଉପରେ ଆଧାରିତ ଏହି ଫିଲ୍ମରେ ଅଭିନେତ୍ରୀ ନୀନା ଗୁପ୍ତା ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ୮୬ ମିନିଟର ଫିଲ୍ମଟିରେ ବୃନ୍ଦାବନରେ ବିଧବା ମହିଳାମାନେ ହୋଲି ଖେଳିବାକୁ ନେଇ ରହିଥିବା କଟକଣା ଓ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ରାୟକୁ ଦର୍ଶାଯାଇଛି। ମହିଳାମାନଙ୍କ କ୍ଷେତ୍ରରେ ରହିଥିବା ବିଭିନ୍ନ କୁପ୍ରଥା ଏବଂ ସାମାଜିକ ପ୍ରତିବନ୍ଧକ ବିରୋଧରେ ଲଢେଇ କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଏହି ଫିଲ୍ମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିତେନ୍ଦ୍ର କହିଛନ୍ତି। ଲିଙ୍ଗଗତ ସମାନତା ତଥା ନାରୀ ସଶକ୍ତୀକରଣ ଉଦ୍ଦେଶ୍ୟରେ ଜାତିସଂଘ ମୁଖ୍ୟାଳୟଠାରେ ଏହି ଫିଲ୍ମ ପ୍ରଦର୍ଶିତ ହୋଇଥିଲା।





## ଏସ୍‌ପ୍ଲାନେଡ ୱାନ ପାଳିଲା ପ୍ରଥମବର୍ଷ ପୂର୍ତ୍ତି

**ଭୁବନେଶ୍ୱର, ୧୨–୭(ବ୍ୟୁରୋ)**

ଏସ୍‌ପ୍ଲାନେଡ ୱାନ ମଲ୍ ପକ୍ଷରୁ ପ୍ରଥମ ବର୍ଷ ପୂର୍ତ୍ତି ଏବଂ ବାହୁଡା ଯାତ୍ରା ମଲ୍ ପରିସରରେ ପାଳିତ ହୋଇଯାଇଛି। ଏହା ସହ କେକ୍ କାଟି ପୂର୍ତ୍ତି ସେଲିବ୍ରେଶନ ଏବଂ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ମଲ୍‌ରେ ଆୟୋଜନ କରାଯାଇଥିଲା। ୧୮ ଷ୍ଟୋର ସହ ମଲ୍ ଶୁଭାରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏବେ ଏହାର ଶତପ୍ରତିଶତ ସ୍ଥାନ ବ୍ୟବହାର ହୋଇ ପାରିଛି। ଗୋଟିଏ ବର୍ଷ ମଧ୍ୟରେ ଓଡ଼ିଶାର ଲୋକମାନଙ୍କଠାରୁ ସହଯୋଗ ଏବଂ ଭଲପାଇବା ଲାଭ କରିଛୁ ବୋଲି ଏସ୍‌ପ୍ଲାନେଡ ୱାନର ସେଣ୍ଟର ନିର୍ଦ୍ଦେଶକ ପାର୍ଥ ପ୍ରତୀମ ନାୟକ ସୂଚନା ଦେଇଛନ୍ତି। ଗତ ଗୋଟିଏ ବର୍ଷ ହେବ ଲୋକଙ୍କ ସହ ଜଡିତ ହେବାକୁ ପ୍ରୟାସ ଜାରି ରଖିଛୁ। ଆଗାମୀ ଦିନରେ ଲୋକଙ୍କୁ ସୁବିଧା ଯୋଗାଣ ଧାରା ଜାରି ରହିବ। ବିଭିନ୍ନ ସ୍ୱତନ୍ତ୍ର ସୁବିଧା ସହ ଏହା ଲୋକଙ୍କର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ନିହାରିକା



ସ୍ୱସ୍ତିକ



ଶୁଭାଂଶୁ



ତାପସ



ରେଣୁକା



ଜ୍ଞାନରଞ୍ଜନ

ବଲାଙ୍ଗୀର ଜିଲା ତୁରେକେଲା ଥାନା ଲର୍କି ଗାଁ ନିକଟରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ସମୀର ପାତ୍ର (୧୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ତାଙ୍କ ମା' ପ୍ରେମଲତା ଗୁରୁତର ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ଧକ୍କା ଦେଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜାଳିଦେବା ସହ କଣ୍ଟାବାଞ୍ଜି-ତୁରେକେଲା ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବି କରିଛନ୍ତି।





ଓଡ଼ିଶାରେ ପ୍ରଥମ ଥର ପାଇଁ ଆମେରିକାର ୨୪୩ ତମ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ହାଇଦ୍ରାବାଦସ୍ଥିତ ୟୁଏସ୍ କନ୍‌ସୁଲେଟ୍ ଜେନେରାଲ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ଶୁକ୍ରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଡେପୁଟି କନ୍‌ସଲ୍ ଜେନେରାଲ ଏରିକ୍ ଆଲେକ୍‌ଜାଣ୍ଡାରଙ୍କ ସହ କରମର୍ଦ୍ଦନ କରୁଛନ୍ତି ମୁଖ୍ୟଅତିଥି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

## ବିଧାନସଭା ପ୍ରଶ୍ନକାଳରେ ଜୋର୍‌ଦାର ହେଲା

# କ୍ରୀଡ଼ା, ଶିଳ୍ପ ବିଭାଗର ଆଲୋଚନା

- ନିର୍ଦ୍ଦିଷ୍ଟ ଉତ୍ତର ମିଳୁ ନ ଥିବାରୁ ସଭ୍ୟଙ୍କ କ୍ଷୋଭ
- ଶିଳ୍ପମନ୍ତ୍ରୀଙ୍କୁ ଘେରିଲେ ମୋହନ, ତାରା

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ଷୋଡ଼ଶ ବିଧାନସଭା ପ୍ରଥମ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବିନା ବାଧାରେ ପ୍ରଶ୍ନକାଳ ଏକଘଣ୍ଟା ଧରି ଚାଲିଥିଲା। କ୍ରୀଡ଼ା ଓ ଯୁବ ସେବା , ଶିଳ୍ପ ଏବଂ ଶକ୍ତି ବିଭାଗ ପରି ପ୍ରମୁଖ ବିଷୟରେ ବିଭାଗୀୟ ମନ୍ତ୍ରୀମାନେ ଉତ୍ତର ରଖିଥିଲେ। ଶିଳ୍ପ ବିଭାଗ ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖୁଥିବା ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କେତେକ ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରଖି ନ ପାରିବାରୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଏବଂ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। ସେହିଭଳି କ୍ରୀଡ଼ା ବିଭାଗ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ବିଭାଗୀୟ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ରଖିଥିଲେ।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପ୍ରଶ୍ନ ସଂଖ୍ୟା-୧୮୩ର ଉତ୍ତର ରଖି ମନ୍ତ୍ରୀ ତୁଷାରକାନ୍ତି କହିଛନ୍ତି ଯେ, ରାଜ୍ୟର ୩୧୪ ବ୍ଲକସ୍ତରୀୟ ଓ ୧୪୯ଟି ସହରାଞ୍ଚଳ ମିନିଷ୍ଟାଡିୟମ ସମ୍ପୂର୍ଣ୍ଣ ହୋଇଛି। ତନ୍ମଧ୍ୟରୁ ୨୧୭ ମିନିଷ୍ଟାଡିୟମ ସମ୍ପୂର୍ଣ୍ଣ ହୋଇଛି। ୧୨୮ର କାର୍ଯ୍ୟ ଚାଲୁ ରହିଥିବା ବେଳେ ୧୧୮ଟିର କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି ଫୁଟବଲ ଖେଳର ପ୍ରସାରପ୍ରଚାର ନିମିତ୍ତ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଉପରେ ମନ୍ତ୍ରୀ ତୁଷାରକାନ୍ତି ଉତ୍ତର ରଖିଥିଲେ। ଏହା ପରେ ପ୍ରଶ୍ନକର୍ତ୍ତା ସୁରେଶ ପୂର୍ବ ସରକାର ସମୟରେ କ୍ରୀଡାର ଭିତ୍ତିଭୂମି ଉନ୍ନତି ନେଇ କରାଯାଇଥିବା କାର୍ଯ୍ୟର ଅବତାରଣା କରିଥିଲେ। ବିଜେଡି ବିଧାୟକ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନ କରିବା ସହ ଅଶୀ ଦଶକରେ ରାଜ୍ୟ କ୍ରୀଡା ଭିତ୍ତିଭୂମି ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ସଭ୍ୟଙ୍କୁ ତଥ୍ୟ ଯୋଗାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ। ପରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ପଶ୍ଚିମ ଓଡ଼ିଶାରେ କ୍ରୀଡା ଏକାଡେମୀ ପ୍ରସ୍ତାବ ସମ୍ପର୍କରେ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ହେଲେ ଏକାଡେମୀ ନେଇ କୌଣସି ବିଧିବଦ୍ଧ ପ୍ରସ୍ତାବ ଆସି ନ ଥିବା କ୍ରୀଡାମନ୍ତ୍ରୀ ଉତ୍ତର ରଖିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ପ୍ରଶ୍ନ ସଂଖ୍ୟା ୧୮୪ର ଉତ୍ତର ଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, କେନ୍ଦୁଝର ଜିଲା ପଲାଶପଙ୍ଗାଠାରେ ଥିବା ଓଡ଼ିଶା ଆଇରନ ଆଣ୍ଡ ଷ୍ଟିଲ ଲିଃ ଅକ୍ଟୋବର ୧୪, ୨୦୧୨ଠାରୁ ଉତ୍ପାଦନ ବନ୍ଦ ରହିଛି। ଏହା ଦ୍ୱାରା ୪୦୦ ଚୁକ୍ତିଭିତ୍ତିକ କର୍ମଚାରୀ ଛଟେଇ ହୋଇଛନ୍ତି। ୪୫୪ଜଣ ନିୟମିତ କର୍ମଚାରୀଙ୍କ ମଧ୍ୟରୁ ୨୪୭ ଜଣ ଅବସର/ମୃତ୍ୟୁବରଣ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ହେଲେ ଏଥିରେ ଭାଜପା ସଭ୍ୟ ମୋହନ କ୍ଷୋଭ ପ୍ରକାଶ କରିଥିଲେ। ଏହା ପରେ ଶାସକ ସଭ୍ୟ ବଦ୍ରି ପାତ୍ର ଅତିରିକ୍ତ ପ୍ରଶ୍ନ ପଚାରିବା ସହ କେଉଁ ପିଏସ୍‌ୟୁ ବନ୍ଦ ହୋଇଥିବା କାରାଖାନାକୁ ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ନିର୍ଦ୍ଦିଷ୍ଟ ଉତ୍ତର ଚାହିଁଥିଲେ। ପରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନ ଉପରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉତ୍ତର ରଖିଥିଲେ। ତାରା କୋରାପୁଟରେ ନାଲ୍‌କୋକୁ ଦୃଷ୍ଟିରେ ରଖି ଗଢି ଉଠିଥିବା ଆନୁଷଙ୍ଗିକ ଶିଳ୍ପ ନେଇ ୧୦ ବର୍ଷର ବିବରଣୀ ନେଇ ପ୍ରଶ୍ନ କରିଥିଲେ। ହେଲେ ମନ୍ତ୍ରୀ ଗୃହରେ ପ୍ରଦାନ କରିଥିବା ଉତ୍ତରରେ ତାରା ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି ଜୟପୁର ପିସ୍ ପେପର ମିଲ୍ ପ୍ରସଙ୍ଗ ଉଠାଇଥିଲେ। ମେକ୍ ଇନ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ପାଇଁ କୋଟି କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। ହେଲେ ବଡ ବଡ ଶିଳ୍ପ ସ୍ଥାନୀୟ ନିଯୁକ୍ତି ନେଇ କ'ଣ କରୁଛନ୍ତି, ସେ ନେଇ ସମୀକ୍ଷା କରୁ ନ ଥିବା ତାରା ଅଭିଯୋଗ କରିଛନ୍ତି।

## 'ଗଣିତ କଳିକା' କାର୍ଯ୍ୟକ୍ରମ ସମ୍ପ୍ରସାରିତ ହେବ

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅକ୍ଷରା ଫାଉଣ୍ଡେଶନ ସହଯୋଗରେ 'ଗଣିତ କଳିକା' କାର୍ଯ୍ୟକ୍ରମ ଆଉ ୨୮ଜିଲାକୁ ସମ୍ପ୍ରସାରିତ ହେବ। ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଗଣିତ ପାଠ୍ୟକ୍ରମରେ ଶ୍ରେଣୀ ଉପଯୋଗୀ ଦକ୍ଷତା ହାସଲ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାକୁ ପ୍ରଥମେ ବଲାଙ୍ଗୀର ଓ ରାୟଗଡ଼ା ଜିଲାରେ ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଯାଇଥିଲା। ଏହି ଦୁଇ ଜିଲାର ୪୨୦୦ ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ଗଣିତ କିଟ୍ ଯୋଗାଇ ଦିଆଯାଇଥିଲା। ଏଥିରେ ଶିକ୍ଷାଦାନ ନିମନ୍ତେ ୩୫୦ଜଣଙ୍କୁ ପ୍ରଧାନ ସାଧନ ଶିକ୍ଷକ ଭାବେ ଢେଙ୍କାନାଳ ଓ ପୁରୀ ଜିଲା ସମେତ ବାଙ୍ଗାଲୋରଠାରେ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ୫ଦିନିଆ କର୍ମଶାଳା କରାଯାଇ ୪ହଜାର ସାଧନ ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ୨ଲକ୍ଷ ୪୦ହଜାର ବିଦ୍ୟାର୍ଥୀ ଉପକୃତ ହୋଇଥିଲେ। ଏହି ପାଇଲଟ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ରାଜ୍ୟରେ ଅବଶିଷ୍ଟ ଜିଲାକୁ ଏହା ସମ୍ପ୍ରସାରିତ କରାଯିବ।

## ଜିଲା ଟିଠି
### ବୌଦ୍ଧ



# ସବୁଜ ବିଷବଳୟ

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବୌଦ୍ଧ ଜିଲା। ଆଜି ପର୍ଯ୍ୟନ୍ତ ଏହି ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ସେଥିପାଇଁ କୃଷିଭିତ୍ତିକ ଜିଲା ଭାବେ ମାନ୍ୟତା ପାଇଛି ବୌଦ୍ଧ। ଜିଲାବାସୀଙ୍କ ମୁଖ୍ୟ ଆୟ ଚାଷ ଉପରେ ନିର୍ଭର କରିଥାଏ। ଚାଷ ପାଇଁ ଜଳସେଚନର ସେପରି କୌଣସି ବ୍ୟବସ୍ଥା ନାହିଁ। ବର୍ଷାଜଳ ଉପରେ ଚାଷୀ ନିର୍ଭର କରେ। ନିଜ ରକ୍ତ ନିଗାଡ଼ି ସେ ଫସଲ ଫଳାଏ। ହେଲେ ଅଧିକାଂଶ ସମୟରେ ତା'ପରିଶ୍ରମ ମୂଲ୍ୟ ମିଳେନାହିଁ। ଏହା ସହିତ ଧୋଇ ମରୁଡ଼ି ବି ଅଛି। ଏପରି ପରିସ୍ଥିତିରେ ଚାଷୀମାନେ ଚାଷକୁ ଛାଡିବାକୁ ବସିଛନ୍ତି। ଯୁବପିଢିଙ୍କ କଥା ନ କହିବା ଭଲ। ଅଳ୍ପ ପରିଶ୍ରମରେ ଅଧିକ ଲାଭ ପାଇବା ପାଇଁ ସେମାନେ ଚାହିଁ ବସିଛନ୍ତି। ସମୟର ପରିବର୍ତ୍ତନ ସହିତ ସବୁ ଯେମିତି ବଦଳିବାରେ ଲାଗିଛି। ଚାଷରୁ ମୁହଁ ଫେରାଇ ଆଣିଥିବା କେତେଜଣ ଚାଷୀ ଏବେ ଗଞ୍ଜେଇ ଚାଷ କରିବାକୁ ମନ ବଳାଇଛନ୍ତି। ଅଳ୍ପ ସମୟରେ ଅମଳ ଓ କମ୍ ପରିଶ୍ରମରେ ଅଧିକ ଲାଭ ପାରିବାର ଲୋଭ ସେମାନଙ୍କୁ ଏଥିରେ ବାନ୍ଧି ରଖିଛି। ଏଥିପାଇଁ ପ୍ରତିବର୍ଷ ଗଞ୍ଜେଇ ଚାଷୀଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ସେଥିପାଇଁ ୩ଟି ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳକୁ ନେଇ ଗଠିତ ଏହି ଜିଲା ଏବେ ସବୁଜ ବିଷବଳୟ ଭିତରକୁ ଚାଲି ଯାଇଛି। ପ୍ରତିବର୍ଷ ସବୁଜ ବଳୟ କଟାଯାଇ ଗଞ୍ଜେଇ ଚାଷ କରାଯାଉଛି। ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭାଗୀୟ କର୍ମଚାରୀମାନେ ପ୍ରତିବର୍ଷ ଶହ ଶହ ଗଞ୍ଜେଇ ଗଛ କାଟି ନଷ୍ଟ କରୁଛନ୍ତି। କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଉଛି। ହେଲେ କିଛି ଲାଭ ହେଉନି। ଭୌଗୋଳିକ ଦୃଷ୍ଟିକୋଣରୁ ରାଜ୍ୟର ମଧ୍ୟସ୍ଥଳରେ ଥିବା ଏହି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲ, ସରକାରୀ ଜାଗା ଓ ନାଳକୂଳ ରହିଛି। ମାଫିଆମାନେ ଉପରୋକ୍ତ ଅଞ୍ଚଳରେ ଗରିବ, ନିରୀହ ଆଦିବାସୀମାନଙ୍କୁ ଅଳ୍ପ ପଇସା ଦେଇ ଗଞ୍ଜେଇ ଚାଷ କରୁଛନ୍ତି। ଜିଲା ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ବେଳେ ଯୁବପିଢି ଅଧିକ ରୋଜଗାର ଆଶାରେ ଗଞ୍ଜେଇ ଚାଷ ଓ ବେପାରକୁ ଆଦରି ନେଉଛନ୍ତି। ଜିଲାରେ ବର୍ଷକୁ ବର୍ଷ ଗଞ୍ଜେଇ ଚାଷ ଓ କାରବାର ବୃଦ୍ଧି ଘଟୁଛି। ପ୍ରତ୍ୟହ ଅବକାରୀ ଓ ପୋଲିସ ହାତରେ ଗରିବ ଲୋକମାନେ ଧରାପଡି ଜେଲ ଯାଉଛନ୍ତି। ଏସବୁ ସତ୍ତ୍ୱେ ଗଞ୍ଜେଇ ବେପାର କମିବାର ନା ନେଉନି। ଏହି ଚାଷ ପଛରେ କୁଆଡ଼େ ସ୍ଥାନୀୟ ପୋଲିସ, ବନ ବିଭାଗ, ରାଜସ୍ୱ ବିଭାଗ ଓ ଅବକାରୀ ବିଭାଗର ଭିତିରି ସମ୍ମତି ରହିଛି। କାରଣ ସେମାନଙ୍କୁ ହାତ ନ କଲେ ଗଞ୍ଜେଇ ଚାଷ କରିବା ଅସମ୍ଭବ। ଜିଲାରେ ଉତ୍ପାଦିତ ଗଞ୍ଜେଇର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ଥିବାରୁ ତାହା ସ୍ଥାନୀୟ ବେପାରୀମାନଙ୍କୁ ଉତ୍ସାହିତ କରିଛି। ଏଣେ ଗଞ୍ଜେଇ କାରବାରଜନିତ ମାମଲା ଜିଲାର ବିଭିନ୍ନ ଥାନାରେ ବଢ଼ି ଚାଲିଛି। ନିରୀହ ଲୋକ ପୋଲିସ ଓ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ହେଲେ ଅସଲ ମାଫିଆମାନେ ବାରମ୍ବାର ଖସି ଯାଉଛନ୍ତି। ସେମାନଙ୍କ ପ୍ରତି ଯଦି ପ୍ରଶାସନିକ ଅଧିକାରୀମାନେ କଠୋର ହୁଅନ୍ତେ ଜିଲାବାସୀ ଏହି ବିଷବଳୟରୁ ମୁକ୍ତି ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**- ଅଜିତ କୁମାର ବାରିକ**

## ବିରୋଧୀ ଦଳ ନେତା ପଦକୁ ନେଇ ଅଡୁଆ

# ଦଳରୁ ନେବା ନୁହେଁ ଦେବା ଶିଖିଛି: ଜୟନାରାୟଣ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ରାଜ୍ୟ ରାଜନୀତିରେ ଭାଜପାର ପୂର୍ବାପେକ୍ଷା ଶକ୍ତି ବୃଦ୍ଧି ଘଟିଛି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଏହାର ପ୍ରମାଣ ମିଳିସାରିଛି। ପ୍ରଥମ ଥର ଲାଗି ରାଜ୍ୟରେ ଦଳ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିବା ସାଙ୍ଗକୁ ମୁଖ୍ୟ ବିରୋଧୀ ଦଳ ଭୂମିକା ହାତେଇ ପାରିଛି। ଲୋକଙ୍କ ଏଭଳି ଆସ୍ଥାଭାଜନ ହୋଇପାରିଥିବା ବିରୋଧୀ ଭାଜପାରେ କିନ୍ତୁ ବର୍ତ୍ତମାନ ଦାୟିତ୍ୱ ବଣ୍ଟନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ବିରୋଧୀ ଦଳ ଆସନକୁ ନେଇ ଦଳର ଦୁଇ ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଏବଂ ପ୍ରଦୀପ୍ତ ନାଏକଙ୍କ ମଧ୍ୟରେ ମତଭେଦ ଥିବା ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଦୀର୍ଘଦିନର ନୀରବତା ପରେ ବିରୋଧୀ ଦଳ ନେତା ପଦ ତାଙ୍କୁ କାହିଁକି ମିଳିଲା ନାହିଁ ବୋଲି ଶୁକ୍ରବାର ଜୟନାରାୟଣ କ୍ଷୋଭ ପ୍ରକାଶ କରିଛନ୍ତି। ଏପରି କି ସେ ଦଳରୁ ସେ କିଛି ନେବା ନୁହେଁ ବରଂ ଦେବା ଶିଖିଛନ୍ତି ବୋଲି କହିଛନ୍ତି।

ଜୟନାରାୟଣ କହିଛନ୍ତି ଯେ, ବିରୋଧୀ ଦଳ ନେତା ଚୟନ ସମୟରେ ବହୁ ବିଧାୟକ ସ୍ପଷ୍ଟ ମତ ଦେଇସାରିଥିଲେ। ତାଙ୍କୁ ଏହି ପଦବୀ ମିଳିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଥିଲା। କେନ୍ଦ୍ରୀୟ ନେତୃତ୍ୱଙ୍କ କହିବାନୁଯାୟୀ ସେ କାମ ମଧ୍ୟ ଆରମ୍ଭ କରିଦେଇଥିଲେ। ବିଧାୟକମାନଙ୍କୁ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଆଣିବାଠାରୁ ବିଧାନସଭାରେ ଦଳର ରଣନୀତି ଉପରେ ନଷ୍ପତ୍ତି ନେଉଥିଲେ। ତାଙ୍କୁ ବିରୋଧୀ ଦଳ ନେତା କରିବାକୁ ସମସ୍ତ ବିଧାୟକମାନେ ମଧ୍ୟ ଚାହୁଁଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଦଳ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲା ବୋଲି ଜୟନାରାୟଣ କହିଛନ୍ତି। ଅପରପକ୍ଷରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି, କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ଏହି ପଦରେ ବସାଇଛନ୍ତି । ତେଣୁ ସେମାନେ ଏହାର ଉତ୍ତର ଦେଇପାରିବେ। ଯେଉଁଠାରେ ଯାହା ଆବଶ୍ୟକ ପଡ଼ିବ ସେହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ରାଜ୍ୟ ସରକାରଙ୍କୁ ସେ ଘେରିବାକୁ ପ୍ରସ୍ତୁତ ଅଛନ୍ତି। ଯଦି ସେ ଏଥିରେ ବିଫଳ ହୁଅନ୍ତି ତେବେ ଦଳ ତାଙ୍କ ବଦଳରେ ଆଉ କାହାକୁ ଏହି ପଦବୀରେ ବସାଇ ପାରିବେ ବୋଲି ପ୍ରଦୀପ୍ତ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ଗତ ମେ ୨୩ ତାରିଖରେ ପ୍ରକାଶ ପାଇଥିଲା। ଦଳ ୨୩ ବିଧାନସଭା ଆସନରେ ସଫଳତା ପାଇ ଦୁଇ ନମ୍ବର ସ୍ଥାନ ପାଇଲା। ହେଲେ ଏହାପରେ ବିରୋଧୀ ଦଳ ନେତା ଚୟନ ପାଇଁ ଦଳୀୟ ନେତୃବୃନ୍ଦଙ୍କୁ ଗୋଟିଏ ମାସ ସମୟ ଲାଗିଗଲା। ଚଳିତ ବଜେଟ୍ ଅଧିବେଶନ ଆରମ୍ଭର ପୂର୍ବଦିନ ହିଁ ଦଳ ଏହି ପଦରେ ପ୍ରଦୀପ୍ତ ନାଏକଙ୍କୁ ବସାଇଲା। ଏହାର ଦିନକ ପୂର୍ବରୁ ବିଧାୟକମାନଙ୍କୁ ନେଇ ଏକ ବୈଠକ ବସିଥିଲା, ହେଲେ ନେତା ଚୟନ ହୋଇପାରି ନ ଥିଲା। ଦଳ ଏହି ଦାୟିତ୍ୱ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ହାତରେ ନ୍ୟସ୍ତ କରିଥିଲା। ଫଳରେ ଦୀର୍ଘଦିନ ଧରି ଜୟନାରାୟଣଙ୍କୁ ଏହି ପଦ ମିଳିବ ବୋଲି କୁହାଯାଉଥିଲେ ମଧ୍ୟ ସେପରି ହେଲା ନାହିଁ। ତେଣୁ ଏହାକୁ ନେଇ ଜୟନାରାୟଣ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ଚାଲିଥିଲା।

## ଭୁବନେଶ୍ୱରରେ ରହିବାକୁ ହୀନସ୍ତା ହେଉଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ

ଭୁବନେଶ୍ୱର, ୧୨।୭(ବ୍ୟୁରୋ)

ବିଧାନସଭା ଚାଲୁଥିବା ବେଳେ ଆମକୁ ରହିବାକୁ ସରକାରୀ କ୍ୱାର୍ଟର୍ସ କିମ୍ବା ରାଜ୍ୟ ଅତିଥି ଭବନ ମିଳୁନି। ଅଫିସରଙ୍କ ପାଖକୁ ଗଲେ ଆମକୁ ଖାତିର କରୁନାହାନ୍ତି। ବସିବା ପାଇଁ ଚେୟାର ଖଣ୍ଡେ ଦେଉନାହାନ୍ତି। ମୁଁ ତିନିଥର ବିଧାୟକ ହେଲିଣି। ଭୁବନେଶ୍ୱରରେ ଅତିଥି ଭବନରେ ରହିବା ପାଇଁ ଗୃହ ବିଭାଗ ଅତିରିକ୍ତ ସଚିବଙ୍କୁ ଦେଖାକଲି। ସେ ମୋତେ ଖାତିର କଲେ ନାହିଁ। ଏଭଳି ଆବେଗଭରା କଣ୍ଠରେ ଶୁକ୍ରବାର ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଭାଜପା ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି। ବିଧାୟକ ହେବା ପରେ ଭୁବନେଶ୍ୱରରେ ରହିବା ପାଇଁ ତାଙ୍କୁ ଏ ପର୍ଯ୍ୟନ୍ତ ସରକାରୀ କ୍ୱାର୍ଟର୍ସ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଲେ ଯେ, ସଚିବାଳୟ ଓ ବିଧାନସଭାର ଆଖପାଖ ଅଞ୍ଚଳକୁ ଭିଭିଆଇପି ଏରିଆ ବୋଲି କୁହାଯାଉଛି। ମାତ୍ର ଏଠାରେ ଦିନ ଦ୍ୱିପ୍ରହରରେ ଚୋରି, ଡକାୟତି ହେଉଛି। ମୁଁ ଯେତେବେଳେ ପ୍ରଥମ କରି ବିଧାୟକ ହୋଇଥିଲି ସେତେବେଳେ ମୋ କ୍ୱାର୍ଟର୍ସରୁ ପ୍ରାୟ ଚୋରି ହେଉଥିଲା। ମଧ୍ୟାହ୍ନ ୧୨ଟାରେ ଛୁରିମାରି ଦୁର୍ବୃତ୍ତମାନେ ମୋ ବ୍ୟକ୍ତିଗତ ସଚିବଙ୍କଠାରୁ କାଗଜପତ୍ର ଛଡ଼ାଇ ନେଇଗଲେ ବୋଲି ମାଝି କହିଛନ୍ତି। ଘରଖଣ୍ଡେ ପାଇଁ ସେ କିପରି ହୀନସ୍ତା ହେଉଛନ୍ତି ସେ କଥା ଗୃହରେ ବଖାଣିଥିଲେ। ମୋହନଙ୍କ ଏପରି ଅବସ୍ଥା ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ, ଗୃହ କାର୍ଯ୍ୟ ଶେଷ ହେବା ପରେ ମୋ ଚାମ୍ବରକୁ ଆସନ୍ତୁ, ଯାହା ସମସ୍ୟା ରହିଛି ସମାଧାନ କରିଦେବା।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୋସିଆଲ ମିଡିଆ ପରିଚାଳନା ଖର୍ଚ୍ଚ ପାଖାପାଖି ୨ କୋଟି

**ଭୁବନେଶ୍ୱର,୧୨।୭(ବ୍ୟୁରୋ):**ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଓକାକ୍ ବିଭିନ୍ନ ଇ-ଗଭର୍ନାନ୍ସ ପ୍ରକଳ୍ପରେ କନ୍‌ସଲଟାନ୍ସି କାର୍ଯ୍ୟ ସମ୍ପାଦନ ପାଇଁ ନିଯୁକ୍ତ ଘରୋଇ କମ୍ପାନୀ କେତେ ଖର୍ଚ୍ଚ କରିଛନ୍ତି ସେନେଇ କିଛି ତଥ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୋସିଆଲ ମିଡିଆ ସେଲ୍ ପରିଚାଳନା ପାଇଁ ଓଡିଶାର ସିଏସ୍ଏମ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ କମ୍ପାନୀକୁ କନ୍‌ସଲଟାଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏ ବାବଦରେ ୧କୋଟି ୮୩ଲକ୍ଷ ୪୩ହଜାର ୧୦୦ଟଙ୍କା ଦିଆଯାଇଛି। ବିଧାୟକ ଶଙ୍କର ଓରାମ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ସେହିପରି ଇ-ଡିଷ୍ଟ୍ରିକ୍ଟ ପ୍ରକଳ୍ପ ନିମନ୍ତେ ଉଇପ୍ରୋ ଲିମିଟେଡ କମ୍ପାନୀକୁ ଜୁଲାଇ ୨୦୧୨ଠାରୁ ମାର୍ଚ୍ଚ ୨୦୧୭ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା। ଏଥିଲାଗି ଉକ୍ତ କମ୍ପାନୀକୁ ୧କୋଟି ୬୬ଲକ୍ଷ ୩୩ହଜାର୯୩୬ ଟଙ୍କା ଦିଆଯାଇଛି। ପରବର୍ତ୍ତୀ ସମୟରେ ଏହି କାମ ଥ୍ରିଆଇ ଇନ୍‌ଫୋଟେକ୍ ଲିମିଟେଡ କମ୍ପାନୀକୁ ଦିଆଯାଇଛି। ଏହି କମ୍ପାନୀ ଅଗଷ୍ଟ ୨୦୧୮ଠାରୁ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ଦାୟିତ୍ୱ ପାଇଛି। ଏଥିଲାଗି ମୋଟ ୪୨ଲକ୍ଷ ୪୮ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏବେ ସୁଦ୍ଧା ଦେୟ ବାବଦକୁ ୧୫ଲକ୍ଷ ୯୩ହଜାର ଉକ୍ତ କମ୍ପାନୀ ନେଇଛି। ମୁଖ୍ୟତଃ ରାଜ୍ୟ ସରକାର ଓସ୍ୱାନ ପ୍ରକଳ୍ପର ଅଗ୍ରଗତି ପାଇଁ ସେହି କମ୍ପାନୀକୁ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ଏହି କମ୍ପାନୀ ଏବେସୁଦ୍ଧା ୧୧ଲକ୍ଷ ୪୯ହଜାର ୭୪୫ ଟଙ୍କା ପାଇଥିବା ଜଣାପଡିଛି। ସେହିଭଳି ଇଣ୍ଟରନେଟ୍ ପ୍ରୋଟୋକଲ୍ ଭର୍ସନ-୬ ପ୍ରକଳ୍ପର ପରିଚାଳନା ପାଇଁ ଇଆଣ୍ଡୱାଇ ଏଲ୍ଏଲ୍‌ପିକୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ଉକ୍ତ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୨୬ଲକ୍ଷ ୫୫ହଜାର ଟଙ୍କା ପାଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ରୋଷେୟା ଆବଶ୍ୟକ
ସୁକିନ୍ଦାରେ ଥିବା ଏକ ଘରୋଇ କମ୍ପାନୀରେ ରୋଷେଇ କରିବା ନିମନ୍ତେ ପୁରୁଷ ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ଓ ଖାଇବାର ସୁବିଧା ସୁଯୋଗ ଦିଆଯିବ। ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:
Room no. 929, 9th Floor, DLF Cybercity, Patia, Bhubaneswar.
Ph. No. : 6370703557, 0674-7107783 / 7107777

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25,000/-. (Part Time/Full Time)
Mob: 9938676412

କୁଏତ୍ ତେଲ କମ୍ପାନୀରେ ଶୀଘ୍ର ଆବଶ୍ୟକ
ଡ୍ରାଇଭର, ଅପରେଟର, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ହେଲପର, ଫିଟର, ପେଣ୍ଟର, ପ୍ଲମ୍ବର, ସିକ୍ୟୁରିଟି ଗାର୍ଡ
ଦରମା ୩୫,୦୦୦/-, ୨ ବର୍ଷ କଣ୍ଟ୍ରାକ୍ଟ, ଆଡଭାନ୍ସ ଟଙ୍କା ନାହିଁ
କମଲ ପ୍ଲେସ୍‌ମେଣ୍ଟ, ରଙ୍ଗିଲାପାର୍କ, ଦିନ୍ଦୋଲି, ସୁରଟ, ଗୁଜୁରାଟ
ଶିଘ୍ର ଯିବେ ପାସ୍‌ପୋଟ ଜରୁରୀ
9157312448, 9157012447

REQUIRE ADMINISTRATOR
for Liaisoning Job. Experience knowledge of English, Computer Literate some past experience of Liaisoning with Govt. authorities, travel dept. etc.
Please Contact
9830876020, 9090292242

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9437886614 / 8249083251

Ceragem India Pvt. Ltd.
Is a South Korean Company which is largest provider of high quality "Thermal Massagers", Machines.
Staff for Bhubaneswar Bapuji Nagar and C.S pur Branch
10 Nos.- Sales (male/female), 2 Nos. - Account assistant (Male/Female), 2 After service (male), Graduate, good looking, good communication skill, one year experience or fresher candidate can also walk.
Salary :- 6000+ other perks
At Ceragem, Plot No.- 7 & 8, Chaudhury Market Complex Bapuji Nagar, Bhubaneswar, behind Andhra Bank on Dt.10.07.19 to till vacancy full. between 9 to 2 clock
Ph No.- 9861574456

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

ବ୍ଲକ୍/ଜିଲା ସ୍ତରୀୟ ନିଯୁକ୍ତି
ଦରମା-30,000 ପର୍ଯ୍ୟନ୍ତ
ଯୋଗ୍ୟତା-9th, 10th, +2, +3, ITI, ବୟସ-(18-35)
9668051710

WANTED
For Pre-School and Kid School at Malkangiri and Jeypore.
Female Teacher Wanted.
Contact- Mob No.-
7750893821
7894796759

REQUIRED DIRECTLY
Front Office(F), Civil Engineer(M/F), PA (B.Tech. Lady), Supervisor, Architect, Marketing Executive, Car Driver.
Contact: 9238482524
9090732020, 9090964245

WALK- IN INTERVIEW
GHANASHYAM HEMALATA VIDYAMANDIR, PURI
Estd: 1995
(A CBSE Affiliated Co-educational Residential School)
A walk- in interview will be held at Ghanashyam Hemalata Vidyamandir Campus, at: Bhuan, Po. : Chhaitana. Dist : Puri on 14.7.2019, 10.30 am for the following posts.
PGT - Math, Physics, Chemistry & Biology
TGT - English, SST & PCM.
PRT - English, SST & Computer
PET - (Male & Female)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. Free Accommodation, Fooding & Laundry for all the above posts
Kindly attend the interview with original certificates and mark sheets .
Contact Nos. : 9437943924 / 7377148406 / 7873480470 / 7735629062

MAHARAJA POLYTECHNIC
BHUBANESWAR
At/Po-Gamai,Gangapada,Jatani,Khurda-752054
Ph. No.- 0674-2384608, Mob.No.- 9861464114, 8658744161
Mail Id.- Info.mp09@gmail.com
WALK-IN INTERVIEW
Maharaja Polytechnic, Bhubaneswar is seeking the service of professionally sound, energetic and dynamic candidates for the post of Asst. Professors, Lecturers and Laboratory Asst.

| Designation | Branch | Qualification |
|---|---|---|
| Asst. Professor | Mechanical, Civil, Electrical, ETC, Physics, Mathematics | As per AICTE norms |
| Lecturer | | |
| Laboratory Asst. | Mechanical, Electrical, ETC | |

Venue : City Office: 2/2 Barabhuja Market Complex, 2ND floor Khandagiri Square Bhubaneswar-751030
Date :10 / July / 2019 (Wednesday),
Time : 10.00 A.M to 4.00 P.M

TICKET CLERK
ଦରକାର
ଭୁଟାନ ଦେଶ ପାଇଁ GHA DEN Cinema କୁ ୬ ଜଣ Ticket Clerk ଦରକାର । ରହିବା, ଖାଇବା ଫ୍ରୀ, ଦରମା ମାସକୁ 40,000/- ଭାରତୀୟ ଟଙ୍କା । ପାସପୋର୍ଟ ଥିବା ଏବଂ ହିନ୍ଦୀ କହି ପାରୁଥିବା ବ୍ୟକ୍ତି ବାୟୋଡାଟା Email କରନ୍ତୁ
ghadencinema@gmail.com
(କୌଣସି ଏଜେଣ୍ଟ ବ୍ୟକ୍ତି ସମ୍ପର୍କ କରନ୍ତୁ ନାହିଁ ।)

REQUIRE
Medical Representative (MR), in Orissa, Experience 5-8 years in Pharmaceutical, having good relationship with Doctors. Salary Rs 1.8 Lakhs to 2.2 Lakhs per annum + conveyance + performance incentive.
Apply at info@bhupine.com (or) bhupine.healthcare@gmail.com
www.bhupine.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See CAREER APPOINTMENT
on every Wednesday & Saturday





**ଚଳିତ ଆଇସିସି ବିଶ୍ୱକପର ଶେଷ ପର୍ଯ୍ୟାୟ ଉପନୀତ। ଲିଗ୍ ପର୍ଯ୍ୟାୟରୁ ପାକିସ୍ତାନ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ବିଦାୟ ନେଇଥିବାବେଳେ ସେମିଫାଇନାଲରୁ ବିଦାୟ ପଥ ଦେଖିଛନ୍ତି ଭାରତ ଓ ଅଷ୍ଟ୍ରେଲିଆ। ରବିବାର ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ଇଂଲଣ୍ଡ ୩ ଥର ଏବଂ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ ଫାଇନାଲ ଖେଳିବାର ଅଭିଜ୍ଞତା ରଖିଛି। ମାତ୍ର ସବୁଥର ଦଳକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଥର ଦୁଇ ଦଳ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ତେଣୁ ୧୨ତମ ସଂସ୍କରଣରେ ଏକ ନୂଆ ଦଳ ଚାମ୍ପିୟନ ହେବାପଥ ପରିଷ୍କାର ହୋଇଛି।**

## ଇଂଲଣ୍ଡ

### ୧୯୭୯ ବନାମ ୱେଷ୍ଟଇଣ୍ଡିଜ

କ୍ରିକେଟର ଜନ୍ମଦାତା ଇଂଲଣ୍ଡ କ୍ରିକେଟ ମହାକୁମ୍ଭର ଦ୍ୱିତୀୟ ସଂସ୍କରଣ ଅର୍ଥାତ୍ ୧୯୭୯ରେ ପ୍ରଥମଥର ପାଇଁ ଫାଇନାଲ ଖେଳିଥିଲା। ସେତେବେଳେ ଏକଦିବସୀୟ କ୍ରିକେଟ ୬୦ ଓଭର ବିଶିଷ୍ଟ ହୋଇଥିବାବେଳେ ଇଂଲଣ୍ଡ ସମ୍ମୁଖରେ ପ୍ରତିଦ୍ୱନ୍ଦ୍ୱୀ ଥିଲା ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ। ପୂର୍ବ ସଂସ୍କରଣରେ ଚାମ୍ପିୟନ ହୋଇଥିବାରୁ ଏହି ସଂସ୍କରଣ ପାଇଁ ମଧ୍ୟ ୱେଷ୍ଟଇଣ୍ଡିଜ ଟାଇଟଲ ଦାବିଦାର ଥିଲା। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଭିଭିଆନ ରିଚାର୍ଡ୍ସଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୬୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରିଚାର୍ଡ୍ସ ସର୍ବାଧିକ ୧୩୮(୧୫୭ ବଲ, ୧୧ ଚୌକା, ୩ ଛକା) ଏବଂ କୋଲିସ କିଙ୍ଗ୍ ୮୬(୬୬ ବଲ, ୧୦ ଚୌକା, ୩ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋର



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଭିଭ୍ ରିଚାର୍ଡ୍ସ।

ପ୍ରଦାନ କରିଥିଲେ। ୬ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଇଆନ ବୋଥାମ, ମାଇକ ହେଣ୍ଡ୍ରିକ, କ୍ରିସ୍ ଓଲ୍ଡ, ଫିଲ୍ ଏଡମଣ୍ଡ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୮୭ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଇଂଲଣ୍ଡ ଭଲ ଆରମ୍ଭ ସତ୍ତ୍ୱେ ମିଡଲ୍ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୫୧ ଓଭରରେ ୧୯୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଫଳରେ ଦଳ ୯୨ ରନରେ ପରାଜିତ ହୋଇଥିଲା। ଓପନର ତଥା ଅଧିନାୟକ ବ୍ରାର୍ଲେ (୬୪ ରନ, ୧୩୦ ବଲ, ୭ ଚୌକା) ଓ ଜିଓଫ୍ ବୟକଟ(୫୭ ରନ, ୧୦୫ ବଲ, ୩ ଚୌକା)ଙ୍କ ଅର୍ଦ୍ଧଶତକ ବୃଥା ହୋଇଥିଲା। ମଧ୍ୟଭାଗରେ କେବଳ ଗ୍ରାହାମ ଗୁଚ୍ ୩୨ ରନ କରିବାକୁ ସକ୍ଷମ ହୋଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜୋଏଲ ଗାର୍ନର ୧୧ ଓଭରରେ ୩୮ ରନ ବିନିମୟରେ ୫ଟି ଉଇକେଟ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। କଲିନ କ୍ରଫ୍ଟ ୩ଟି ଓ ମାଇକେଲ ହୋଲ୍ଡିଂ ୨ଟି ଉଇକେଟ ନେଇଥିଲେ। ରିଚାର୍ଡ୍ସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ କ୍ଲାଇବ ଲୟଡଙ୍କ ୱେଷ୍ଟଇଣ୍ଡିଜ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଥିଲା।

### ୧୯୮୭ ବନାମ ଅଷ୍ଟ୍ରେଲିଆ

ମଝିରେ ୧୯୮୩ ବିଶ୍ୱକପକୁ ଛାଡ଼ିଦେଲେ ୧୯୮୭ରେ ଇଂଲଣ୍ଡ ପୁଣି ଫାଇନାଲରେ ପ୍ରବେଶ କରିଥିଲା। ଏଥର ପ୍ରତିଦ୍ୱନ୍ଦ୍ୱୀ ଥିଲା ଅଷ୍ଟ୍ରେଲିଆ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଡେଭିଡ୍ ବୁନ୍‌ଙ୍କ ୭୫(୧୨୫ ବଲ, ୭ ଚୌକା), ଡିନ୍ ଜୋନ୍ସଙ୍କ ୩୩, ଅଧିନାୟକ ଆଲାନ ବର୍ଡରଙ୍କ ୩୧ ଏବଂ ମାଇକ ଭେଲେଟାଙ୍କ ଅପରାଜିତ ୪୫(୩୧ ବଲ, ୬ ଚୌକ) ସହାୟତାରେ ୫୦ ଓଭରରେ ୫ ଉଇକେଟ ହରାଇ ୨୫୩ ରନ କରିଥିଲା। ଇଂଲଣ୍ଡ ପକ୍ଷରୁ ଇଡି ହେମିଙ୍ଗ୍ସ ୨ଟି ଏବଂ ନେଲ ଫଷ୍ଟର ଓ ଗ୍ରାହାମ ଗୁଚ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୫୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ କଡ଼ା ଟକ୍କର ଦେଇଥିଲେ ହେଁ ୫୦ ଓଭରରେ ୮ ଉଇକେଟ ହରାଇ ୨୪୬ ରନ କରିବାକୁ ସକ୍ଷମ ହୋଇ ମାତ୍ର ୮ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଲ୍ ଆଥେ ସର୍ବାଧିକ ୫୮(୧୦୩ ବଲ, ୨ ଚୌକା), ଆଲାନ ଲ୍ୟାମ୍ବ ୪୫(୫୬ ବଲ, ୪ ଚୌକା), ଅଧିନାୟକ ମାଇକ୍ ଗ୍ୟାଟିଂ ୪୧(୪୫ ବଲ, ୩ଚୌକା, ୧ ଛକା) ଓ ଗ୍ରାହାମ ଗୁଚ୍ ୩୫ ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିଭ୍ ୱା ଓ ଆଲାନ ବର୍ଡର ୨ଟି ଲେଖାଏ ଏବଂ କ୍ରେଗ୍ ମ୍ୟାକଡର୍ମଟ ଓ ସାଇମନ ଓଡୋନେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବୁନ୍ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ଏବଂ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ବିଶ୍ୱକପ ସ୍ୱାଦ ଚାଖିଥିଲା।



ଡେଭିଡ ବୁନ୍

### ୧୯୯୨ ବନାମ ପାକିସ୍ତାନ

ଇଂଲଣ୍ଡ କ୍ରମାଗତ ଦ୍ୱିତୀୟ ଥରପାଇଁ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲା। ଏଥର ପ୍ରତିଦ୍ୱନ୍ଦ୍ୱୀ ଥିଲା ପାକିସ୍ତାନ। ମେଲବୋର୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ କିନ୍ତୁ ଇଂଲଣ୍ଡ ୨୨ ରନରେ ପରାଜିତ ହୋଇ ପୁଣି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୪୯ ରନ କରିଥିଲା। ଅଧିନାୟକ ଇମ୍ରାନ ଖାଁ ସର୍ବାଧିକ ୭୨(୧୧୦ ବଲ, ୫ ଚୌକା, ୧ ଛକା), ଜାଭେଦ ମିଆଁଦାଦ ୫୮(୯୮ ବଲ, ୪ ଚୌକା), ଇଞ୍ଜାମାମ ଉଲ୍ ହକ୍ ୪୨(୩୫ ବଲ, ୪ ଚୌକା) ଏବଂ ୱାସିମ ଆକ୍ରମ ଦ୍ରୁତ ୩୩(୧୮ ବଲ, ୪ ଚୌକା) ରନ ସଂଗ୍ରହ କରି ପାକିସ୍ତାନକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଇଂଲଣ୍ଡ ପକ୍ଷରୁ ଡେରେକ ପ୍ରିଙ୍ଗଲ ୩ଟି ଏବଂ ଇଆନ ବୋଥାମ ଓ ରିଚାର୍ଡ ଇଲିଂୱର୍ଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ



ଶ୍ରେଷ୍ଠ ଖେଳାଳି ୱାସିମ ଆକ୍ରମ

ହେଁ ଇଂଲଣ୍ଡ ଗୋଟିଏ ହେଲେ ବଡ଼ ପାର୍ଟନରଶିପ୍ କରି ନ ପାରି ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନେଲ ଫେୟାରବ୍ରଦର ସର୍ବାଧିକ ୬୨(୭୦ ବଲ, ୩ ଚୌକା) ରନ କରିଥିବାବେଳେ ଆଲାନ ଲ୍ୟାମ୍ବ ୩୧, ଅଧିନାୟକ ଗ୍ରାହାମ ଗୁଚ୍ ୨୯ ରନ କରିବାକୁ ସକ୍ଷମ ହୋଇଥିଲେ। ପାକିସ୍ତାନ ପକ୍ଷରୁ ୱାସିମ ଆକ୍ରମ ଓ ମୁସ୍ତାକ ଅହମଦ ୩ଟି ଲେଖାଏ ଏବଂ ଆକ୍ୱିବ ଜାଭେଦ ୨ଟି ଓ ଇମ୍ରାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆକ୍ରମ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ ଏବଂ ପାକିସ୍ତାନ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲା। ଏହାପରେ ଇଂଲଣ୍ଡ ଆଉ କେବେହେଲେ ଏହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା।

# ଇଂଲଣ୍ଡ ୩, ନ୍ୟୁଜିଲାଣ୍ଡ ଥରେ ଖେଳିଛି ଫାଇନାଲ

## ନ୍ୟୁଜିଲାଣ୍ଡ

### ୨୦୧୫ ବନାମ ଅଷ୍ଟ୍ରେଲିଆ

ବିଶ୍ୱକପ ଇତିହାସରେ ନ୍ୟୁଜିଲାଣ୍ଡ ଏହା ପୂର୍ବରୁ ଥରେ ମାତ୍ର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ୨୦୧୫ ମାର୍ଚ୍ଚ ୨୯ରେ ଅଷ୍ଟ୍ରେଲିଆ ସହିତ ହୋଇଥିଲା ଏହି ଦଳର ଟାଇଟଲ ମୁକାବିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଟପ୍ ଅର୍ଡର ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୪୫ ଓଭରରେ ମାତ୍ର ୧୮୩ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଗ୍ରାଣ୍ଟ ଇଲିଅଟ ସର୍ବାଧିକ ୮୩(୮୨ ବଲ, ୭ ଚୌକା, ୧ ଛକା) ଓ ରସ ଟେଲର ୪୦(୭୨ ବଲ, ୨ ଚୌକା) ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଜନସନ ଓ ଜେମ୍ସ ଫକନର ୩ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ୨ଟି ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ନେଇଥିଲେ। ୧୮୪ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ୩୩.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ମାଇକେଲ କ୍ଲାର୍କ ସର୍ବାଧିକ ୭୪(୭୨ ବଲ, ୧୦ ଚୌକା, ୧ ଛକା), ଷ୍ଟିଭେନ ସ୍ମିଥ ୫୬*(୭୧ ବଲ, ୩ ଚୌକା) ଏବଂ ଡେଭିଡ ୱାର୍ନର ୪୫(୪୬ ବଲ, ୭ ଚୌକା) ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନରୀ ୨ଟି ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ନେଇଥିଲେ। ଫକନର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ଏବଂ ଅଷ୍ଟ୍ରେଲିଆ ରେକର୍ଡ ୫ମଥର ପାଇଁ ଚାମ୍ପିୟନ ହୋଇଥିଲା। କ୍ରମାଗତ ଦ୍ୱିତୀୟ ଥରପାଇଁ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିବାରୁ ବିଶ୍ୱକପ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ରହିଛି।



ଜେମ୍ସ ଫକନର



ଇଂଲଣ୍ଡ ବିପକ୍ଷ ଫାଇନାଲ ପୂର୍ବରୁ ଶୁକ୍ରବାର ଅଭ୍ୟାସ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ (ବାମ)

## ଇଂଲଣ୍ଡ ଫେଭରାଇଟ୍

ଜ୍ୟାକ କାଲିସ୍

ବିଶ୍ୱକପରେ ସବୁ ଫେଭରାଇଟ୍ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ତେବେ ଏହା ପରେ କିଛି ବି ହୋଇପାରେ ବୋଲି କୁହାଯାଉଥିଲା। ଦୁର୍ଭାଗ୍ୟବଶତଃ ଭାରତ ସେମିରେ ପରାସ୍ତ ହୋଇଥିଲା। ଏହା ସତ୍ତ୍ୱେ ମଧ୍ୟ ଏହି ଦଳ ନିଜର ପ୍ରଦର୍ଶନ ନେଇ ଗର୍ବ କରିବା ଉଚିତ। ବ୍ୟକ୍ତିଗତ ଭାବେ ଟିମ୍‌ଇଣ୍ଡିଆ ତରଫରୁ କେତେଜଣ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡଠାରୁ ଭାରତ ଅପେକ୍ଷାକୃତ ଭଲ ଦଳ। ତେବେ ଯେକୌଣସି ଦଳ ଆକସ୍ମିକ ଭାବେ ଫାଇନାଲକୁ ଉଠିବ, ଏହାକୁ ଆଦୌ ଗ୍ରହଣ କରିପାରିବି ନାହିଁ। ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ୩୦ ରନ କମ୍ ସଂଗ୍ରହ କରିଥିଲେ ମଧ୍ୟ ୨୩୯ ରନର ସ୍କୋରକୁ ନ୍ୟୁଜିଲାଣ୍ଡ ସଫଳତାର ସହ ଡିଫେଣ୍ଡ କରିଥିଲା। ଏହାର ଅର୍ଥ ନୁହଁ ଯେ, ଭାରତଠାରୁ ନ୍ୟୁଜିଲାଣ୍ଡ ଦଳ ଅପେକ୍ଷାକୃତ ଭଲ। କିନ୍ତୁ ଫାଇନାଲରେ ପହଞ୍ଚିବା ପାଇଁ ନ୍ୟୁଜିଲାଣ୍ଡର ହକ୍ ରହିଛି ବୋଲି କୁହାଯାଇପାରେ। ୫ ରନରେ ମୂଲ୍ୟବାନ ୩ ଉଇକେଟ ହରାଇ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତର ବହୁତ କମ୍ ଦଳ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଦ୍ୱିତୀୟ ସେମିଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆ ୧୪ ରନରେ ୩ ଉଇକେଟ ହରାଇ ଭାରତ ଭଳି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯେଭଳି ବଡ଼ ଓପନିଂ ପାର୍ଟନରଶିପ୍ ପୂରା ମ୍ୟାଚ୍‌ରେ ପ୍ରଭାବ ପକାଇଥାଏ, ଠିକ୍ ସେହିଭଳି ପ୍ରାରମ୍ଭିକ ବିପର୍ଯ୍ୟୟର ପ୍ରଭାବ ମ୍ୟାଚ୍‌ରେ ପଡିଥାଏ।

ଗତ ୩ଟି ମ୍ୟାଚ୍‌ରେ ଇଂଲଣ୍ଡ ଜବରଦସ୍ତ ପ୍ରଦର୍ଶନ କରିଛି। ଅର୍ଥାତ ଇଂଲଣ୍ଡ କ୍ରମାଗତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ବା ସେମିଫାଇନାଲ ଖେଳିଛି କହିଲେ ଭୁଲ ହେବ ନାହିଁ। ପ୍ରତିମ୍ୟାଚ୍‌ରେ ଦଳର ପ୍ରଦର୍ଶନରେ ଉନ୍ନତି ହୋଇଛି। ଇଂଲଣ୍ଡ ଏବେ ପ୍ରଥମ ବିଶ୍ୱକପ୍ ଜିତିବ ଓ ଏଥିପାଇଁ ଏହି ଦଳ ଫେଭରାଇଟ୍। ଫାଇନାଲରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ହରାଇବ ବୋଲି କୁହାଯାଇପାରେ। ବିଭିନ୍ନ ଦୃଷ୍ଟିକୋଣରୁ ଇଂଲଣ୍ଡ ନ୍ୟୁଜିଲାଣ୍ଡଠାରୁ ଯଥେଷ୍ଟ ଆଗରେ ରହିଛି।

ଫାଇନାଲରେ ନ୍ୟୁଜିଲାଣ୍ଡ ଭିନ୍ନ ରଣନୀତି ସହ ପଡିଆକୁ ଓହ୍ଲାଇବ। ସତର୍କତାର ସହ ଚତୁର ହୋଇ ଖେଳିଲେ ନ୍ୟୁଜିଲାଣ୍ଡ ସଫଳ ହୋଇପାରେ। ନ୍ୟୁଜିଲାଣ୍ଡ ଦଳରେ ଏକାଧିକ ବିସ୍ଫୋରକ ତଥା କ୍ୱାଲିଟି କ୍ରିକେଟର ରହିଛନ୍ତି। ଏହି ଖେଳାଳିମାନେ ଉଭୟ ବ୍ୟାଟ ଓ ବଲ୍‌ରେ ଦମ୍ ଦେଖାଇପାରିବେ। ତେବେ ବିସ୍ଫୋରକ କ୍ରିକେଟ ନ ଖେଳି ନ୍ୟୁଜିଲାଣ୍ଡ ସ୍ମାର୍ଟ କ୍ରିକେଟ ଖେଳିବ ବୋଲି ଆଶା କରୁଛି।

ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କଲେ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ କିଭଳି ଖେଳିବେ ତାହା ଦେଖିବାକୁ ବାକି ରହିଲା। ସାରା ଟୁର୍ନାମେଣ୍ଟରେ ଏହି ଓପନିଂ ଯୋଡି ବେଶ୍ ଭଲ ଓ ଆକ୍ରମଣାତ୍ମକ ପ୍ରଦର୍ଶନ କରିଛି। ଅଷ୍ଟ୍ରେଲିଆ ବିପକ୍ଷ ସେମିରେ ଏମାନେ ସୁନ୍ଦର ପ୍ରଦର୍ଶନ କରିଥିଲେ। ତେବେ ୨୨୪ ରନ ଚେଜ୍ କରିବା ସେତେଟା ଚ୍ୟାଲେଞ୍ଜପୂର୍ଣ୍ଣ ନୁହଁ। କିନ୍ତୁ ଫାଇନାଲରେ ଏହି ଯୋଡି ପରୀକ୍ଷାର ସମ୍ମୁଖୀନ ହେବେ। ସାହସିକ କ୍ରିକେଟ ପ୍ରଦର୍ଶନ କରି ଗତ ୨/୩ ବର୍ଷରେ ଇଂଲଣ୍ଡ ଏକ ଶ୍ରେଷ୍ଠ ଦିନିକିଆ ଦଳରେ ପରିଣତ ହୋଇଛି। ତେବେ ଫାଇନାଲ ମ୍ୟାଚ୍‌ରେ ଚାପ ରହିବ।

ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଆଗାମୀ ବର୍ଷର ସେ ଇଂଲଣ୍ଡ ପାଇଁ ବୋଲିଂରେ ମୁଖ୍ୟ ସମ୍ପତ୍ତି ବନିଯିବେ। ସେ ବିଶ୍ୱର ଜଣେ ଆଗଧାଡିର ଦ୍ରୁତ ବୋଲର ହୋଇ ବାହାରିବେ। ପ୍ରଶଂସକମାନେ ଫାଇନାଲ ମ୍ୟାଚ୍‌କୁ ଉପଭୋଗ କରିବେ। ଯେଉଁ ଦଳ ବିଜୟୀ ହେଲେ ମଧ୍ୟ ଇତିହାସ ସୃଷ୍ଟି ହେବ। ରବିବାର ଏହି ଫାଇନାଲ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରୁଛି।

(ଗେମ୍‌ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE INVATUBULAR

## ଫାଇନାଲରେ ଅମ୍ପାୟରିଂ କରିବେ ଧର୍ମସେନା, ମାରିଅସ

ଲଣ୍ଡନ,୧୨।୭(ପି.ଟି.)

ରବିବାର ଆଇକନିକ୍ ଲର୍ଡ୍ସ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଚଳିତ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଲାଗି ଶ୍ରୀଲଙ୍କା ଅମ୍ପାୟର କୁମାର ଧର୍ମସେନା ଓ ଦକ୍ଷିଣ ଆଫ୍ରିକାର ମାରିଆସ ଇରାମୁସଙ୍କୁ ଅନ୍‌ଫିଲ୍ଡ ଅମ୍ପାୟର ଭାବେ ନିଯୁକ୍ତ କରାଯାଇଛି। ଅଷ୍ଟ୍ରେଲିଆର ରଡ୍ ଟକର ୩ୟ ଅମ୍ପାୟର ଓ ପାକିସ୍ତାନର ଅଲିମ ଦାର ଚତୁର୍ଥ ଅଫିସିଆଲ ଭାବେ କାର୍ଯ୍ୟ କରିବେ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଶ୍ରୀଲଙ୍କାର ରଞ୍ଜନ ମଦୁଗଲେ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇବେ। ଉପରୋକ୍ତ ଅଫିସିଆଲମାନେ ବିଶ୍ୱକପ୍‌ର ଦୁଇ ସେମିଫାଇନାଲର ବିଭିନ୍ନ ପରିଚାଳନା ଦାୟିତ୍ୱରେ ଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଇଂଲିଶ ଓପନର ଜାସନ ରୟ ଅମ୍ପାୟର ଧର୍ମସେନାଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଶତକ ହାତଛଡ଼ା କରିଥିଲେ। ଆଉଟ୍ ହେବା ପୂର୍ବରୁ ସେ ୬୫ ବଲରୁ ୮୫ ରନ୍ କରିଥିଲେ। ଇଂଲଣ୍ଡ ୨୨୪ ରନ୍‌ର ବିଜୟଲକ୍ଷ୍ୟର ପିଛା କରୁଥିବାବେଳେ ଇନିଂସର ୨୦ତମ ଓଭରରେ ପାଟ୍ କୁମିନ୍ସଙ୍କ ବଲରେ ରୟ ଉଇକେଟକିପର ଆଲେକ୍ସ କାରିଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିବା ଅପିଲ ହୋଇଥିଲା। ଧର୍ମସେନା ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ପରେ ଅଷ୍ଟ୍ରେଲିଆନ ଖେଳାଳିଙ୍କ କ୍ରମାଗତ ଅପିଲ ଯୋଗୁ ରୟଙ୍କୁ ଆଉଟ୍ ଦେଇଥିଲେ। ବ୍ୟାଟ୍‌ଠାରୁ ବଲ ବହୁ ଦୂରରେ ଥିବାରୁ ରୟ ଆପତ୍ତି ଉଠାଇବା ସହ କିଛି ସମୟ ଯୁକ୍ତିତର୍କ କରିଥିଲେ। ଏଥିଯୋଗୁ ତାଙ୍କ ମ୍ୟାଚ୍ ଫି'ର ୩୦ ପ୍ରତିଶତ କାଟ୍ କରାଯାଇଛି।

## ସିଓଏ ବୈଠକରେ ଯୋଗଦେବେ କୋହଲି, ଶାସ୍ତ୍ରୀ

ଲଣ୍ଡନ,୧୨।୭(ପି.ଟି.)

ବିସିସିଆଇ ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ) ଭାରତୀୟ ଦଳର ବିଶ୍ୱକପ୍ ପ୍ରଦର୍ଶନକୁ ରିଭ୍ୟୁ କରିବ। ଏଥିରେ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଯୋଗଦେବେ। ଏହି ବୈଠକରେ ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ରୋଡ୍‌ମ୍ୟାପ ମଧ୍ୟ ପ୍ରସ୍ତୁତ ହେବ। ବିନୋଦ ରାଇଙ୍କ ଅଧ୍ୟକ୍ଷତାରେ ସିଓଏ ସଦସ୍ୟ ଡାଇନା ଇଡୁଲଜି ଓ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରବି ଥୋଡ୍‌ଗେ ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦଙ୍କ ସହ ଆଲୋଚନା କରିବେ। କୋହଲି, ଶାସ୍ତ୍ରୀ ଓ ପ୍ରସାଦଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମତଃ ଅମ୍ବାତି ରାୟୁଡୁ ଯଦି ୪ର୍ଥ କ୍ରମର ବ୍ୟାଟ୍ସମ୍ୟାନ ଲାଗି ବିକଳ୍ପ ନ ଥିଲେ, ତାଙ୍କୁ କେଉଁ କାରଣରୁ ବିଶ୍ୱକପ୍ ପୂର୍ବ ସିରିଜ ପର୍ଯ୍ୟନ୍ତ ଦଳରେ ଚୟନ କରାଯାଉଥିଲା। ଦ୍ୱିତୀୟଟି ହେଉଛି, ଦଳରେ କ'ଣ ପାଇଁ ୩ ଉଇକେଟକିପର ଖେଳିଥିଲେ। ତୃତୀୟ ହେଲା ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ମହେନ୍ଦ୍ର ସିଂ ଧୋନୀଙ୍କୁ ୭ନଂ କ୍ରମ ପୂର୍ବରୁ କାହିଁକି ବ୍ୟାଟିଂ କରିବାକୁ ଛଡ଼ାଗଲା ନାହିଁ। ମିଳିଥିବା ସୂଚନା ମୁତାବକ ବ୍ୟାଟିଂ କୋଚ ସଞ୍ଜୟ ବାଙ୍ଗରଙ୍କ ପରାମର୍ଶକ୍ରମେ ଧୋନୀଙ୍କୁ ବିଳମ୍ବରେ ଛଡ଼ାଗଲା।

## ସଂକ୍ଷେପରେ

### ଅଜୟ୍ ସିଂଙ୍କ ରାଜ୍ୟଗୋଷ୍ଠୀ ରେକର୍ଡ

ଆପିଆ(ସାମୋଆ),୧୨।୭(ପି.ଟି.): ଭାରତୀୟ ଭାରୋତ୍ତୋଳନକାରୀ ଅଜୟ୍ ସିଂ ଶୁକ୍ରବାର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ କ୍ଲିନ୍ ଓ ଜର୍କ ଇଭେଣ୍ଟରେ ନୂଆ ରେକର୍ଡ କରିଛନ୍ତି। ୨୨ ବର୍ଷୀୟ ଭାରୋତ୍ତୋଳକ ୮୧ କି.ଗ୍ରା. ବର୍ଗର କ୍ଲିନ୍ ଓ ଜର୍କ ଇଭେଣ୍ଟରେ ୧୯୦ କି.ଗ୍ରା. ଭାର ଉଠାଇଥିଲେ, ଯାହାକି ତାଙ୍କ ଓଜନର ଦୁଇଗୁଣରୁ ଅଧିକ। ଏସିଆନ ୟୁଥ୍ ଓ ଜୁନିୟର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକଧାରୀ ସ୍ନାଚ୍ ଇଭେଣ୍ଟରେ ୧୪୮ କି.ଗ୍ରା. ଭାର ଉଠାଇଥିଲେ। ମୋଟରେ ସେ ୩୩୮ କି.ଗ୍ରା. (୧୯୦+୧୪୮ କି.ଗ୍ରା.) ଉତ୍ତୋଳନ କରିଥିଲେ। ଏହା ଅଜୟଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ସମାନ ଓଜନ ବର୍ଗରେ ଅଜୟଙ୍କ ପଛକୁ ଆଉ ଜଣେ ଭାରତୀୟ ପାପୁଲ ଚାଙ୍ଗମାଇ ରୌପ୍ୟ ପଦକ ହାତେଇଛନ୍ତି।

### ଜାତୀୟ ଉଡ୍‌ବଲ୍‌ରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୧୨।୭(କ୍ରୀଡ଼ା ପ୍ରତିନିଧି): ମହାରାଷ୍ଟ୍ରର ନାଗପୁରଠାରେ ଚଳିତମାସ ୧୪ରୁ ୧୭ ପର୍ଯ୍ୟନ୍ତ ୧୭ତମ ଜାତୀୟ ସିନିୟର ଉଡ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ଦଳ ଶୁକ୍ରବାର ନାଗପୁର ଯାତ୍ରା କରିଛି। ଜି. ପ୍ରକାଶ ରାଓ(ଅଧିନାୟକ), ଉଲ୍ଲାସ ପରିଡ଼ା, ଶ୍ରୀକାନ୍ତ ସିଂ, ମହମ୍ମଦ ସାହିଲ କମାଲ, ସୁନୀଲ କୁମାର ଜେନା, ଦିବ୍ୟଜ୍ୟୋତି ନାୟକ, କୋଚ୍ ମହମ୍ମଦ ଅନସାର ଉଲ୍ ହକ୍, ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଦଳସହ ନାଗପୁର ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ଉଡ୍‌ବଲ ଆସୋସିଏଶନ ସଭାପତି ଚିନ୍ମୟ କୁମାର ଦାସ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ ଓ ବାସୁଦେବ ଓଝା ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଜୋକୋଭିଚ୍-ଫେଡରର ଫାଇନାଲ

## ୱିମ୍ବଲଡନ ଟେନିସ୍

ଲଣ୍ଡନ, ୧୨।୭(ପି.ଟି.)

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ୱିମ୍ବଲଡନ ଟେନିସର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଟପ୍ ସିଡ ସର୍ବୀୟ ତାରକା ନୋଭାକ ଜୋକୋଭିଚ୍ ଓ ଦ୍ୱିତୀୟ ସିଡ୍ ସୁଇଜରଲାଣ୍ଡର ରୋଜର ଫେଡରର ପରସ୍ପରକୁ ଭେଟିବେ।

ଗତଥରର ଚାମ୍ପିୟନ ଜୋକୋଭିଚ୍ ସେମିଫାଇନାଲରେ ଶୁକ୍ରବାର ସ୍ପେନ୍‌ର ୨୩ତମ ସିଡ୍ ରୋବେର୍ଟୋ ବଟିସ୍ତା ଅଗୁଟଙ୍କୁ ୬-୨, ୪-୬, ୬-୩, ୬-୨ ସେଟରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଏଥିସହିତ ଜୋକୋଭିଚ୍ ଷଷ୍ଠଥର ପାଇଁ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଫାଇନାଲ ଟିକେଟ ହାସଲ କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ଜୋକୋଭିଚ୍‌ଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା। ମୋଟ ଉପରେ ୩୨ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୨୫ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥର ସଫଳ ହେଲେ ସେ ପଞ୍ଚମ ୱିମ୍ବଲଡନ ଟାଇଟଲ ଜିତିବେ।

ଅପରପକ୍ଷରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଫେଡରର ୭-୬, ୧-୬, ୬-୩, ୬-୪ ସେଟରେ ସ୍ପେନ୍ ତାରକା ତୃତୀୟ ସିଡ ରାଫାଲ ନାଡ଼ାଲଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ଫେଡରର ୧୨ଥର ପାଇଁ ୱିମ୍ବଲଡ଼ନ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଫେଡେରର ୮ଥର ୱିମ୍ବଲଡ଼ନ ଟାଇଟଲ ହାସଲ କରିସାରିଛନ୍ତି।



ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ ଅବସରରେ ନୋଭାକ ଜୋକୋଭିଚ୍।

### ଭାରତ ଏ'କୁ ଜିତାଇଲେ ଆୟାର, ଖଲିଲ

ନୂଆଦିଲ୍ଲୀ,୧୨।୭: ଭାରତ ଏ' ଦଳ ଶ୍ରେୟାସ ଆୟାର (୭୭ ରନ୍)ଓ ଖଲିଲ ଅହମ୍ମଦଙ୍କ ପ୍ରଦର୍ଶନ ବଳରେ ୬୫ ରନ୍‌ର ବିଜୟ ସହ ୱେଷ୍ଟଇଣ୍ଡିଜ ଅଭିଯାନ ଆରମ୍ଭ କରିଛି। ଆଣ୍ଟିଗୁଆଠାରେ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ୧୯୦ ରନ୍‌କୁ ସଫଳତାର ସହ ଡିଫେଣ୍ଡ କରି ପାରିଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ସିରିଜ୍‌ରେ ଭାରତ ଏ' ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏ' ୪୮.୫ ଓଭରରେ ୧୯୦ ରନ୍‌ରେ ଅଲଆଉଟ୍ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଏ' ୩୫.୫ ଓଭରରେ ୧୨୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୧୪ ତାରିଖରେ ଆଣ୍ଟିଗୁଆରେ ଖେଳାଯିବ। ଭାରତ ପକ୍ଷରୁ ଖଲିଲ ଅହମ୍ମଦ ସର୍ବାଧିକ ୩ ଉଇକେଟ ହାସଲ କରିଥିଲେ।

### ସ୍ନାଇଡରଙ୍କ ସହ ଲଢ଼ିବେ ବିଜେନ୍ଦର

ନ୍ୟୁୟର୍କ, ୧୨।୭ (ପି.ଟି.)

ଏକ ବର୍ଷ ପରେ ପ୍ରଫେଶନାଲ ବକ୍ସିଂକୁ ଫେରିବେ ଭାରତୀୟ ବକ୍ସିଂ ଷ୍ଟାର ବିଜେନ୍ଦର ସିଂ। ଶନିବାର ସେ ଏଠାରେ ଆମେରିକାର ମାଇକ୍ ସ୍ନାଇଡରଙ୍କ ସହିତ ୮ ରାଉଣ୍ଡ ବିଶିଷ୍ଟ ସୁପରମିଡଲୱେଟ୍ ମୁକାବିଲା କରିବେ। ଡବ୍ଲ୍ୟୁବିଓ ଓରିଏଣ୍ଟାଲ ଏବଂ ଏସିଆ ପ୍ୟାସିଫିକ୍ ସୁପର ମିଡଲୱେଟ୍ ଚାମ୍ପିୟନ ବିଜେନ୍ଦରଙ୍କର ୧୦-୦ (୭ ନକ୍‌ଆଉଟ୍) ରେକର୍ଡ ରହିଛି। ମୁକାବିଲା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ବିଜେନ୍ଦର କହିଛନ୍ତି, ସ୍ନାଇଡରଙ୍କ ସହିତ ଲଢେଇ ପାଇଁ ମୁଁ ପ୍ରସ୍ତୁତ। ମୁଁ ଇତିମଧ୍ୟରେ ଟ୍ରେନର ଲି' ବିୟର୍ଡଙ୍କ ସମେତ ମୋ ଟିମ୍ ସହିତ ରଣକୌଶଳ ସମ୍ପର୍କରେ ଆଲୋଚନା କରିସାରିଛି। ଆମେରିକୀୟ ବକ୍ସରଙ୍କୁ ପ୍ରାରମ୍ଭିକ ରାଉଣ୍ଡରେ ମୁଁ ନକ୍‌ଆଉଟ୍ କରିବା ଲାଗି ଯୋଜନା କରିଛି। ଅନ୍ୟପକ୍ଷରେ ଭାରତୀୟ ବକ୍ସରଙ୍କୁ ପରାସ୍ତ କରିବାରେ ସେ ସଫଳ ହେବେ ବୋଲି ସ୍ନାଇଡର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ମୋ ଟ୍ରେନରମାନେ ବିଜେନ୍ଦରଙ୍କ ବହୁ ଫାଇଟ୍ ଉପରେ ନଜର ପକାଇଛନ୍ତି।

### ■ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ
## ପ୍ରସ୍ତୁତି ଅନୁଧ୍ୟାନ କଲେ କ୍ରୀଡ଼ାମନ୍ତ୍ରୀ



ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା।

କଟକ ଅଫିସ,୧୨।୭

ଆଉ ୪ ଦିନ ପରେ ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ା ଆରମ୍ଭ ହେବ। ଏ ନେଇ ଶୁକ୍ରବାର ଅପରାହ୍ନରେ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ବଡ଼ଧରଣର ଏହି ଟୁର୍ନାମେଣ୍ଟ ନିମନ୍ତେ ସମସ୍ତ କାର୍ଯ୍ୟ ଠିକ ଭାବରେ ଚାଲିଛି ବୋଲି ମନ୍ତ୍ରୀ ବେହେରା ଅନୁଧ୍ୟାନ ଶେଷ କରି କହିଛନ୍ତି। ଅନ୍ୟପକ୍ଷରେ ୧୫ ତାରିଖରେ ଦଳଗୁଡ଼ିକ ଓଡ଼ିଶାରେ ପହଞ୍ଚିବା କାର୍ଯ୍ୟସୂଚୀ ରହିଥିବା ବେଳେ ଏବେ ସୁଦ୍ଧା ଉଗାଣ୍ଡା ଓ ଜର୍ସି ଦଳ ଭିଜା ସମସ୍ୟା ଭିତରେ ରହିଛନ୍ତି। ଉଭୟ ଦଳ ଆସିବା ନେଇ ପୂର୍ବରୁ ସ୍ପଷ୍ଟ କରିଥିଲେ ମଧ୍ୟ ଏବେ ସୁଦ୍ଧା ସେମାନଙ୍କୁ ଭିଜା ମିଳିପାରିନାହିଁ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି।

# ରଶିଦ ଆଫଗାନିସ୍ତାନ କ୍ରିକେଟ ଅଧିନାୟକ

କାବୁଲ, ୧୨।୭ (ପି.ଟି.)

ଷ୍ଟାର ସ୍ପିନର ରଶିଦ ଖାଁଙ୍କୁ ଶୁକ୍ରବାର ଆଫଗାନିସ୍ତାନ କ୍ରିକେଟ ଦଳର ସମସ୍ତ ଫର୍ମାଟ ପାଇଁ ନୂଆ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ବିଶ୍ୱକପ୍ ପୂର୍ବରୁ ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ଅସଘର ଆଫଗାନଙ୍କୁ ତାଙ୍କ ଡେପୁଟି କରାଯାଇଛି। ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ବିଶ୍ୱକପ୍ ପୂର୍ବରୁ ତିନୋଟି ଫର୍ମାଟ ପାଇଁ ପୃଥକ୍ ପୃଥକ୍ ଅଧିନାୟକ ମନୋନୀତ କରିଥିଲା। ରହମତ୍ ଶାହଙ୍କୁ ଟେଷ୍ଟ, ଗୁଲ୍‌ବଦିନ ନାଇବ୍‌ଙ୍କୁ ଅନ୍ତର୍ଜାତୀୟ ଦିନିକିଆ ଏବଂ ରଶିଦଙ୍କୁ ଟି୨୦ ଅଧିନାୟକ ଭାବେ ମନୋନୀତ କରିଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ଭଳି ଦଳକୁ ହରାଇବା ଭଳି ପରିସ୍ଥିତି ସୃଷ୍ଟି କରିଥିବା ଅଫଗାନିସ୍ତାନ ୭ଟି ଗେମ୍‌ରୁ ଗୋଟିଏ ହେଲେ ଜିତିପାରି ନ ଥିଲା। ୧୦ଟି ଦଳକୁ ନେଇ ପଏଣ୍ଟ ଟେବୁଲରେ ଅନ୍ତିମ ସ୍ଥାନ ସହ ଅଭିଯାନ ଶେଷ କରିଥିଲା। ସୂଚନାଯୋଗ୍ୟ, ଷ୍ଟାର ଅସଘର ଏବଂ ୨୦ ବର୍ଷୀୟ ରଶିଦ ଏବଂ ପୁରୁଖା ଖେଳାଳି ମହମ୍ମଦ ନବି ଦୁଇ ଆଇପିଏଲ ଖେଳାଳି ବିଶ୍ୱକପ୍ ପୂର୍ବରୁ ଅସଘରଙ୍କ ବହିଷ୍କାର ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରଶିଦ ଏପର୍ଯ୍ୟନ୍ତ ଦୁଇଟି ଟେଷ୍ଟ, ୬୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୮ ଟି୨୦ ଖେଳିସାରିଛନ୍ତି। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଦଳର ବିଜୟହୀନ ଅଭିଯାନ ପାଇଁ ମୁଖ୍ୟ ଚୟନକର୍ତ୍ତା ଦୌଲତ ଖାଁ ଅହମ୍ମଦଜାଇ ଏବଂ ସିଓଇ ଅସାଦୁଲ୍ଲା ଖାଁ ବହିଷ୍କୃତ ହୋଇଛନ୍ତି। ପୂର୍ବତନ ଏସିବି ମିଡିଆ ମ୍ୟାନେଜର ଲୁତ୍‌ଫୁଲ୍ଲା ଷ୍ଟାନିକ୍‌ଜାଇଙ୍କୁ ନୂଆ ସିଇଓ ଭାବେ ମନୋନୀତ କରାଯାଇଛି।



# ଆୟୁଷ୍ମାନ, ପ୍ରତ୍ୟୁଷା ଟପ୍‌ସିଡ

## ରାଜ୍ୟ ୯ ବର୍ଷରୁ କମ୍ ଚେସ ଆରମ୍ଭ

କଟକ ଅଫିସ,୧୨।୭

ପୂର୍ବତଟ ରେଲୱେ ପ୍ରତିଷ୍ଠାନ ପରିସରରେ ରାଜ୍ୟ ୯ ବର୍ଷରୁ କମ୍ ଚେସ ଚାମ୍ପିୟନଶିପ ଶୁକ୍ରବାର ଆରମ୍ଭ ହୋଇଛି। ୭ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓପନ ବର୍ଗରେ ୮୩ ଓ ବାଳିକା ବର୍ଗରେ ୩୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧୦ଟି ଜିଲାରୁ ମୋଟ ୧୨୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୫ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଅଛନ୍ତି। ଓପନ ବର୍ଗରେ ପୁରୀର ଆୟୁଷ୍ମାନ ମହାନ୍ତି ଓ ବାଳିକା ବର୍ଗରେ କଟକର ପ୍ରତ୍ୟୁଷା ଜେନା ଟୁର୍ନାମେଣ୍ଟର ଟପ୍‌ସିଡ ଖେଳାଳି ଅଛନ୍ତି। କଟକ ଜିଲା ଚେସ୍ ସଂଘ ଓ ନିଖିଳ ଓଡ଼ିଶା ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ।

ଶୁକ୍ରବାର ଖେଳାଯାଇଥିବା ୨ ରାଉଣ୍ଡ ଶେଷ ସୁଦ୍ଧା ଓପନ ବର୍ଗରେ ଆୟୁଷ୍ମାନ ମହାନ୍ତି, ପ୍ରତ୍ୟୁଷ ନାୟକ, ଶ୍ରୀୟାଂଶ ଦେ, ଆୟୁଷ ଆର୍ଯ୍ୟନ ମହାପାତ୍ର, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ତନ୍ମୟ ତଳିନ ବେହେରା, ଆଦିତ୍ୟ ବିକ୍ରମ ମିଶ୍ର, ସାଇ ଅମ୍ରିତ ପରିଜା, ବାଳିକା ବର୍ଗରେ ସାଇ ସମ୍ପ୍ରଦା ମହାନ୍ତି, ସାନିଧ୍ୟା ସ୍ୱାଇଁ, ଶ୍ରୁତି ସ୍ନେହି, ଶୁଭଶ୍ରୀ ରାଉତ, ଆୟୁଷି ଦାସ, ଜ୍ୟୋତିକା ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଶ୍ରଦ୍ଧା ମିଶ୍ର ୨ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ଅଛନ୍ତି। ରାଜେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନୀହାର ରଞ୍ଜନ ସାସମଲ ଖେଳ ପରିଚାଳନା କରୁଛନ୍ତି। ସେକ୍ ମନସୂର ଅଲ୍ଲୀ, ସାହେବ ଅଖତାର ସହାୟତା କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତଟ ରେଲୱେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ସେକ ରହେମତୁଲ୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଚେସ ସଂଘ ସଭାପତି ବିବେକ ତିବେରୱାଲ, ସମ୍ପାଦକ ରଞ୍ଜନ ମହାନ୍ତି, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ଫନୀନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।



ପ୍ରଥମ ଦିବସ ଖେଳ ଅବସରରେ ପ୍ରତିଯୋଗୀମାନେ।

# କୋହଲି, ଶାସ୍ତ୍ରୀ ଫେରିବା ପରେ ପ୍ରଦର୍ଶନର ସମୀକ୍ଷା ହେବ

ଲଣ୍ଡନ,୧୨।୭(ପି.ଟି.)

ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା କ୍ରିକେଟ ପ୍ରଶାସକ କମିଟି (ସିଓଏ) ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ନେଇ ତର୍ଜମା କରିବ। ଅଧିନାୟକ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ସ୍ୱଦେଶ ଫେରିବା ପରେ ସିଓଏ ଭାରତର ଖେଳାଳିମାନଙ୍କ ପ୍ରଦର୍ଶନ ନେଇ ଆଲୋଚନା କରିବ। ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଦଳ ଚୟନ ଉପରେ ଫୋକସ କରାଯିବ।

ଅଧ୍ୟକ୍ଷ ବିନୋଦ ରାଏଙ୍କ ନେତୃତ୍ୱରେ ସିଓଏର ଅନ୍ୟ ସଦସ୍ୟା ଯଥା ଡାଏନା ଇଦୁଲଜୀ ଓ ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ରବି ଥୋଡଗେ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କ ସହ ଆଲୋଚନ କରିବେ। ଖାସ୍ କରି ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ର ରୋଡମ୍ୟାପ୍ ତଥା ଯୋଜନା ସମ୍ପର୍କରେ ଏହି ଆଲୋଚନା କରାଯିବ ବୋଲି କୁହାଯାଇଛି। କୋହଲି ଓ ଶାସ୍ତ୍ରୀ ସ୍ୱଦେଶ ଫେରିଲେ ତାଙ୍କ ସହ ଆଲୋଚନା କରାଯିବ ବୋଲି ବିନୋଦ କହିଛନ୍ତି। ତେବେ ଏନେଇ ତାରିଖ ବା ସମୟ ଧାର୍ଯ୍ୟ କରାଯାଇ ନାହିଁ। କେବେଳ ସେତିକି ନୁହଁ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ମଧ୍ୟ ଆଲୋଚନା କରାଯିବ ବୋଲି ବିନୋଦ କହିଛନ୍ତି।

ଗତ ବୁଧବାର ଭାରତ ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିଲା। ରବିବାର କୋହଲିଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳି ବିମାନ ଯୋଗେ ମୁମ୍ବାଇରେ ଅବତରଣ କରିବେ। ଲିଗ୍ ପର୍ଯ୍ୟାୟରେ ଭାରତ ମାତ୍ର ଗୋଟିଏ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା ଓ ପଏଣ୍ଟ ତାଲିକାର ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ରିଭ୍ୟୁ ମିଟିଂ ବା ତର୍ଜମା ବୈଠକ ସମ୍ପର୍କରେ ସିଓଏ ମୁଖ୍ୟ ଅଧିକ କିଛି ସୂଚନା ଦେଇନାହାନ୍ତି। ବିଶ୍ୱକପ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ତେବେ କିଭଳି, କାହିଁକି ଓ କେତେବେଳେ ସେ ସମ୍ପର୍କରେ ଅଧିକ କିଛି କହିବି ନାହିଁ ବୋଲି ବିନୋଦ କହିଛନ୍ତି। ତେବେ କୋହଲି, ଶାସ୍ତ୍ରୀ ଓ ଚୟନ କମିଟି ମୁଖ୍ୟଙ୍କୁ କିଛି ପ୍ରଶ୍ନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶେଷ ମୁହୂର୍ତ୍ତରେ ବିଶ୍ୱକପ୍ ଦଳରୁ ବାଦ୍ ପଡିଥିବା ଅମ୍ବାତି ରାୟୁଡୁଙ୍କ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ।

# ଇଣ୍ଡିଜ ଗସ୍ତରୁ କୋହଲି, ବୁମରା ବାଦ୍ ପଡ଼ିପାରନ୍ତି

ନୂଆଦିଲ୍ଲୀ,୧୨।୭

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରାଙ୍କୁ ସମ୍ଭବତଃ ସମ୍ପୂର୍ଣ୍ଣ ୱେଷ୍ଟଇଣ୍ଡିଜ ଗସ୍ତରୁ ବିଶ୍ରାମ ଦିଆଯାଇପାରେ। ଅଗଷ୍ଟ ୩ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଗସ୍ତରେ ଭାରତୀୟ ଦଳ ୩ ଲେଖାଏ ଟି୨୦ ଓ ଦିନିକିଆ ପରେ ଦୁଇ ଟେଷ୍ଟ ମ୍ୟାଚ୍ ଖେଳିବ। ଟେଷ୍ଟ ସିରିଜ୍ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ, ଯାହାକି ୨୦୧୯ରୁ ୨୧ ପର୍ଯ୍ୟନ୍ତ ଖେଳାଯିବ। ଏହାର ଫାଇନାଲ ୨୦୨୧ରେ ଇଂଲଣ୍ଡଠାରେ ହେବ। କୋହଲି ଓ ବୁମରା ଗତ ଏକ ବର୍ଷ ହେଲା କ୍ରମାଗତ କ୍ରିକେଟ ଖେଳିଆସୁଛନ୍ତି। ଦେଶର ଦୁଇ ଶ୍ରେଷ୍ଠ କ୍ରିକେଟରଙ୍କୁ ଲମ୍ବା ଘରୋଇ ସିଜନ ଲାଗି ଆହତ ସମସ୍ୟାରୁ ଦୂରେଇ ରଖିବା ପାଇଁ ଚୟନ କମିଟି ବିଶ୍ରାମ ଦେଇପାରେ। କୋହଲିଙ୍କ ଅନୁପସ୍ଥିତିରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଟେଷ୍ଟ ଫର୍ମାଟରେ ଦଳର ନେତୃତ୍ୱ ନେବେ। ସେହିଭଳି ଦିନିକିଆ ଓ ଟି୨୦ରେ ରୋହିତ ଶର୍ମା ଅଧିନାୟକ ଦାୟିତ୍ୱ ତୁଲାଇବେ। ଜାତୀୟ ଚୟନ କମିଟି ଖୁବ୍ ଶୀଘ୍ର ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ବୈଠକ ଆୟୋଜନ କରିବ। ପୂର୍ବରୁ କୋହଲି ଓ ବୁମରାଙ୍କୁ ଦିନିକିଆ ଓ ଟି୨୦ ଫର୍ମାଟରୁ ବିଶ୍ରାମ ଦିଆଯିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଥିଲା।

**Birthday Wish**



Jayjeet (Jeet)
Wish you a magical Birthday
May this day bring you tons of Happiness and joy into your life.
Birthday wish from: Papa, Mama, Chachu, Chachi, Mausa, Mausi, Maa, Aae, Chintu, Pinu, Juhi, Rishi.
D-13387

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



Dibyanshu Parida (Joy)
ପବିତ୍ର ସୁନାବେଶ ତିଥି ରେ ମୋର ସାନ ନାତି ଆୟୁଷ୍ମାନ Dibyanshu (Joy) ର ଉଜ୍ଜ୍ୱଳ ଭବିଷ୍ୟତ ଦିର୍ଘାୟୁ କାମନା କରି ପ୍ରଥମ ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କାମନା କରୁଛି।
'ଇତି' ଜେଜେମା: ଶ୍ରୀମତୀ ଶାନ୍ତିଲତା ପରିଡ଼ା, ସାନଜେଜେ, ସାନ ମା, ଅଜା, ଆଈ, ବଡ଼ବାପା, ବଡ଼ବୋଉ, ବାପା, ମା, ଭାଇ ଓ ଭଉଣୀ ମାନେ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୮୧

**୨୫ ତମ ବିବାହ ରୋପ୍ୟ ବାର୍ଷିକରେ ଶୁଭେଚ୍ଛା**



ଜଗତ୍‌ସିଂହପୁର, ବାଲିକୁଦା, ନାଗପୁର ନିବାସୀ ଶ୍ରୀଯୁକ୍ତ ଶୈଳେନ୍ଦ୍ର କୁମାର ବିଶ୍ୱାଳ (ଇଂ) ଏବଂ ସସ୍ମିତା ସ୍ୱାଇଁ (ଶିକ୍ଷୟିତ୍ରୀ) ଙ୍କ ୨୫ ତମ ଶୁଭ ବିବାହ ବାର୍ଷିକୀ ଉତ୍ସବରେ ସେମାନଙ୍କ ଜୀବନଧାରା ଈଶ୍ୱରଙ୍କ କୃପାରୁ ମଙ୍ଗଳମୟ ହେଉ, ଏହି ଶୁଭକାମନା ସହ: ନୃସିଂହ, ସୋନିଆ, ପ୍ରାଚୀ, ଓମ୍, ସତ୍ୟମ୍।
ଧ-୧୨୯୧୬

## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିମଳିନୀ ଦାଶ (କୁନି)
C/o: ନବକିଶୋର ଦାଶ
ପ୍ଲଟ୍: ୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ: ଆଷାଢ ଶୁକ୍ଳପକ୍ଷ, ଦ୍ୱାଦଶୀତିଥି (ତା: ୨୭।୦୭।୨୦୦୭)
ବୋଉ, ଆପଣଙ୍କର ପାର୍ଥିବ ଶରୀରର ଅନୁପସ୍ଥିତି ଦୀର୍ଘ ବାରବର୍ଷକୁ ପଛରେ ପକାଇ ସାରିଲାଣି, କିନ୍ତୁ, ଆପଣ ଏ ଘରେ ଯେ ସର୍ବଦା ଅଛନ୍ତି ଏକଥା ଅନୁଭବୀ ଅନୁଭବ କରିପାରେ। ସଦା ଜୀବନ୍ତ ପରି ଆମମାନଙ୍କ ପାଖେ ଆପଣ ରହିଥାଆନ୍ତୁ ଏତିକି ପ୍ରାର୍ଥନା।
ଆପଣଙ୍କର ଚିରଋଣୀ:
ରଜନୀ-ରାନ୍ଧୁ, ଯାମିନୀ-ଜ୍ୟୋତ୍ସ୍ନା, ଲିନା, ରିନା, ନିନା, ବାଦଲ ଓ ୟୁରି ତଥା ସମସ୍ତ ପ୍ରିୟଜନ।
ଧ-୧୩୩୬୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୫୨୮୯୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୁଧାଂଶୁବାଳା ପାଇକରାୟ
ଶିଶୁପାଳଗଡ଼, ଭୁବନେଶ୍ୱର
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ଆମ ପ୍ରେରଣା ର ଉତ୍ସ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୬୬୯୨୫



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜୁଲାଇ ୧୩/୨୦୧୯ Bhubaneswar, Saturday, July 13/ 2019

## ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର

# ୩ ଦିନରେ ୩୦ ଲକ୍ଷ ଟଙ୍କାର ସୁନା ଜବତ

ଭୁବନେଶ୍ୱର, ୧୨।୭(ବ୍ୟୁରୋ)



■ଓଡ଼ିଶା ଉପରେ ଅନ୍ତର୍ଜାତୀୟ ସ୍ମଗଲରଙ୍କ ନଜର

■ଆଲର୍ଟ ରହିବାକୁ କଷ୍ଟମ ଅଧିକାରୀଙ୍କ ନିର୍ଦ୍ଦେଶ

ଆନ୍ତର୍ଜାତିକ ବଜାରରେ ସୁନା ଦର ବୃଦ୍ଧି ପାଉଥିବାବେଳେ ସୀମା ଶୁଳ୍କ ମଧ୍ୟ ବୃଦ୍ଧି ପାଇଛି। ଏପରିସ୍ଥଳେ ଚୋରା ସୁନା ଚାଲାଣକାରୀ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ବିଶେଷକରି ଓଡ଼ିଶା ଉପରେ ଅନ୍ତର୍ଜାତୀୟ ସ୍ମଗ୍ଲରଙ୍କ ନଜର ରହିଛି। ମାଧ୍ୟମ ପାଲଟିଛି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର। ବିଶେଷକରି ମାଲେସିଆର କୁଆଲାଲମ୍ପୁର ଓ ବ୍ୟାଙ୍କକ୍‌ରୁ ଏୟାର ଏସିଆ ଯୋଗେ ଏଜେଣ୍ଟଙ୍କ ଜରିଆରେ ଓଡ଼ିଶାରେ ଚୋରା ସୁନା ପହଞ୍ଚୁଛି। ପରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟକୁ ଚୋରାରେ ଚାଲାଣ କରାଯାଉଛି। ୩ଦିନ ଭିତରେ କଷ୍ଟମ ବିଭାଗ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଜବତ କରିବା ସହ ୫ଜଣ ଏଜେଣ୍ଟଙ୍କୁ ଧରିଛି। ପୂର୍ବରୁ ର୍ୟାକେଟରେ ସମ୍ପୃକ୍ତ ଏଜେଣ୍ଟମାନେ ବିଭିନ୍ନ ଉପାୟରେ ସୁନା ଆଣୁଥିଲେ ମଧ୍ୟ ତାହାକୁ କଷ୍ଟମବିଭାଗ ଅଧିକାରୀମାନେ ଧରି ଦେଉଥିଲେ। ଫଳରେ ଏବେ ଏଜେଣ୍ଟମାନେ ନୂଆ ତରିକା ଆପଣାଇଛନ୍ତି। ସେମାନେ ସୁନାକୁ ତରଳାଇ ଛୋଟଛୋଟ କ୍ୟାପ୍‌ସୁଲ ଆକାର କରି ମଳଦ୍ୱାରରେ ଆଣୁଛନ୍ତି। ଯାହାକୁ ସହଜରେ ବିମାନବନ୍ଦରରେ ଲାଗିଥିବା ମେଟାଲ ଡିଟେକ୍ଟର ଧରିପାରୁନାହିଁ। ଗତ ୧୦ ତାରିଖ ବୁଧବାର ମଧ୍ୟ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ଯାତ୍ରୀଙ୍କୁ ଯାଞ୍ଚ କରିବା ପରେ ତାଙ୍କ ଶାର୍ଟ କଲାରରୁ ୧୫୦.୯୬୦ ଗ୍ରାମର ଦୁଇଟି ଚେନ୍ ଆକାରର ସୁନା ମିଳିଥିଲା। ୧୧ ତାରିଖରେ ୨ଜଣ ଯାତ୍ରୀ ସୁନା ଖଣ୍ଡକୁ ଲଗାଇ କୁଆଲାଲମ୍ପୁରରୁ ଏୟାର ଏସିଆ ବିମାନ ଯୋଗେ ଭୁବନେଶ୍ୱରରେ ଓହ୍ଲାଇଥିଲେ। କଷ୍ଟମ ବିଭାଗର ଅଧିକାରୀ ସେମାନଙ୍କୁ ଯାଞ୍ଚ କରିବା ପରେ ୬୧୨.୮୫ ଗ୍ରାମର ସୁନା ଜବତ କରାଯାଇଥିଲା। ସେହିପରି ୧୨ ତାରିଖରେ ଜଣେ ଯାତ୍ରୀ ସୁନାକୁ ତରଳାଇ କ୍ୟାପସୁଲ ଆକାର କରି ମଳଦ୍ୱାରପଟେ ଆଣିଥିଲେ ମଧ୍ୟ ମେଟାଲ ଡିଟେକ୍ଟର ଧରିପାରି ନ ଥିଲା। ମାତ୍ର କଷ୍ଟମ ବିଭାଗର ସନ୍ଦେହ ହେବାରୁ ତାଙ୍କର ବଡି ସ୍କାନିଂ କରାଯାଇଥିଲା। ସ୍କାନିଂ ପରେ ତାଙ୍କ ମଳଦ୍ୱାରରୁ ୩ଟି କ୍ୟାପ୍‌ସୁଲ ଆକାରରେ ୬୧୨.୮୫ ଗ୍ରାମର ସୁନା ମିଳିଥିଲା। ମେଟାଲ ଡିଟେକ୍ଟର ଧରି ନ ପାରିବା ପାଇଁ ସୁନାକୁ କ୍ୟାପ୍‌ସୁଲ ଆକାର କରି ତାହା ଉପରେ ବ୍ଲାକ୍‌ଟେପ୍ ଭଳି ସାମଗ୍ରୀ ଲଗାଇ ଦିଆଯାଇଥିଲା।

ଅନ୍ୟପକ୍ଷରେ ସୁନା ସ୍ମଗଲିଂ ର୍ୟାକେଟରେ ଅନେକ ମହିଳା ସଂପୃକ୍ତ ଅଛନ୍ତି। ବିଶେଷ କରି ବିମାନବନ୍ଦରରେ କଷ୍ଟମବିଭାଗ ମହିଳାଙ୍କୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଫଳରେ ମହିଳା ଏଜେଣ୍ଟମାନେ ସହଜରେ ସୁନା ଆଣି ବିମାନ ବନ୍ଦରରୁ ବାହାରକୁ ଯାଇପାରୁଛନ୍ତି। ଏନେଇ ସୀମା ଶୁଳ୍କ ଯୁଗ୍ମ କମିଶନର ବିଷ୍ଣୁଚରଣ ସାହୁ କହିଛନ୍ତି, ଅନ୍ତଃରାଷ୍ଟ୍ରୀୟ ବଜାରରେ ସୁନାର ଦର ବୃଦ୍ଧି ସହ ସୀମା ଶୁଳ୍କ ସାଢେ ୧୨ ପ୍ରତିଶତ ବୃଦ୍ଧି ପାଇବା ପରେ ସ୍ମଗଲରମାନେ ଏଭଳି ତରିକା ଆପଣାଇଛନ୍ତି। ଓଡିଶାରେ ସୁନାର ଚାହିଦା ଥିବାରୁ ସେମାନେ ଓଡିଶା ଉପରେ ଅଧିକ ନଜର ପକାଇଛନ୍ତି। ତେଣୁ ଏନେଇ ଆମେ କଷ୍ଟମ ବିଭାଗର କର୍ମଚାରୀଙ୍କୁ ବିମାନ ବନ୍ଦରରେ ଆଲର୍ଟ ରହିବାକୁ ଅବଗତ କରାଇଛୁ। ଆଗକୁ ଏହି ବେଆଇନ କାରବାରକୁ ଯେପରି ବନ୍ଦ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ନିଆରା କଳାକୃତି

# କାର୍ଡବୋର୍ଡରେ ୨.୪ ଇଞ୍ଚର ନନ୍ଦିଘୋଷ



ପୁରୀ ଅଫିସ, ୧୨।୭

ପୁରୀର ସପ୍ତମ ଶ୍ରେଣୀ ଛାତ୍ରୀ ନନ୍ଦିନୀ ପଟ୍ଟନାୟକ। ୧୨ ବର୍ଷୀୟା ନନ୍ଦିନୀ ତିଆରି କରିଛନ୍ତି ଏକ ନିଆରା କଳାକୃତି। ରଥଯାତ୍ରା ଉପଲକ୍ଷେ ସେ କାର୍ଡବୋର୍ଡରେ ନିର୍ମାଣ କରିଛନ୍ତି ୨.୪ ଇଞ୍ଚ ଉଚ୍ଚ ଏବଂ ସମାନ ଚଉଡ଼ା ବିଶିଷ୍ଟ ନନ୍ଦିଘୋଷ ରଥ। ତେବେ ଏହା କାର୍ଡବୋର୍ଡରେ ନିର୍ମିତ ସବୁଠୁ ଛୋଟ ରଥ ବୋଲି ଦାବି କରି ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଛନ୍ତି। ଶୁକ୍ରବାର ଇ-ମେଲ୍ ଯୋଗେ ରଥ ଫଟୋ ଏବଂ ଆବଶ୍ୟକ କାଗଜପତ୍ର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କାର୍ଯ୍ୟାଳୟକୁ ପଠାଇଥିବା ନନ୍ଦିନୀଙ୍କ ବାପା ବାନାମ୍ବର ପଟ୍ଟନାୟକ କହିଛନ୍ତି।

ବାନାମ୍ବର ହେଉଛନ୍ତି ଜଣେ ଶିଳ୍ପୀ। ସେ କାର୍ଡବୋର୍ଡରେ ବହୁ ଆକର୍ଷଣୀୟ କଳାକୃତି ତିଆରି କରି ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପ୍ରଶଂସା ସାଉଣ୍ଟିଛନ୍ତି। ଝିଅ ନନ୍ଦିନୀଙ୍କ ଏହି କଳାକୃତି ସମ୍ପର୍କରେ ବାନାମ୍ବର କହିଛନ୍ତି, ପିଲାଟି ଦିନରୁ ଝିଅର କିଛି କରିବାର ଆଗ୍ରହ ରହିଛି। ସେ ଭଲ ଡ୍ରଇଁ ମଧ୍ୟ କରନ୍ତି। ତେବେ ରଥଯାତ୍ରା ଥିବାରୁ କାର୍ଡବୋର୍ଡରେ ଛୋଟିଆ ରଥଟିଏ ତିଆରି କରିବେ ବୋଲି ଇଛାପ୍ରକାଶ କରିଥିଲେ। ଏ ନେଇ ବାପା ବାନାମ୍ବରଙ୍କ ଅନୁମତି ଏବଂ ସହଯୋଗ ଲୋଡିଥିଲେ। ପରେ ବାପାଙ୍କ ଅନୁମତି ନେଇ ତିଆରି କରିଥିଲେ କୁନି ରଥ। ଏହାକୁ ଶେଷ କରିବାକୁ ନନ୍ଦିନୀଙ୍କୁ ପ୍ରାୟ ୫ ଦିନ ସମୟ ଲାଗିଥିବା ବେଳ ଶୁକ୍ରବାର ଏହା ପୂର୍ଣ୍ଣାଙ୍ଗ ହୋଇଛି।

### ଇଣ୍ଡିଆ ବୁକ୍ ଅଫ ରେକର୍ଡ ପାଇଁ କଲେ ଆବେଦନ




# ୨୯୮୨ ପ୍ରଶିକ୍ଷାର୍ଥୀ ନାବିକଙ୍କ ଦୀକ୍ଷାନ୍ତ ସମାରୋହ



ଭାଇସ୍ ଆଡ୍‌ମିରାଲ୍ ଅତୁଲ କୁମାର ଜୈନ ପ୍ରଶିକ୍ଷାର୍ଥୀଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି।

ବାଲୁଗାଁ,୧୨।୭(ଡି.ଏନ.ଏ.)

### ଭାରତୀୟ ନୌସେନା

ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ତାଲିମ୍ କେନ୍ଦ୍ରରେ ଶୁକ୍ରବାର ୨୯୮୨ ଜଣ ପ୍ରଶିକ୍ଷାର୍ଥୀ ନାବିକଙ୍କ ଦୀକ୍ଷାନ୍ତ ସମାରୋହ (ପାସିଙ୍ଗ୍ ଆଉଟ୍ ପରେଡ୍) ଅନୁଷ୍ଠିତ ହେଇଯାଇଛି । ଦୀର୍ଘ ୨୧ ସପ୍ତାହ ଧରି ନାବିକଙ୍କ ପ୍ରଶିକ୍ଷଣ ପରେ ଅନୁଷ୍ଠିତ ଏହି ସମାରୋହରେ ଭାଇସ୍ ଆଡ୍‌ମିରାଲ୍ ତଥା ପୂର୍ବ ନୌସେନା କମାଣ୍ଡ ମୁଖ୍ୟ ଅତୁଲ କୁମାର ଜୈନ ଅଭିବାଦନ ଗ୍ରହଣ କରିଥିଲେ । ଆଗାମୀ ଦିନରେ ନିଜର ପେସାଗତ ଜ୍ଞାନକୁ ଦୃଢକରି ଜଣେ ଦକ୍ଷ କର୍ମକୁଶଳି ରୂପେ ଦେଶ ରକ୍ଷା ନିମନ୍ତେ ନିୟୋଜିତ ହେବାପାଇଁ ପ୍ରଶିକ୍ଷାର୍ଥୀଙ୍କୁ ଆଡ୍‌ମିରାଲ୍ ଜୈନ ଭାଷଣ ପ୍ରସଙ୍ଗରେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମେଧାବୀ ପ୍ରଶିକ୍ଷାର୍ଥୀ ଭି. ଭୌଦାରିଆ, ତୁଷାର ଏ ଘଡଗେ, ଆଶିଷ କୁମାର ଓ ସୁରେଶ କୁମାରଙ୍କୁ ସର୍ବୋତ୍ତମ ପ୍ରଶିକ୍ଷାର୍ଥୀ ରୂପେ ବିବେଚିତ କରାଯାଇ ଟ୍ରଫି ସହ ମେଡାଲ୍ ପ୍ରଦାନ କରାଯାଇଥିଲା । ଦେଶର କୋଣ ଅନୁକୋଣରୁ ପ୍ରଶିକ୍ଷାର୍ଥୀମାନଙ୍କ ମାତାପିତା ଓ ଅଭିଭାବକମାନେ ଚିଲିକା ଆସି ଏହି ଉତ୍ସବରେ ଯୋଗଦେଇଥିଲେ। ଗୁରୁବାର ପ୍ରଶିକ୍ଷାର୍ଥୀମାନଙ୍କ ଏକ ସାଂସ୍କୃତିକ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷାର୍ଥୀ ନିଜନିଜର ଅସାଧାରଣ ପ୍ରତିଭା ଆଡ୍‌ମିରାଲ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ନୌସେନା ମହିଳା ସମିତିର ସଭାପତି ଦେବିନା ଜୈନ, ଆଇଏନ୍ଏସ୍ ଚିଲିକାର କମାଣ୍ଡ ଅଧିକାରୀ କମୋଡର୍ ଋତୁରାଜ ସାହୁ ଏବଂ ଚିଲିକା ମହିଳା କଲ୍ୟାଣ ସମିତି ସଭାପତି ସଙ୍ଗୀତା ସାହୁ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଦ୍ୱିଭାଷୀ ପତ୍ରିକା ଅଙ୍କୁରର ଗ୍ରୀଷ୍ମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା ।

# ସ୍କୁଲ ପରିସରରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ପୁରୁଣା ଭୁବନେଶ୍ୱର, ୧୨।୭ (ଡି.ଏନ.ଏ.)

ଏୟାରଫିଲ୍ଡ ଥାନା ଅଧୀନ ପୋଖରୀପୁଟ ଉପ୍ରା ସ୍କୁଲ ପରିସରରୁ ଶୁକ୍ରବାର ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ବାଳକାଟୀ ବାଲିଆମାଳ ଅଞ୍ଚଳର ନାରାୟଣ ଜେନା। ପୋଲିସ ସୂଚନା ମୁତାବକ, ନାରାୟଣ ଏଠାରେ ଭଡାଘରେ ରହି ଗାଡି ଚଳାଇ ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ସେ ଛାଡପତ୍ର ଦେବା ସହ ତାଙ୍କ ଖର୍ଚ୍ଚ ପାଇଁ ବାଲିପାଟଣା ଥାନାରେ ୨୦୦୫ରୁ କେସ୍ ଚାଲୁଥିଲା। ଏଠାରେ ଅନ୍ୟଜଣେ ମହିଳାଙ୍କ ସହ ସେ ରହୁଥିଲେ। ଶୁକ୍ରବାର ନାରାୟଣ ସକାଳେ ସ୍କୁଲ ପରିସରରେ ଥିବା ଏକ ଆମ୍ବଗଛ ଡାଳରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ପିଲାମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ନେଇ ସ୍ଥାନୀୟ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ ଏବଂ ପୋଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଥିଲା। ମାତ୍ର ନାରାୟଣଙ୍କ ମୃତ୍ୟୁକୁ ଘର ଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ କେହି ହତ୍ୟା କରି ଆମ୍ବଗଛ ଡାଳରେ ଝୁଲାଇ ଦେଇଥିବା ତାଙ୍କ ସ୍ତ୍ରୀ କାଞ୍ଚନ ଜେନା କହୁଥିବାବେଳେ ଥାନାରେ ପ୍ରଧାନଶିକ୍ଷକ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ଏହାପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

# 'ମୋ ବସ୍' ନେଲା ଜୀବନ

ଭୁବନେଶ୍ୱର, ୧୨।୭(ବ୍ୟୁରୋ)



■ସ୍କୁଟିକୁ ଧକ୍କା ଦେବାପରେ ଚଢ଼ିଯାଇଥିଲା

■ଚିକିତ୍ସାଧୀନ ଅବସ୍ଥାରେ ଅବସରପ୍ରାପ୍ତ ଏଜି କର୍ମଚାରୀଙ୍କ ମୃତ୍ୟୁ

■ଉତ୍ତେଜନା, ବସ୍ ଜବତ ଓ ଚାଳକ ଅଟକ

ରାଜଧାନୀର ବର୍ଦ୍ଧିତ ଜନସଂଖ୍ୟାକୁ ନଜରରେ ରଖି ଯାତାୟାତ କ୍ଷେତ୍ରକୁ ସୁଗମ କରିବା ଲକ୍ଷ୍ୟନେଇ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା 'ମୋ ବସ୍' ସେବା। ମାତ୍ର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଏବେ ରାଜଧାନୀବାସୀଙ୍କ ପାଇଁ କାଳ ସାଜୁଛି। ବାରମ୍ବାର ଦୁର୍ଘଟଣା ଘଟାଉଥିବା ମୋ ବସ୍ ଶୁକ୍ରବାର ଜୀବନ ନେଇଛି। ରେଡକ୍ରସ ଭବନ ନିକଟରେ ଏକ ସ୍କୁଟିକୁ ଧକ୍କା ଦେଇ ଚଢ଼ିଯିବାରୁ ସେଥିରେ ଯାଉଥିବା ଜଣେ ଅବସରପ୍ରାପ୍ତ ଏଜି କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାବାଜୀ ସେଠୀ (୭୦)। ସୂଚନା ମୁତାବକ, ବାବାଜୀ ଏଜି କାର୍ଯ୍ୟାଳୟରୁ ଅବସର ନେଇଥିବାବେଳେ ତାଙ୍କ ପୁଅ ସେଠାରେ କାର୍ଯ୍ୟରତ ଥିବାରୁ ତାଙ୍କ ପରିବାର ଏଜି କ୍ୱାର୍ଟର୍ସରେ ରହୁଛନ୍ତି। ଶୁକ୍ରବାର ସକାଳେ ନିତ୍ୟକ୍ରମ ସାରି ସ୍କୁଟିରେ ୪ ନମ୍ବର ହାଟକୁ ବାହାରିଥିଲେ। ସେଠାରୁ କିଣାକିଣି ସାରି ଘରକୁ ଫେରୁଥିଲେ। ସେ ରେଡ୍‌କ୍ରସ ଭବନ ନିକଟ ଶାସ୍ତ୍ରୀନଗର ପାର୍ଶ୍ୱରେ ଯାଉଥିବାବେଳେ ଦ୍ରୁତଗତିରେ ଥିବା 'ମୋ ବସ୍'ଟି ପଛରୁ ତାଙ୍କୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ିଥିଲେ ଓ ସ୍କୁଟିଟି ବସ୍ ପଛ ଚକା ତଳେ ଚାପି କିଛି ବାଟ ଘୁଷୁରି ଯାଇଥିଲା। ବାବାଜୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ଲୋକେ ରାସ୍ତାରୁ ଉଠାଇ ଆଣିବା ପରେ ପିସିଆର୍ ପୋଲିସ ପହଞ୍ଚି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଖବରପାଇ ତାଙ୍କ ଝିଅ ଓ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାରେ ଯାଉଥିବା ଯାତ୍ରୀ ଓ ସ୍ଥାନୀୟ ଲୋକେ ହୋହଲ୍ଲା କରିଥିଲେ। 'ମୋ ବସ୍' ଡ୍ରାଇଭରମାନେ ମଦ୍ୟପାନ କରି ଅତି ଖାମଖିଆଲ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଅଭିଯୋଗ କରିଥିଲେ। ଏଥିପାଇଁ ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଖାରବେଳ ନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏଥିସହ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାକୁ ନେଇଥିଲା। ଏ ନେଇ ଥାନା ଅଧିକାରୀ ସେନାପତି କହିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ବସ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ନିଶା ଖାଇ ବସ୍ ଚଳାଉଛନ୍ତି ଡ୍ରାଇଭର

'ମୋ ବସ୍'ର ଡ୍ରାଇଭରମାନେ ନିଜକୁ ସରକାରୀ କର୍ମଚାରୀ ଭାବି ଅତି ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି। ଏପରିକି ସେମାନେ ମଦ ଓ ଅନ୍ୟ ନିଶା ସେବନ କରୁଥିବା ମଧ୍ୟ ଦେଖାଯାଇଛି। କିଛିମାସ ତଳେ ରାଜମହଲ ଛକରେ ଏକ ମୋ ବସ୍ ସିରିଜ୍ ଦୁର୍ଘଟଣା ଘଟାଇଥିଲା। ଦୁଇଟି ବାଇକ୍ ଓ କାର୍‌କୁ ଧକ୍କା ଦେବାରୁ ବହୁ ଲୋକ ଆହତ ହୋଇଥିବାବେଳେ ଏକ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଲୋକେ ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସେତେବେଳେ ଡ୍ରାଇଭର ଜଣକ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଗତ ୧୫ଦିନ ତଳେ ଏକ ମୋ ବସ୍ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ପୂର୍ବରୁ ଏକ ବାଇକ୍‌କୁ ଧକ୍କା ଦେବା ପରେ ସେଥିରେ ଯାଉଥିବା ଜଣେ ଯୁବକଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଉକ୍ତ ଯୁବକ ଜଣକ ଏବେବି ଏକ ଘରୋଇ ସହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ତେବେ ଦୁର୍ଘଟଣା ପରେ ଡ୍ରାଇଭର ଜଣକ ବସ୍ ନେଇ ପଳାଇଥିଲେ ମଧ୍ୟ ବାଟରେ ଆଉ କେତେକ ଗାଡ଼ିକୁ ଧକ୍କା ଦେଇଥିଲା। ସେହିଭଳି ବେପରୁଆ ଗାଡ଼ି ଚଳାଉଥିବା ଜଣେ ମୋ ବସ୍ ଡ୍ରାଇଭରଙ୍କୁ ଜଣେ ଟ୍ରାଫିକ ପୋଲିସ ତାଗିଦ କରିବାରୁ ସେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଉକ୍ତ ଡ୍ରାଇଭର ଗିରଫ ହୋଇ ଜେଲ୍ ଯାଇଥିଲେ। ଏଭଳି ଅନେକ ସମୟରେ ମୋ ବସ୍ ଡ୍ରାଇଭର ଓ କର୍ମଚାରୀ ଗଣ୍ଡଗୋଳ କରୁଥିବା ମଧ୍ୟ ନଜିର ରହିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ପୁରୁଣା ଜେଲ୍ ପରିସରରେ ହେବ ମ୍ୟୁଜିୟମ

**କଟକ ଅଫିସ,୧୨।୭:** ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ବହନ କରୁଥିବା ପୁରୁଣା ଜେଲ୍‌ର ରକ୍ଷଣାବେକ୍ଷଣ ଏବଂ ଏହାର ପରିସରରେ ମ୍ୟୁଜିୟମ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଇନ୍‌ଟାକ୍ ଏବଂ ସିଡିଏର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ମିଳିତଭାବେ ଏହି କାର୍ଯ୍ୟ ସମ୍ପାଦନ ଉପରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଇନଟାକ୍‌ର ରାଜ୍ୟ ନିର୍ଦ୍ଦେଶକ ମଲ୍ଲିକା ମିତ୍ର, ମ୍ୟୁଜିୟମର କାର୍ଯ୍ୟଧାରା ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ପୁରୁଣା ଜେଲ୍ ପରିସରରେ ପାର୍କିଂ ପାଇଁ ଅଧିକ ସ୍ଥାନର ବ୍ୟବସ୍ଥା କରିବା ସହିତ ଆବଶ୍ୟକ ଜାଗାର ବର୍ତ୍ତମାନ ସ୍ଥିତିର ଆକଳନ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧରେ ସିଡିଏର ସଚିବ ମନୋରଞ୍ଜନ ମହାପାତ୍ର, ଯନ୍ତ୍ରୀ ରମେଶ କୁମାର ମହାନ୍ତି, ଇନ୍‌ଟାକ୍‌ର ଆବାହକ ଅମୀୟ ଭୂଷଣ ତ୍ରିପାଠୀ, ତୁଷାରକାନ୍ତ ଘୋଷ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ଓ ସିଡିଏ ଭୂଅର୍ଜନ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

### ବାଇକ୍‌ରୁ ପଡ଼ି ଚାଳକ ଆହତ

**ସାଲେପୁର,୧୨।୭ (ଡ଼ି.ଏନ୍.ଏ):** ସାଲେପୁର ଥାନା ଅଧୀନ ଶିଶୁଆ ଜପକୁଦ ରାସ୍ତାର କଲ୍ୟାଣପୁରର କଣ୍ଟିକୁଲଠାରେ ବାଇକ୍‌ରୁ ପଡି ଚାଳକ ଆହତ ହୋଇଛନ୍ତି। ସେ ହେଲେଏହି ଥାନା ଅନ୍ତର୍ଗତ ଶିଶୁଆ ଗ୍ରାମର ଜୟନ୍ତ ସାହୁ (୨୦)। ସେ ବାଇକ୍ ଚଳାଇ କୌଣସି କାମରେ ବାସୁଦେବପୁର ଯାଉଥିବା ବେଳେ କଣ୍ଟିକୁଲଠାରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲେ। ଖବରପାଇ ସାଲେପୁର ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସେଠାରେ ପହଞ୍ଚି ଜୟନ୍ତଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏହି ଦୁର୍ଘଟଣାରେ ଜୟନ୍ତଙ୍କ ଗୋଡ଼ ସହ ହାତର ୨ ଆଙ୍ଗୁଳି ଭାଙ୍ଗି ଯାଇଥିବା ଜଣାପଡ଼ିଛି।

■ ଆଦର୍ଶ ବିଦ୍ୟାଳୟରେ ନାହିଁ ମୌଳିକ ବ୍ୟବସ୍ଥା

# ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର

**ବାଙ୍କୀ,୧୨।୭(ସ୍ୱ.ପ୍ର)**



ଆଦର୍ଶ ବିଦ୍ୟାଳୟ।

- ■ ଆବଶ୍ୟକ ଅନୁସାରେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନି
- ■ କମ୍ପ୍ୟୁଟର ନ ଥିବାରୁ ଏହି କୋର୍ସରେ ପାଠ ପଢ଼ାଯାଉନାହିଁ
- ■ ବାହାର ବସ୍‌ରେ ଯାତୟାତ କରୁଛନ୍ତି ଛାତ୍ରୀଛାତ୍ର

ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚମାନର ଓ ଗୁଣାତ୍ମକ ଶିକ୍ଷାପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଉଛି। ମାତ୍ର ଏହାଦ୍ୱାରା ପିଲାମାନେ କେତେଦୂର ଲାଭବାନ ହେଉଛନ୍ତି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଖୋଲାଯାଉଥିବା ଆଦର୍ଶ ବିଦ୍ୟାଳୟଗୁଡିକ ମଧ୍ୟରୁ ଅନେକଗୁଡିଏ ବିଦ୍ୟାଳୟରେ ମୌଳିକ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବାଙ୍କୀର ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପିଲାଙ୍କୁ ପାଠ ପଢ଼ାଇବା ଲାଗି ବ୍ୟବସ୍ଥା ରହିଛି। ଏଠାରେ ମୋଟ୍‌ରେ ୨୪୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟରେ ଅନେକଗୁଡିଏ ଅବ୍ୟବସ୍ଥା ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ବହୁ ଦୂରାନ୍ତରୁ ପିଲାମାନେ ଆସି ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟରେ ପିଲାଙ୍କ ରହିବା ପାଇଁ ଛାତ୍ରାବାସର ସୁବିଧା ନାହିଁ। ଫଳରେ ପିଲାମାନେ ବାରମ୍ବାର ଯିବା ଆସିବା କରି ଅସୁବିଧାରେ ପଡୁଛନ୍ତି। ବିଦ୍ୟାଳୟର ନିଜସ୍ୱ ବସ୍ ନ ଥିବାରୁ ପିଲାମାନେ ବାହାର ବସ୍‌ଯୋଗେ ଯିବାଆସିବା କରୁଛନ୍ତି। ଫଳରେ ବସ୍ ଭଡ଼ାବାବଦକୁ ପ୍ରତି ପିଲାପିଛା ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ ହେଉଛି। ପ୍ରତିଦିନ ବସ୍‌ରେ ଯିବା ଆସିବା କରିବା ଦ୍ୱାରା ପାଠ ପଢିବା ପାଇଁ ମାନସିକ ସ୍ଥିତି ଠିକ୍ ରହୁନାହିଁ ବୋଲି ପିଲାମାନେ କହୁଛନ୍ତି। ପିଲାମାନେ ଘରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କ ଅଭିଭାବକମାନେ ଶାନ୍ତିରେ ରହିପାରୁ ନାହାନ୍ତି। ଏହାଛଡା ଚଳିତ ବର୍ଷ ଅଷ୍ଟମ ଶ୍ରେଣୀରେ ପିଲାମାନେ ନାମ ଲେଖାଇଥିଲେ ମଧ ସେମାନଙ୍କୁ ପାଠ ପଢାଇବା ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ପିଲାଙ୍କ ପଢ଼ିବା ପାଇଁ ଡେସ୍କର ବ୍ୟବସ୍ଥା ନ ଥିବାରୁ ସେମାନେ ତଳେ ବସି ପାଠ ପଢୁଛନ୍ତି। ସ୍କୁଲ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ ଅନୁସାରେ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି । କେବଳ ଜଣେ ମାତ୍ର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ କରାଯାଉଛି। ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷାଦାନ ପାଇଁ କୋର୍ସରେ ଥିଲେ ମଧ ବିଦ୍ୟାଳୟକୁ ଏ ପର୍ଯ୍ୟନ୍ତ ଗୋଟିଏବି କମ୍ପ୍ୟୁଟର ସେଟ ପ୍ରଦାନ କରାଯାଇ ନାହିଁ। ଅପରପକ୍ଷେ କମ୍ପ୍ୟୁଟର ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର କମ୍ପ୍ୟୁଟର ସେଟ ନଥିବାରୁ ସମ୍ପୃକ୍ତ ଶିକ୍ଷକ ବସି ବସି ଘରକୁ ଯାଉଛନ୍ତି। ଜଳଯୋଗାଣର ବ୍ୟବସ୍ଥା ଥିଲେ ମଧ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଛାତ୍ରଛାତ୍ରମାନେ ପାଣି ପାଇପାରୁ ନାହାନ୍ତି। ସ୍କୁଲ ପରିସରରେ ଗୋଟିଏ ନଳକୂପ ସ୍ଥାପନ ପାଇଁ ଡମପଡ଼ା ବ୍ଲକ ବିଡିଓଙ୍କୁ ଅନୁରୋଧ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରୁନାହିଁ । ସ୍କୁଲ ଚାରିପାଖେ ପାଚେରୀ ନ ଥିବାରୁ ଅନେକ ସମୟରେ ଗୃହପାଳିତ ପଶୁପକ୍ଷୀ ସ୍କୁଲ ହତାରେ ପ୍ରବେଶ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ନିରାପତ୍ତାକୁ ନେଇ ପ୍ରଶ୍ନ ଉଠୁଛି। ବର୍ଷାଦିନରେ ସ୍କୁଲ ପରିସରରେ ପାଣି ଜମି ରହୁଥିବାରୁ ଶିକ୍ଷାଦାନରେ ବାଧା ଉପୁଜିଛି। ବିଦ୍ୟାଳୟର ଏସବୁ ସମସ୍ୟା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କଟକ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା କୁହନ୍ତି, ଏହି ଅଞ୍ଚଳରେରେ ଛାତ୍ରାବାସ ପାଇଁ ବ୍ୟବସ୍ଥା ନାହିଁ। ମାତ୍ର ବିଦ୍ୟାଳୟରେ ଥିବା ଅନ୍ୟାନ୍ୟ ସମସ୍ୟାକୁ ସମାଧାନ କରିବା ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।



ଭଜନ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଉଦ୍‌ଯାପିତ

**ଆଠଗଡ,୧୨।୭(ସ୍ୱ.ପ୍ର.)**

ଶ୍ରୀ ଗୁଣ୍ଡିଚାଯାତ୍ରାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ୩୮ତମ ରାଜ୍ୟସ୍ତରୀୟ ଭଜନ ଓ ପ୍ରବଚନ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସେବାସଂସ୍ଥା ଆନୁକୁଲ୍ୟରେ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ସଂସ୍ଥାର ଉପସଭାପତି ଜଗଦାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତା କରିଥିଲେ। ଶିଳ୍ପଦ୍ୟୋଗୀ ବ୍ରହ୍ମାନନ୍ଦ ମିଶ୍ର ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତଅତିଥି ଭାବେ ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଆଲୋକରଞ୍ଜନ ରାୟ ଓ ଅନ୍ୟତମ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସୁବାସ ରାଉତ ଯୋଗଦେଇଥିଲେ। ଜଗନ୍ନାଥ ସେବାସଂସ୍ଥା ଦୀର୍ଘ ୩୮ବର୍ଷ ଧରି ଏଭଳି ଭଜନ ଓ ପ୍ରବଚନ ଆୟୋଜନ କରି ଆଠଗଡରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ପାର୍ଥସାରଥି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସଂସ୍ଥାର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଭକ୍ତି ନୈବେଦ୍ୟ ଭଜନ ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସେହିପରି ଶୁକ୍ରବାର ଦିନ ୧୧ଟାରୁ ବାହୁଡା ପୂର୍ବରୁ ସେଠାରେ ଭଜନ ଆରମ୍ଭ ହୋଇଥିଲା। ଏହି ଅବସରରେ ସାଇ ସାର୍ଥକ ଦଳର ଆଲୋକ କୁମାର, ଉମେଶ କୁମାର, ରଚିତା, ଦୀପ୍ତିମୟୀ, ସମୀର ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ । ଜଗନ୍ନାଥ ସେବାସଂସ୍ଥାର କର୍ମକର୍ତ୍ତା ଓ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁନା ଦୋକାନରୁ ଲୁଟ୍ ଘଟଣା: ୨ ଗିରଫ

**କଟକ ଅଫିସ, ୧୨।୭**

**କାର୍, ସୁନା ଅଳଙ୍କାର, ୨ ମୋବାଇଲ ଜବତ**

ସୁନା ଦୋକାନରୁ ଅଳଙ୍କାର ଲୁଟ୍ ଘଟଣାରେ ମର୍କତନଗର ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଟୁନା ଦାସ(୩୦) ଏବଂ କେ. ଶ୍ୟାମସୁନ୍ଦର ରାଓ(୧୯)। ସେମାନଙ୍କଠାରୁ ୬.୫ ଗ୍ରାମ ଓଜନର ହଳେ ସୁନାକାନଫୁଲ, ଏକ କାର୍ (ଓଡି୦୭ଏସ୍-୧୮୮୮), ଦୁଇ ମୋବାଇଲ ସହ ୧୦୦୦ ଟଙ୍କା ଜବତ ହୋଇଛି। ତେବେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖ ରାତି ୯ଟାରେ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ଏକ ସୁନାଦୋକାନରୁ ଲୁଟ୍ ହୋଇଥିଲା। ତିନିଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦୋକାନ ଭିତରକୁ ପଶିବା ସହ ଅଳଙ୍କାର ଲୁଟ୍ କରିଥିଲେ। ଏ ନେଇ ଦୋକାନ ମାଲିକ ଗଣେଶ ଦାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୪/୧୯) ରୁଜୁ କରିଥିଲା। ଅଭିଯୁକ୍ତ ଦ୍ୱୟ ଗତ ଗୁରୁବାର ନରାଜ ବ୍ରିଜ ଅଞ୍ଚଳରେ ବୁଲୁଥିବାବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା କରିବାରୁ ସେମାନେ ଏହି ଲୁଟ୍ କରିଥିବା ମାନିଥିଲେ। ପରେ ପୋଲିସ ତାଙ୍କଠାରୁ ଉକ୍ତ ଅଳଙ୍କାର ଜବତ କରିଥିଲା।

## ଜାତିଆଣ ଆକ୍ଷେପ ଓ ମାଡ଼ ମାରିବା ଘଟଣାରେ ଯୁବକଙ୍କୁ କୋର୍ଟଚାଲାଣ

**ସାଲେପୁର, ୧୨।୭ (ଡ଼ି.ଏନ୍.ଏ.)**

ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ଭୀମଦାସପୁର ପଞ୍ଚାୟତ ଅନ୍ତର୍ଗତ ବୋଦସରା ଗ୍ରାମର ଜଣେ ଯୁବକଙ୍କୁ ଶୁକ୍ରବାର ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ପ୍ରଫୁଲ୍ଲ କୁମାର ସିଂହ (୩୫)। ସାଲେପୁର ଉପଖଣ୍ଡ ପୋଲିସ୍ ଅଧିକାରୀ ସୁରେଶ କୁମାର ଦାଶଙ୍କ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରମେଶ ଚନ୍ଦ୍ର ସାମଲଙ୍କୁ ପ୍ରଫୁଲ୍ଲ ଜାତିଆଣ ଆକ୍ଷେପ କରି ମାଡ଼ ମାରିଥିଲେ। ଏନେଇ ରମେଶ ଗତ ୧୦ତାରିଖରେ ଜପକୁଦ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ-୧୬୬/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତଦନ୍ତ ପରେ ପ୍ରଫୁଲ୍ଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ଚୋରି ସହ ଅନ୍ୟ କେତୋଟି ମାମଲା ରହିଛି ବୋଲି ଜପକୁଦ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ସୂଚନା ଦେଇଛନ୍ତି।

# ସରିଲା ନବଦିନ ଯାତ୍ରା: ଫେରିଲେ ଶ୍ରୀଜୀଉ



ସାଲେପୁର



ବାଙ୍କୀ



ନରସିଂହପୁରରେ ଆୟୋଜିତ ପାଇକ ଖେଳ।



ତିଗିରିଆ



ଆଠଗଡ଼ ଅଟାଳି ଦେବ

**ଆଠଗଡ/ବଡ଼ମ୍ବା/ ସାଲେପୁର/ ବାଙ୍କୀ/ ମାହାଙ୍ଗା/ ତିଗିରିଆ/ ନରସିଂହପୁର /ନିଶ୍ଚିନ୍ତକୋଇଲି, ୧୨।୭ (ସ୍ୱ.ପ୍ର./ଡି.ଏନ୍.ଏ)**

ଆଠଗଡର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଅଟ୍ଟାଳି ଜଗନ୍ନାଥଙ୍କର ବାହୁଡାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ଏହି ଯାତ୍ରାରେ ୨୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବଡ଼ମ୍ବା ସଦର ମହକୁମା ସହ ବିଭିନ୍ନ ସ୍ଥାନରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁଯାୟୀ ରାଜାସାହେବ ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ଛେରାପହଁରା କରିବା ପରେ ବଡ଼ମ୍ବାର ଜଗନ୍ନାଥଙ୍କ ରଥଟଣା ଯାଇଥିଲା। ସାଲେପୁରର ବେଲହୁଡ଼ା ଗୁଣ୍ଡିଚା ମନ୍ଦିରରୁ ଶ୍ରୀଜୀଉଙ୍କୁ ଭକ୍ତମାନେ ରଥରେ ଟାଣି ମା' ସାହେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ସେହିପରି ଶିଶୁଆ ବଜାରସ୍ଥିତ ମା' ବୁଢ଼ୀଜାଗୁଲାଇ ପୀଠରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। ବାଙ୍କୀର ମା'ଚର୍ଚ୍ଚିକା ପୀଠସ୍ଥିତ ଶ୍ରୀଜଗନ୍ନାଥଙ୍କ ନିକଟରେ ନୀତିକାନ୍ତି ଶେଷ ହେବାପରେ ରଥଟଣା ଆରମ୍ଭ ହୋଇଥିଲା। ମାହାଙ୍ଗା ବ୍ଲକର ଉମରସ୍ଥିତ ବଳଦେବଜୀଉଙ୍କ ପୀଠରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ଜହଳ-କଣ୍ଟିକିଆରି, ଅଲିଅରା, ମଣୀଯୋରୀ, ସିନ୍ଧୁପୁର, ଖନ୍ଦୋଳ ହନୁମାନଜୀଙ୍କ ପୀଠ, ମୂଳବସନ୍ତ, ଜୟପୁର, ସମସରପୁର, କୁସୁପୁର-ପଞ୍ଚବଟୀ, ଜଳେଶ୍ୱରପୁର, ଗୁଣ୍ଡୁପୁର- ବରୁଣେଇଠାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ତିଗିରିଆ ନିଜିଗଡ଼ ପ୍ରସନ୍ନମଣିଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଧୂପ ପରେ ଚତୁର୍ଦ୍ଧା ମୁରତିଙ୍କୁ ପହଣ୍ଡିରେ ନିଆଯାଇ ରଥାରୁଢ଼ କରାଯାଇଥିଲା। ସେଠାରେ ତିଗିରିଆ ରାଜା ରାଜାଶ୍ରୀ ବୀରପ୍ରତାପ କ୍ଷେତ୍ରୀୟ ବୀରବର ଚମୁପତି ସିଂମହାପାତ୍ର ଛେରା ପହଁରା କରିଥିଲେ। ନରସିଂହପୁରରେ ବାହୁଡାଯାତ୍ର ଉପଲକ୍ଷେ ରାଜ ପୁରୋହିତ ରଜନୀକାନ୍ତ ମିଶ୍ର ରଥ ନିକଟରେ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇ ଦୋଳବେଦି ଛକରେ ଅଟକି ଯାଇଛି। ଶନିବାର ପୁନର୍ବାର ସେଠାରୁ ରଥଟଣା ଯିବ ବୋଲି ସୂଚନା ମିଳିଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠରେ ଶ୍ରୀବଳଦେବଜୀଉ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ଦୁଇ ଚୋରା ବାଇକ୍ ଜବତ, ଜଣେ ଗିରଫ

ଫୁଲନଖରା,୧୨।୭(ଡି.ଏନ୍.ଏ.): ବାଇକ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୁରାଙ୍ଗଶାସନ ନଡ଼ିଆଗୁରୁଡି ଗ୍ରାମର ଶିଶିର କୁମାର ନାୟକ। ତାଙ୍କ ନିକଟରୁ ଦୁଇ ଚୋରା ବାଇକ୍ ଜବତ ହୋଇଛି। ସୂଚନା ଅନୁଯାୟୀ, କଟକ ସଦର ପୋଲିସ ପକ୍ଷରୁ ଗୁରୁବାର ବ୍ରାହ୍ମଣଝରିଲୋ ଛକରେ ଗାଡି ଯାଞ୍ଚ କରାଯାଉଥିଲା। ଏହି ସମୟରେ ଶିଶିର ଯାଉଥିବା ବେଳେ ପୋଲିସ ତାଙ୍କୁ ଗାଡିର କାଗଜପତ୍ର ମାଗିଥିଲେ। କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ବାଇକ୍‌କୁ ଜବତ କରିବାସହ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ବ୍ୟବହାର କରୁଥିବା ଗାଡି ଏକ ଚୋରା ଗାଡି ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ତାଙ୍କ ଘରକୁ ଯାଇ ଏକ ଚୋରା ବାଇକ୍ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୨୯୫/୧୯)ରୁଜୁ ହୋଇଛି।

### ଜିଲାପାଳ, ସିଏମ୍‌ସି କମିଶନର ଯୋବ୍ରା ଅଞ୍ଚଳ ବୁଲିଲେ

କଟକ ଅଫିସ,୧୨।୭: ଗୋପଦ ଅଭିଯାନରେ ଶୁକ୍ରବାର ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ ଯୋବ୍ରା ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ସେଠାରେ ନାଳ ନର୍ଦ୍ଦମାଗୁଡ଼ିକର ସଫେଇ କାର୍ଯ୍ୟ ଓ ମାଟିଆ ମଙ୍ଗଳା ଲେନ୍‌ଠାରେ ସରକାରୀ ଜାଗା ଠାବ କରିବା ସହିତ ଅନିଧିକାର ଭାବେ ଡ୍ରେନ ଓ ରାସ୍ତା ଅବରୋଧ ମୁକ୍ତ କରିବା ତଥା ଶ୍ରୀରାମ ହସ୍ପିଟାଲଠାରୁ ଯୋବ୍ରା ନୂଆସାହି ପର୍ଯ୍ୟନ୍ତ ଡ୍ରେନ ସଫେଇ ଏବଂ ପଙ୍କୋଦ୍ଧାର କାର୍ଯ୍ୟ ତୁରନ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ତ୍ତ ବିଭାଗ, ଜାଇକା, ଜନସ୍ୱାସ୍ଥ୍ୟ, ସେସୁ କର୍ତ୍ତୃପକ୍ଷ ସିଏମ୍‌ସି ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକଲେ ଗୋପଦ ଅଭିଯାନ ସଫଳ ହୋଇପାରିବ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

### ରଘୁନାଥଜୀଉ କଲେଜ ପରିସରରେ ଚାରା ରୋପଣ

କଟକ ଅଫିସ,୧୨।୭: ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନଏସ୍‌ଏସ୍) ପକ୍ଷରୁ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଶାସନିକ ସେବାର ପ୍ରାକ୍ତନ ଅଧିକାରୀ ନିହାର ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ନିହାର ରଞ୍ଜନ ରଥ ଓ ସୁଧାଧାରା ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ କୁମାର ଦାସ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମାଜ ସେବାରେ ନିଜକୁ ନିୟୋଜିତ କରିବା ପାଇଁ କହିଥିଲେ। ଡ. ମନୋରଞ୍ଜନ ମହାନ୍ତି, ବିକ୍ରମଦେବ ପଟ୍ଟନାୟକ, ଡ. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ସୁବ୍ରତ ବସ୍ତିଆଙ୍କ ସ୍ମୃତିସଭା

ନିଆଳି,୧୨।୭(ଡି.ଏନ୍.ଏ.): ସ୍ୱର୍ଗତ ସୁବ୍ରତ କୁମାର ବସ୍ତିଆଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ନିଆଳିସ୍ଥିତ ଚିତ୍ତରଞ୍ଜନ ସେବାସଦନ ସଭାଗୃହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବା ସଦନର ସମସ୍ତ କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ବସ୍ତିଆଙ୍କ ସ୍ମୃତିଚାରଣ କରିଥିଲେ। ନିର୍ଦ୍ଦେଶକ ଡା. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ବସ୍ତିଆଙ୍କ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ପରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ସମସ୍ତ ସଦସ୍ୟ ପ୍ରାର୍ଥନା କରିଥିଲେ। ସେ ଓଡ଼ିଶା ଫୁଟବଲ୍ ଆସୋସିଏଶନ୍‌ର କାଉନ୍‌ସିଲ୍ ସଭ୍ୟ, କଟକ ଜିଲା ଆଥଲେଟିକ୍ ଆସୋସିଏଶନ୍‌ର ସକ୍ରିୟ ସଦସ୍ୟ ଓ କଟକ ଜିଲା ବକ୍ସିଂ ଅସୋସିଏଶନ୍‌ର ମଧ ସେକ୍ରେଟାରୀ ଭାବେ କାର୍ଯ୍ୟ ତୁଲାଉଥିଲେ। ଶେଷରେ ସେବା ସଦନର ମ୍ୟାନେଜିଂ ଡାଇରେକ୍ଟର ସୌମ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବିରେ ପୋଡ଼ି ପାଉଁଶ ହୋଇଯାଇଛି କାଗଜପତ୍ର

# ରହସ୍ୟ ହୋଇ ରହିଯିବ ଭରତଙ୍କ ମୃତ୍ୟୁ ଘଟଣା

କଟକ ଅଫିସ, ୧୨।୭

ଚୌଦ୍ୱାର ଜେଲ୍‌ର ବିଚାରାଧୀନ କଏଦୀ ଭରତ ମଣ୍ଡଳ(୨୬)ଙ୍କ ଗତ ଏପ୍ରିଲ ୬ରେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ହେଲେ ଭରତଙ୍କୁ କି ରୋଗ ହୋଇଥିଲା। ଏସ୍‌ସିବି ମେଡିକାଲର କେଉଁସବୁ ବିଭାଗରେ ଭରତ ଚିକିତ୍ସିତ ହୋଇଛନ୍ତି ସେସବୁ ପ୍ରମାଣ ଆଉନାହିଁ। ଏପ୍ରିଲ ୯ରେ ଏସ୍‌ସିବି ରେକର୍ଡ ସେକ୍ସନରେ ଅଗ୍ନିକାଣ୍ଡ ଭରତଙ୍କ ଚିକିତ୍ସା ସମ୍ବନ୍ଧୀୟ କାଗଜପତ୍ର ସବୁ ପୋଡ଼ି ପାଉଁଶ ହୋଇଯାଇଛି। ଭରତଙ୍କ ମୃତ୍ୟୁକୁ ନେଇ ସଦର ଏସ୍‌ଡିଜେଏମ୍ କୋର୍ଟ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷଙ୍କୁ ମାଗିଥିଲେ। ଜେଲ୍ ଅଧୀକ୍ଷକ ପ୍ରଦୀପ୍ତ ବେହେରା ଏସ୍‌ସିବି ମେଡିକାଲକୁ ଭରତଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଚିଠି ମାଧ୍ୟମରେ ମାଗିଥିଲେ। ହେଲେ ଉତ୍ତରରେ ଏସ୍‌ସିବି ମେଡିକାଲ ପକ୍ଷରୁ ଏହି କଥା କୁହାଯାଇଛି। ଯାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ଉପୁଜିଛି। ପ୍ରକୃତପକ୍ଷେ ଭରତଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ପୋଡ଼ିଛି ନା ପୋଡ଼ି ଦିଆଯାଇଛି ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି।

ଏସ୍‌ସିବି ମେଡିକାଲର ଜଣେ କର୍ମଚାରୀଙ୍କ କହିବା ଅନୁଯାୟୀ, ଏହି କାଗଜପତ୍ର ଚୋରି ହୋଇଯାଇଥିବା ସନ୍ଦେହ କରାଯାଉଛି। ଯଦି ଚୋରି ହୋଇଥାଏ କିଏ ଚୋରି କଲା, କାହିଁକି ଚୋରି କଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ମାନବାଧିକାର କର୍ମୀମାନେ ମତ ଦେଇଛନ୍ତି। କାରଣ ପୋଲିସ ଭରତଙ୍କୁ ପିଟିପିଟି ମାରିଦେଇଥିବା ତାଙ୍କ ମା’ ଅଭିଯୋଗ କରିଥିଲେ। ଏବେ ଭରତଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ପୋଡ଼ିଯିବା ଘଟଣା ଅଭିଯୋଗକୁ ଅଧିକ ଶାଣିତ କରିଛି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତିଙ୍କ କହିବା ଅନୁଯାୟୀ, ରେକର୍ଡ ସେକ୍ସନରେ ବିଦ୍ୟୁତ୍ ଶର୍ଟସର୍କିଟ ଜନିତ ଅଗ୍ନିକାଣ୍ଡରେ ଅନେକ କାଗଜପତ୍ର ପୋଡ଼ିଯାଇଛି। ସେଥିରେ ଭରତଙ୍କ କାଗଜ ସାମିଲ ଥିବା ରେକର୍ଡ ସେକ୍ସନ ପକ୍ଷରୁ ସେହିଦିନ ପୋଲିସକୁ ଅବଗତ କରାଯାଇଥିଲା।

ପୋଲିସର କେସ୍ ରେକର୍ଡ ଅନୁଯାୟୀ, ପୁରୀଘାଟ ଥାନା ପୋଲିସ ମାର୍ଚ୍ଚ ୨୭ ରାତିରେ ଯାଞ୍ଚ କରିବାବେଳେ ଭରତଙ୍କଠାରୁ ବନ୍ଧୁକ, ଗୁଳି ଓ ଟଙ୍କା ଜବତ ହୋଇଥିଲା। ୨୮ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠା ଯାଇଥିଲା। ଚୌଦ୍ୱାର ଜେଲ ପକ୍ଷରୁ କୁହାଯାଇଥିଲା ଯେ, ମାର୍ଚ୍ଚ ୨୮ ଅପରାହ୍ନ ସାଢେ ୧ଟାରେ ପୋଲିସ ଭରତଙ୍କୁ ଜେଲକୁ ଆଣିଥିଲା। ତାଙ୍କର ନାମ ପଞ୍ଜୀକରଣ ପରେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା ସେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଜେଲରେ ଥିବା ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭରତଙ୍କ ଶରୀରର କେତେକ ସ୍ଥାନରେ କ୍ଷତ ଚିହ୍ନ ଥିଲା। ମାଜିଷ୍ଟ୍ରେଟଙ୍କ ପକ୍ଷରୁ ଜେଲ୍‌କୁ ପଠାଯାଇଥିବା ୱାରେଣ୍ଟରେ ଭରତଙ୍କ ଶରୀରରେ ଏହି ସବୁ କ୍ଷତ ଚିହ୍ନ ଥିବା ଦର୍ଶାଯାଇଥିଲା। ତେଣୁ ଭରତଙ୍କ ଉଚ୍ଚତର ଚିକିତ୍ସା ନିମନ୍ତେ ଏସ୍‌ସିବିକୁ ପଠାଯାଇଥିଲା।

ଭରତଙ୍କ ମା’ ରୁନାଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଭରତଙ୍କୁ ମାର୍ଚ୍ଚ ୨୪ରେ ଗିରଫ କରିଥିଲା। ତ୍ରିଶୁଳିଆ ଛକରେ ଥିବା ଏକ ସେଲୁନରେ ସେ ଚୁଟି କାଟୁଥିଲେ। ସେଠାରୁ ତାଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ୨୫ତାରିଖରେ ରୁନା ପୁରୀଘାଟ ଥାନାକୁ ଯାଇ ପୋଲିସକୁ ପଚାରିବାରୁ ସେମାନେ ତାଙ୍କ ପୁଅକୁ ଗିରଫ କରି ନ ଥିବା କହିଥିଲେ। ପରେ ତାଙ୍କୁ ସିଡିଏ ଫେଜ୍-୨ ଥାନାକୁ ଯାଇ ପଚାରିବାକୁ କେତେଜଣ ପୋଲିସ କର୍ମଚାରୀ ପରାମର୍ଶ ଦେଇଥିଲେ। ସେଠରେ ମଧ ସେମାନେ ତାଙ୍କ ପୁଅ ବିଷୟରେ ଜାଣି ନ ଥିବା କହିଥିଲେ। ପରେ ସେ ମଙ୍ଗଳାବାଗ, ବାଦାମବାଡି ଥାନାକୁ ଯାଇ ପଚାରିଥିଲେ ମଧ ସମାନ ଉତ୍ତର ମିଳିଥିଲା। ତାଙ୍କ ପୁଅଙ୍କୁ ପୋଲିସ ଗିରଫ କରି ମାନୁ ନ ଥିବା ନେଇ ରୁନା ମାର୍ଚ୍ଚ ୨୭ରେ ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। ଏହାର ପରଦିନ ଅର୍ଥାତ ମାର୍ଚ୍ଚ ୨୮ରେ ପୋଲିସ ଭରତଙ୍କୁ କୋର୍ଟରେ ହାଜର କରିଥିଲା। ପୋଲିସ ତାଙ୍କୁ ଥାନା ହାଜତରେ ଲୁହାରଡରେ ମାଡ ମାରିଥିବା ଭରତ କୋର୍ଟରେ ହାଜର ହେବା ସମୟରେ ତାଙ୍କ ମା’ଙ୍କୁ କହିଥିଲେ। ଏବେ ଏସ୍‌ଡିଜେଏମ୍ କୋର୍ଟଙ୍କ ପକ୍ଷରୁ ଭରତଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ମଗାଯିବା ପରେ ଏଭଳି ପରିସ୍ଥିତି ଉପୁଜିଛି।

## ଦେଶର ବିକାଶରେ ସାମିଲ ହୁଅନ୍ତୁ ଛାତ୍ର




କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରଦୂତ ବିଜୟ କେ. ନାମ୍ବିଆର ବକ୍ତବ୍ୟ ରଖୁଛନ୍ତି।

କଟକ ଅଫିସ,୧୨।୭

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍‌ପିଲାର ଅଫ ୱିଜଡମସ୍ଥିତ ଆନେକ୍ସ-୧ ଠାରେ ରେଭେନଶା ୟୁନିଭର୍ସିଟି ମଡେଲ ୟୁନାଇଟେଡ ନେଶନ(ଆରୟୁଏମୟୁଏନ)ର ୬ଷ୍ଠ ସଂସ୍କରଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଥିରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଜୟ କେ. ନାମ୍ବିଆର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଦେଶର ମୂଳଶକ୍ତି ଛାତ୍ର ତଥା ଯୁବକମାନଙ୍କ ଠାରେ ପୁଞ୍ଜୀଭୂତ। ଏମାନେ ଚାହିଁଲେ ଦେଶର ମୋଡ ବଦଳାଇ ପାରିବେ। ଦେଶର ବିକାଶରେ ଛାତ୍ରଶକ୍ତି ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହାଛଡ଼ା ଆତଙ୍କବାଦକୁ କଡ଼ା ଜବାବ ଦେବା ସମ୍ପର୍କରେ ମଧ ସେ କହିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଅସୀମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁଳସଚିବ ଅଶୋକ ଦାସ, ପ୍ରଫେସର ସଙ୍ଗୀତା ରଥ, ଅଭୟକାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ରାଜ୍ୟ ବାହାରର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୁରୁଣା ଜେଲ ପରିସରରେ ହେବ ମ୍ୟୁଜିୟମ

କଟକ ଅଫିସ,୧୨।୭

ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ବହନ କରୁଥିବା ପୁରୁଣା ଜେଲ୍‌ର ରକ୍ଷଣାବେକ୍ଷଣ ଏବଂ ଏହାର ପରିସରରେ ମ୍ୟୁଜିୟମ କରାଯିବ। ଏନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଇନ୍‌ଟାକ୍ ଏବଂ ସିଡିଏର ଅଧିକାରୀ ଓ ଯନ୍ତ୍ରୀମାନେ ମିଳିତଭାବେ ଏହି କାର୍ଯ୍ୟ ସମ୍ପାଦନ ଉପରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଇନଟାକ୍‌ର ରାଜ୍ୟ ନିର୍ଦ୍ଦେଶକ ମଲ୍ଲିକା ମିତ୍ର, ମ୍ୟୁଜିୟମର କାର୍ଯ୍ୟଧାରା ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ପୁରୁଣା ଜେଲ୍ ପରିସରରେ ପାର୍କିଂ ପାଇଁ ଅଧିକ ସ୍ଥାନର ବ୍ୟବସ୍ଥା କରିବା ସହ ଆବଶ୍ୟକ ଜାଗାର ବର୍ତ୍ତମାନ ସ୍ଥିତିର ଆକଳନ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧରେ ସିଡିଏର ସଚିବ ମନୋରଞ୍ଜନ ମହାପାତ୍ର, ଯନ୍ତ୍ରୀ ରମେଶ ମହାନ୍ତି, ଇନ୍‌ଟାକ୍‌ର ଆବାହକ ଅମୀୟ ଭୂଷଣ ତ୍ରିପାଠୀ, ତୁଷାରକାନ୍ତ ଘୋଷ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ଓ ସିଡିଏ ଭୂଅର୍ଜନ ଅଧିକାରୀ ସରୋଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ସୁନା ଦୋକାନରୁ ଲୁଟ୍ ଘଟଣା: ୨ ଗିରଫ

କଟକ ଅଫିସ, ୧୨।୭



ଗିରଫ ଦୁଇ ଅଭିଯୁକ୍ତ।






ଜବତ ହୋଇଥିବା ଟଙ୍କା, ମୋବାଇଲ ଫୋନ ଓ କାର।

ସୁନା ଦୋକାନରୁ ଅଳଙ୍କାର ଲୁଟ୍ ଘଟଣାରେ ମର୍କତନଗର ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଟୁନା ଦାସ(୩୦) ଏବଂ କେ. ଶ୍ୟାମସୁନ୍ଦର ରାଓ(୧୯)। ସେମାନଙ୍କଠାରୁ ୬.୫ ଗ୍ରାମ ଓଜନର ହଳେ ସୁନାକାନଫୁଲ, ଏକ କାର୍ (ଓଡି୦୭ଏସ୍-୧୮୮୮), ଦୁଇ ମୋବାଇଲ ସହ ୧୦୦୦ ଟଙ୍କା ଜବତ ହୋଇଛି। ତେବେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢାଉ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖ ରାତି ୯ଟାରେ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ଏକ ସୁନାଦୋକାନରୁ ଲୁଟ୍ ହୋଇଥିଲା। ତିନିଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦୋକାନ ଭିତରକୁ ପଶିବା ସହ ଅଳଙ୍କାର ଲୁଟ୍ କରିଥିଲେ। ଏ ନେଇ ଦୋକାନ ମାଲିକ ଗଣେଶ ଦାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୪/୧୯) ରୁଜୁ କରିଥିଲା। ଅଭିଯୁକ୍ତ ଦ୍ୱୟ ଗତ ଗୁରୁବାର ନରାଜ ବ୍ରିଜ ଅଞ୍ଚଳରେ ବୁଲୁଥିବାବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା କରିବାରୁ ସେମାନେ ଏହି ଲୁଟ୍ କରିଥିବା ମାନିଥିଲେ। ପରେ ପୋଲିସ ତାଙ୍କଠାରୁ ଉକ୍ତ ଅଳଙ୍କାର ଜବତ କରିଥିଲା।

## ଜମିବାଡ଼ି ବିବାଦକୁ ନେଇ ଅପହରଣ, ଅଭିଯୁକ୍ତ ଗିରଫ

କଟକ ଅଫିସ,୧୨।୭

ଜମିବାଡି ବିବାଦକୁ ନେଇ ଅପହରଣ କରିବା ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ଥାନା ଅନ୍ତର୍ଗତ ଓଏମ୍‌ପି ଅଞ୍ଚଳର ମାଧବାନନ୍ଦ ବାହୁବଳେନ୍ଦ୍ର(୩୪)। ପୋଲିସ ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳରେ ରହୁଥିବା ଅଜୟ କୁମାର ନାୟକଙ୍କ ଏକ ଜମିକୁ ନେଇ ମାଧବାନନ୍ଦଙ୍କୁ ସହ ବିବାଦ ଥିଲା। ଏହାକୁ କେନ୍ଦ୍ରକରି ଗୁରୁବାର ସକାଳେ ମାଧବାନନ୍ଦ ଅଜୟଙ୍କ ପାଖକୁ ଆସିଥିଲେ। ଅଜୟଙ୍କୁ ତାଙ୍କ ସହ ଯିବାକୁ କହିଥିଲେ। ହେଲେ ଅଜୟ ବିରୋଧ କରିବାରୁ ମାଧବାନନ୍ଦ ଏବଂ ତାଙ୍କର ସହଯୋଗୀମାନେ ତାଙ୍କୁ ଉଠାଇ ନେଇଥିଲେ। ଅଜୟଙ୍କୁ ନେଇ ଓଏମ୍‌ପି ଅଞ୍ଚଳରେ ଥିବା ଏକ ନିର୍ମାଣଧୀନ କୋଠାରେ ରଖିଥିଲେ। ପରେ ତାଙ୍କୁ ମାଡ ମାରି ସେଠାରେ ଛାଡି ଦେଇଥିଲେ। ସେଠାରୁ ଆସିବା ପରେ ଅଜୟ ଏ ନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ, ପୋଲିସ ଆଇପିସି ଦଫା ୩୬୪ରେ ନଂ. ୨୧୦/୧୯ରେ ମାମଲା ରୁଜୁ କରିବା ସହ ତଦନ୍ତ କରି ମାଧବାନନ୍ଦଙ୍କୁ ଗିରଫ କରିଥିଲା।

## ଜିଲା ପରିଷଦ ସଭ୍ୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

କଟକ ସଦର,୧୨।୭(ଡି.ଏନ୍.ଏ.)

କଟକ ଜିଲା ପରିଷଦ ଜୋନ ୭ର ସଭ୍ୟ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ବିୟୋଗରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ବିଭୂତିଭୂଷଣ ପରିଡା, ସରପଞ୍ଚ ସୁବାସ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ଚିତ୍ତରଞ୍ଜନ ବେହେରା, ମନୋରଞ୍ଜନ ଦାସ, ସମର ବେହେରା, କବିତା ଦାସ, ରଞ୍ଜିତା ବେହେରା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସ୍ୱର୍ଗତ ସାମଲଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଅନୁପସ୍ଥିତିରେ ତାଙ୍କର ଶୋକବାର୍ତ୍ତା ପାଠ କରାଯାଇଥିଲା।




କଟକ ନେତାଜୀ ସେତୁ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚାରା ରୋପଣ କରାଯାଇଥିଲା।

## ପୋଲିସର ହସ୍ତକ୍ଷେପ ଲୋଡ଼ିଲେ ବୁଦ୍ଧିଜୀବୀ

କଟକ ସଦର,୧୨।୭(ଡି.ଏନ୍.ଏ.)

### ମନ୍ଦିର ବିବାହରେ ଶୋଭାଯାତ୍ରାକୁ ନେଇ ବିବାଦ

କମିଶନରେଟ ପୋଲିସ ବ୍ୟବସ୍ଥାରେ ବିବାହ ବେଳେ ବର ଶୋଭାଯାତ୍ରା ପାଇଁ ଡିସିପିଙ୍କ ଅନୁମତି ଆଣିବାକୁ ପଡିଥାଏ। କଟକ ସଦର ଓ କନ୍ଦରପୁର ଥାନା ଅଞ୍ଚଳର ଲୋକମାନଙ୍କ ବର ଶୋଭାଯାତ୍ରା ପାଇଁ କଟକସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟରୁ ଅନୁମତି ଆଣିବାକୁ ପଡିଥାଏ। କିନ୍ତୁ ମନ୍ଦିର ବିବାହରେ ବରପକ୍ଷଙ୍କୁ ପୋଲିସର ଅନୁମତି ଆଣିବାକୁ ପଡୁନାହିଁ। ଏହି ବିବାହ ବେଳେ ବର ଶୋଭାଯାତ୍ରା ବାହାରୁଥିବାରୁ ରାସ୍ତା ଅବରୋଧ ହେଉଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ବିବାହରେ ବର ଶୋଭାଯାତ୍ରାକୁ କମିଶନରେଟ ପୋଲିସ ନିୟନ୍ତ୍ରଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ମନ୍ଦିର ବିବାହରେ ବର ଶୋଭାଯାତ୍ରା ସହ ବାଣ ଫୁଟାଇ ଆସୁଛନ୍ତି। ଫଳରେ ସ୍ଥାନୀୟ ଥାନା ବର ଶୋଭାଯାତ୍ରା ସମ୍ପର୍କରେ ଜାଣିପାରୁ ନ ଥିବା ଧରିଣା ଗ୍ରାମର ବୁଦ୍ଧିଆ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ବଟକ ଡିସିପି ଏଥିପ୍ରତି ଦୃଷ୍ଟିଦେବାକୁ ବହୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

# ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି: ଆଜି ସୁନାବେଶ

କଟକ ଅଫିସ/ଫୁଲନଖରା/ନିଆଳି/ଚୌଦ୍ୱାର/ଖୁଣ୍ଟୁଣୀ,୧୨।୭(ଡି.ଏନ୍.ଏ.):



ଦୋଳମୁଣ୍ଡାଇ ରଥ ଟଣା ସମୟରେ ଭକ୍ତଙ୍କ ଗହଳି।



ଚାନ୍ଦିନୀଚୌକରେ ମା’ ସୁଭଦ୍ରାଙ୍କ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

କଟକ ସହରର ସମସ୍ତ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ତିନି ରଥରେ ଶ୍ରୀଜୀଉ ମନ୍ଦିରକୁ ବାହୁଡିଛନ୍ତି। ଜିଲା ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଓ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ବାହୁଡା ଯାତ୍ରା ସମୟରେ ଲକ୍ଷ୍ମୀନାରାୟଣ ଭେଟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିବା ଜଣାପଡିଛି। ତେବେ ରଥ ଉପରେ ଶନିବାର ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି। ଏଥି ନିମନ୍ତେ ସୁରକ୍ଷା ବ୍ୟବସ୍ଥା ବ୍ୟାପକ କରାଯାଇଛି।

ଗୁଣ୍ଡିଚା ମନ୍ଦିରଗୁଡିକରେ ବାହୁଡା ଯାତ୍ରା ନିମନ୍ତେ ଭୋରରୁ ସମସ୍ତ ରୀତିନୀତି ଆରମ୍ଭ କରାଯାଇଥିଲା। ଭୋର ୪ଟାରେ ହୋଇଥିଲା ମଙ୍ଗଳ ଆରତୀ। ପରେ ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ ନୀତି ଶେଷ କରାଯାଇ ୫ଟା ବେଳକୁ ସୂର୍ଯ୍ୟପୂଜା ହୋଇଥିଲା। ଦ୍ୱାରପାଳ ପୂଜା ଶେଷ କରାଯିବା ପରେ ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା। ଗୋପାଳବଲ୍ଲଭ, ସେନାପଟା ଲାଗି ପରେ ରଥ ଶୋଧନ ହୋଇଥିଲା। ପ୍ରାୟ ସକାଳ ୮ଟାରେ ଆଜ୍ଞାମାଳ ପହଞ୍ଚିଥିଲା। ଖେଚୁଡି ଭୋଗ ସରିବା ପରେ ମଙ୍ଗଳାର୍ପଣ କରାଯାଇ ବାହୁଡା ଯାତ୍ରା ନିମନ୍ତେ ଆରମ୍ଭ ହୋଇଥିଲା ପ୍ରସ୍ତୁତି ପର୍ବ। ଟାହିଆ ଲାଗି, ପନ୍ତି ଭୋଗ କରାଯାଇ ଦିନ ୧୨ଟା ସୁଦ୍ଧା ସମସ୍ତ ଜଗନ୍ନାଥ ମନ୍ଦିରରେ ବାହୁଡା ପହଣ୍ଡି କରାଯାଇଥିଲା। ଚିତାଲାଗି, ଛେରାପହଁରା, ଚାରମାଳ ଫିଟାଇବା ସହ ଘୋଡା ଲାଗିଯିବା ପରେ ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସମୟରେ ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା। ୭ଟା ସୁଦ୍ଧା ସହରର ସମସ୍ତ ରଥ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଯାଇଥିବା ଜଣାପଡ଼ିଛି। ଶନିବାର ସୁନାବେଶ ନିମନ୍ତେ ସମସ୍ତ ପ୍ରସ୍ତୁତି ଚାଲିଛି ବୋଲି କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ କହିଛନ୍ତି। ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟସ୍ଥିତ ଶ୍ରୀ ବଳଦେବ ଜୀଉ ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ଖପୁରିଆସ୍ଥିତ ଶ୍ରୀ ଜୟ ଜଗନ୍ନାଥ କଲୋନୀ ଜଗନ୍ନାଥ ମନ୍ଦିର, ମହାନଦୀ ବିହାର ଜଗନ୍ନାଥ ମନ୍ଦିର, ପୁରୁଣା ଏଲଆଇସି କଲୋନୀ ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି।

କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମର ଜଗନ୍ନାଥ ମନ୍ଦିର ପକ୍ଷରୁ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତେଲଙ୍ଗାପେଣ୍ଠସ୍ଥିତ ହିମାଂଶୁ ଶେଖର ମହାପାତ୍ରଙ୍କ ମାଉସୀମା ଘରେ ମହାପ୍ରଭୁ ୯ଦିନ ରହିବା ପରେ ମନ୍ଦିରକୁ ବାହୁଡିଥିଲେ। ସମସ୍ତ ନୀତି ଶେଷ ହେବା ପରେ ସାଢେ ୫ଟା ରେ ପହଣ୍ଡି କରି ଜଗନ୍ନାଥଙ୍କୁ ରଥାରୂଢ କରାଯାଇଥିଲା। ରାଜା ବ୍ରଜବନ୍ଧୁ ଶତପଥୀ ଛେରାପହଁରା କରିସାରିବା ପରେ ରଥଟଣା ୬ଟା ରେ ଆରମ୍ଭ ହୋଇଥିଲା। ଅନାମ ଚରଣ ନାୟକ, ଭରତ ଚନ୍ଦ୍ର ଭୂୟାଁ ପ୍ରମୁଖ ରଥଟଣା କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ନଡ଼ିଆଗୁରୁଡ଼ି, ପ୍ରତାପନଗରୀ, ତେଲଙ୍ଗାପେଣ୍ଠ, ଉରାଳି, ଅଡାଳିଆ, ନୂଆ କାଚରାମାଳ, ଓମଫେଡ କଲୋନୀ, ପୁରୁଣା କାଚରାମାଳ, ମହିଧରପଡ଼ା ପ୍ରମୁଖ ସ୍ଥାନରେ ଶାନ୍ତି ଶୃଙ୍ଖଳା ସହ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ।

ସେହିପରି ନିଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ନିଆଳି, ନୂଆଗାଁ, ମଝିଖଣ୍ଡ, ଏକବେରୁଆଁ ପହଙ୍ଗା, ସିଠାଳୋ, କସର୍ଦା, ପାଟେଳି, କୃଷ୍ଣପ୍ରସାଦ, ଶଳେଇ, ପୋଖରୀଗାଁରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ପାଳିତ ହୋଇଥିଲା।

ଚୌଦ୍ୱାର ପୌରାଞ୍ଚଳ ଏବଂ ଏହାର ଆଖପାଖ ଗ୍ରାମାଞ୍ଚଳରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ୧୦ନଂ. ୱାର୍ଡ ଅନ୍ତର୍ଗତ ହାଉସିଂବୋର୍ଡସ୍ଥିତ ମାଉସୀ ମା’ ମନ୍ଦିରରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ପରେ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ରଥରେ ଛେରାପହଁରା କରିଥିଲେ। ପରେ ବହୁ ଭକ୍ତ ରଥ ଟାଣି ଜଗନ୍ନାଥ ମନ୍ଦିରକୁ ନେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ନେତୃତ୍ୱରେ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ।

ଖୁଣ୍ଟୁଣୀରେ ପ୍ରାତଃରୁ ସମସ୍ତ ନୀତିକାନ୍ତି ସରିବା ପରେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ଠାକୁରଙ୍କ ପୁରୋହିତ ସର୍ବେଶ୍ୱର ନନ୍ଦ ଛେରାପହଁରା କରିଥିଲେ। ୫ଟା ରେ ତିନି ଠାକୁରଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା। ଏହା ପରେ ଭକ୍ତମାନେ ଟଥକୁ ଟାଣି ଆଣି ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମବାସୀ ଓ ଜଗନ୍ନାଥ ଯୁବ ପରିଷଦର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ଗୋଷ୍ଠୀ ଋଣ ଆଦାୟ ନେଇ ଗଣ୍ଡଗୋଳ
### ମହିଳାଙ୍କୁ ମାଡ଼ ଅଭିଯୋଗ

**ନିରାକାରପୁର, ୧୨।୭ (ଡି.ଏନ୍.ଏ)-** ଖୋର୍ଦ୍ଧା ଜିଲା କମାଗୁରୁ ପଞ୍ଚାୟତସ୍ଥ ଦୁଧିଆଝର ଗ୍ରାମରେ ଗୋଷ୍ଠୀ ଋଣ କିସ୍ତି ଆଦାୟକୁ ନେଇ ଶୁକ୍ରବାର ଗଣ୍ଡଗୋଳ ହୋଇଛି। ଉକ୍ତ ଘଟଣାରେ ଗୌରୀ ରାଉତରାୟ ନାମ୍ନୀ ଜଣେ ମହିଳାଙ୍କୁ ମାଡ଼ ମରାଯାଇଥିବା ନେଇ ସିକୋ ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗୋଷ୍ଠୀ ଋଣ ଆଦାୟ ପାଇଁ ଯାଇଥିବା ଗୌରୀ ଉକ୍ତ ଗ୍ରାମର କେତେଜଣ ଋଣ ନେଇଥିବା ଲୋକଙ୍କୁ କିସ୍ତି ଟଙ୍କା ମାଗିବାରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଲୋକେ ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ନେଇ ଗୌରୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଗ୍ରାମକୁ ଆସି ତଦନ୍ତ କରିଥିବା ସୂଚନା ମିଳିଛି।

### ଜଗନ୍ନାଥ ପ୍ରତିଭା ପୂଜା ସମିତି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**ବେଗୁନିଆ,୧୨।୭(ଡି.ଏନ.ଏ.):** ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ବଉଳ ଛକ ନିକଟରେ ଜଗନ୍ନାଥ ପ୍ରତିଭା ପୂଜା କମିଟି ପକ୍ଷରୁ ୫ମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଞ୍ଚଳର ୩ ଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ଆୟୋଜକ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଯ୍ୟାମୀ ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ପୂର୍ବତନ ଶିକ୍ଷକ ଲିଙ୍ଗରାଜ ରଣସିଂ ମୁଖ୍ୟଅତିଥି ଭାବେ ଏବଂ ସାମାଜିକ କର୍ମୀ ବାହାଦୁର ଖାଁ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସୁରେଶ କୁମାର ସାହୁ, ସମିତିସଭ୍ୟ ଦେବେନ୍ଦ୍ର ରଣସିଂହ, ଡମ୍ବରୁଧର ରଣସିଂହ. ଯୋଗେଶ୍ୱର ଛୋଟରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସନାତନ ମାଝି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେଣୁଧର ଭୁଜବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସ୍ଥାନୀୟ ଅଞ୍ଚଳରେ କବି ଭାବେ ଦାଶରଥି ମିଶ୍ର, ସଙ୍କୀର୍ତ୍ତନ ଗାୟକ ଭାବେ ମହେଶ୍ୱର ମୁଦୁଲି ଏବଂ ରାମଲୀଳା ଗାୟକ ଭାବେ ଦୁର୍ଗାଚରଣ ଅଧିକାରୀଙ୍କୁ ପ୍ରତିଭା ପୂଜା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାଇକ୍‌ରୁ ପଡ଼ି ଚାଳକ ଆହତ

**ସାଲେପୁର,୧୨।୭ (ଡ଼ି.ଏନ୍.ଏ):** ସାଲେପୁର ଥାନା ଅଧୀନ ଶିଶୁଆ ଜପକୁଦ ରାସ୍ତାର କଲ୍ୟାଣପୁରର କଣ୍ଟିକୁଳଠାରେ ବାଇକ୍‌ରୁ ପଡି ଚାଳକ ଆହତ ହୋଇଛନ୍ତି। ସେ ହେଲେଏହି ଥାନା ଅନ୍ତର୍ଗତ ଶିଶୁଆ ଗ୍ରାମର ଜୟନ୍ତ ସାହୁ (୨୦)।

## ■ ଚାଷୀଙ୍କୁ ଦେଲେନି, ବାହାରେ ଫୋପାଡ଼ିଲେ ହଜାରରୁ ଊର୍ଦ୍ଧ୍ୱ କୀଟନାଶକ ବୋତଲ
# ପ୍ରଭାବରେ କୂଅ, ପୋଖରୀ ପାଣି ବିଷାକ୍ତ

**ଜଟଣୀ,୧୨।୭(ଡି.ଏନ.ଏ.)**

ଫସଲକୁ ରୋଗପୋକରୁ ରକ୍ଷାକରିବାକୁ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ କୀଟନାଶକ ସରକାରୀ ଭାବେ ଯୋଗାଇବାର ନିୟମ ରହିଛି। ହେଲେ ଦାୟିତ୍ୱରେ ଥିବା କର୍ମଚାରୀ କୀଟନାଶକ ଯୋଗାଉ ନ ଥିବା ଅନେକ ସମୟରେ ଅଭିଯୋଗ ହେଉଛି। ଜଟଣୀରେ ମାର୍କଫେଡ୍‌ର ଥିବା ଗୋଦାମରେ ମହଜୁଦ ଥିବା ହଜାର ହଜାର ବୋତଲ କୀଟନାଶକକୁ ଫୋପଡା ଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜନବସତିକୁ ପ୍ରଭାବିତ କଲା ଭଳି ସ୍ଥାନରେ ଏଗୁଡିକୁ ଫୋପଡା ଯିବା ସହ ପୋତାଯିବା ଦ୍ୱାରା ଜଟଣୀ ମ୍ୟୁନିସିପାଲିଟି ୧୧ ନଂ. ୱାର୍ଡର ଅନେକ ପରିବାର ଦୁଇଦିନ ହେବ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଗୁଡିକ ବର୍ଷା ପାଣିରେ ମାଟିରେ ଭେଦି କୂଅ, ପୋଖରୀ ଓ ନଳକୂପ ପାଣିକୁ ବିଷାକ୍ତ କରିଦେଇଛି। ପାଣିରୁ ଉତ୍କଟ ଗନ୍ଧ ବାହାରୁଛି। ଏହି ୱାର୍ଡ ବାସିନ୍ଦା ପ୍ରଥମେ ଜାଣି ନ ପାରି ପାଣି ବ୍ୟବହାର କରିବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି।

କୀଟନାଶକକୁ ମାର୍କଫେଡ୍ ପକ୍ଷରୁ ଜନବସତିଠାରୁ ଦୂରରେ ତଥା ଲୋକେ ପ୍ରଭାବିତ ନ ହେବା ଭଳି ସ୍ଥାନରେ ପକାଇବାକୁ ନିୟମ ରହିଛି। ହେଲେ କର୍ମଚାରୀମାନେ ବେପରୁଆ ଭାବେ କୀଟନାଶକ ପକାଇବାକୁ ୱାର୍ଡ ବାସିନ୍ଦା ନାପସନ୍ଦ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଫୋପଡା ଓ ପୋତାଯାଇଥିବା ସ୍ଥାନକୁ ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଓ ଅନ୍ୟ କର୍ମଚାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଫୋପଡା ଯାଇଥିବା କୀଟନାଶକଗୁଡିକୁ ଜନବସତିଠାରୁ ଦୂରରେ ତଥା କେହି ପ୍ରଭାବିତ ନ ହେବା ସ୍ଥାନକୁ ଉଠାଇ ନେବାକୁ ନିର୍ବାହୀ ଅଧିକାରୀ ମହାପାତ୍ର ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ କହିଛନ୍ତି। ଏଥିସହ ବିଭାଗର ପଦସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ କାଉନ୍‌ସିଲର ସୌମେନ୍ଦ୍ର ପଟ୍ଟନାୟକଙ୍କ ସମେତ ପ୍ରଭାବିତ

### ବ୍ୟାପିଲା ବିଭିନ୍ନ ରୋଗ



କୀଟନାଶକକୁ ପାଣିରେ ପକାଯାଇଛି ।

ଅନେକ ୱାର୍ଡ ବାସିନ୍ଦା ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ମାର୍କଫେଡ୍‌ର ଏପରି କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରତିବାଦ କରିଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଶରତ ଚନ୍ଦ୍ର ବେହେରା, ଏନ୍. ତ୍ରିନାଥ ରେଡ୍ଡୀ, କ୍ରିଷ୍ଣା ପ୍ରଧାନ ପ୍ରମୁଖ କୁହନ୍ତି, ଏହି ପାଣି ବ୍ୟବହାର କରିବା ପରେ ଝାଡାବାନ୍ତି ହେବା ସହ ଚର୍ମ ରୋଗରେ ଅନେକ ଆକ୍ରାନ୍ତ ହେଲେଣି। ସେମାନେ ରହୁଥିବା ସାହି ସମେତ ଧୀରେ ଧୀରେ ପାଖ ଅଞ୍ଚଳକୁ ଏହା ବ୍ୟାପିବାରେ ଲାଗିଲାଣି। ନିକଟରେ ଥିବା ଚାଷଜମିକୁ ମଧ୍ୟ ଏହା କ୍ଷତି ପହଞ୍ଚାଇବା ଆଶଙ୍କା ଦେଖାଗଲାଣି ବୋଲି ସେମାନେ କହିଛନ୍ତି। ଜଟଣୀସ୍ଥିତ ମାର୍କଫେଡ୍‌ର ଅଧିକାରୀ କେଦାର ଚରଣ ସ୍ୱାଇଁ କୁହନ୍ତି, ଅବଧି ସରିଯାଇଥିବା ୪୦ ବର୍ଷରୁ ଅଧିକ ହେବ ଏହି କୀଟନାଶକ ଏଠାରେ ଏକ ଘରେ ମହଜୁଦ୍ ହୋଇ ରହିଥିଲା। ବାତ୍ୟା ଫନୀରେ ଏହି ଘରର ଆଜବେଷ୍ଟସ୍ ଭାଙ୍ଗି ଯାଇ ପାଣି ପଶି ଯାଇଥିଲା। ଫଳରେ ନିକଟରେ ଥିବା ଖାଲକୁ ଏଗୁଡ଼ିକ ଭାସି ଯାଇଥିଲା। ଯେପରି ଏଥିରେ କେହି ଲୋକ ପ୍ରଭାବିତ ନ ହେବେ ସେଥିପାଇଁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି। ତେବେ ମାର୍କଫେଡ୍ ପକ୍ଷରୁ ଜାଣତରେ ଏଠାରେ ଏହି କୀଟନାଶକଗୁଡିକ ଫୋପଡା ଯାଇଥିବା ପ୍ରଭାବିତ ୧୧ ନଂ. ୱାର୍ଡବାସିନ୍ଦା କହିଛନ୍ତି। କୀଟନାଶକ ଯୋଗୁ କୂଅ, ପୋଖରୀ ଏବଂ ନଳକୂପ ପାଣି ବ୍ୟବହାର ଅନୁପଯୋଗୀ ହୋଇଥିବା ଅଞ୍ଚଳରେ ମ୍ୟୁନିସିପାଲିଟି ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ମାର୍କଫେଡ୍‌ର ଏପରି କାର୍ଯ୍ୟକୁ ବିରୋଧ କରି ଛାତ୍ର କଂଗ୍ରେସ ପକ୍ଷରୁ ସମ୍ବିତ ମଙ୍ଗରାଜଙ୍କ ନେତୃତ୍ୱରେ ଜଟଣୀ ମୁଖ୍ୟରାସ୍ତାର ବ୍ଲକ ଅଫିସ ଛକ ନିକଟରେ ଅପରାହ୍ଣରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା।

### ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ଆନ୍ଦୋଳନ
## ପ୍ରତିଶ୍ରୁତି ପରେ ଘୁଞ୍ଚିଲା

**ଜଟଣୀ,୧୨।୭(ଡି.ଏନ.ଏ.):** ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀଙ୍କ ସଂଘ ଡାକରା ଦେଇଥିବା ଆନ୍ଦୋଳନକୁ ଏକମାସ ଘୁଞ୍ଚାଇ ଦେଇଛି। ଅବସରଗ୍ରହଣର ଦୀର୍ଘବର୍ଷ ପରେ ସେମାନଙ୍କୁ ପୂର୍ଣ୍ଣ ପେନ୍‌ସନ ଓ ବକେୟା ପ୍ରାପ୍ୟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପ୍ରଦାନ କରୁ ନ ଥିବାରୁ ପ୍ରତିବାଦରେ ଏକବର୍ଷ ହେବ ଏହି ଅବସରପ୍ରାପ୍ତ କର୍ମଚାରୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି। ପୁନଃ ୧୨ତାରିଖରେ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଧାରଣା ଦେବା ସହ ଆତ୍ମାହୁତି ଦେବାକୁ ସଂଘ ପକ୍ଷରୁ ଲିଖିତ ଭାବେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ତା' ପୂର୍ବରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସଂଘର କର୍ମକର୍ତ୍ତାଙ୍କୁ ଡକାଇ ଆଲୋଚନା କରିଛନ୍ତି। ସମସ୍ତ ଦାବି ଶୀଘ୍ର ପୂରଣ କରିବାକୁ ପ୍ରକ୍ରିୟା ଚାଲିଥିବା ଓ ଏହାକୁ ସମ୍ପୂର୍ଣ୍ଣ କରି ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ଆଲୋଚନା ସମୟରେ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ଏକମାସ ମଧ୍ୟରେ ଦାବିପୂରଣ ନ ହେଲେ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଏହାର ସଭାପତି ସୁବ୍ରତ କୁମାର ନନ୍ଦ, ଉପସଭାପତି ସୁବାସ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ସରୋଜ ରାୟ କହିଛନ୍ତି।

## ■ ୱାର୍କ ଅର୍ଡର ପରେ ଚାଲିଲା ମନମାନି
# ୱାଇ ଫର୍ମର ଅପବ୍ୟବହାର କରି ଲୁଟ୍

**ଖୋର୍ଦ୍ଧା ଅଫିସ,୧୨।୭**

ୱାର୍କ ଅର୍ଡର ପାଇଲା ପରେ କ୍ୱାରି ୱାର୍କ ଅର୍ଡରଧାରୀ ଓ କ୍ରଶର ମାଲିକ ୱାଇ ଫର୍ମର ଅପବ୍ୟବହାର କରି ଲୁଟ୍ କରୁଥିବାର ଅଭିଯୋଗ ହେଉଛି। ଚୋରି ଧରିବାକୁ ପ୍ରଶାସନର ଯାଞ୍ଚ ନ ଥିବାରୁ ନିଲାମ ଦେଇ ସରକାର ରାଜସ୍ୱ ହରାଉଛନ୍ତି। ସେପଟେ ୱାର୍କ ଅର୍ଡର ଧାରି ଓ କ୍ରଶର ମାଲିକ ଲାଭବାନ ହେଉଛନ୍ତି। ମାସକୁ ୧୫୦ ଟ୍ରିପ ଚିଫ୍‌ସ ପଥର ବିକ୍ରି କରିବାର ୱାଇ ଫର୍ମ ୱାର୍କ ଅର୍ଡରଧାରୀ ପାଇଥିବାବେଳେ ୪୦୦ରୁ ୫୦୦ ଟ୍ରିପ ଚିଫସ୍ ପଥର ବିକ୍ରି କରୁଥିବା ଜଣାପଡିଛି। ଅପରପକ୍ଷେ ଗୋଟିଏ ଗୋଟିଏ ମେଗା କ୍ରଶରରେ ୧ ହଜାର ଟ୍ରିପ ପଥର, ଚିଫସ୍, ବଜୁରି ମହଜୁଦ୍ ରଖିବା ଚୋରିକୁ ପଦାରେ ପକାଇଛି। କାରଣ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଚଢ଼ାଉ ପରେ ବେଆଇନ ଖଣି ଖନନ ବନ୍ଦ ରହିଛି। ଅଧିକ ପଥର ମହଜୁଦ୍ ରଖିବା ସମ୍ଭବ ନୁହେଁ। ସେହିଭଳି ଛୋଟ କ୍ରଶର ପଥର ପାଉ ନ ଥିବାବେଳେ ମେଗା କ୍ରଶରକୁ ୱାର୍କ ଅର୍ଡରଧାରୀ ଅଧିକ ଅର୍ଥ ନେଇ ଅନୁକମ୍ପା ଦେଖାଉଛନ୍ତି। ଫଳରେ ଛୋଟ ଛୋଟ କ୍ରଶର ବନ୍ଦ ହେବାକୁ ଯାଉଛି। ଏଥିରେ କାର୍ଯ୍ୟରତ ଶ୍ରମିକ ମଧ୍ୟ ରୋଜଗାର ହରାଇ କାମ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି।

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ତହସିଲରେ ଥିବା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ୭୩ ଟି ଖଣିରୁ ୪୨ ମୁଣ୍ଡିଆ କିଛି ମାସ ତଳେ ନିଲାମ ହୋଇଥିଲା। ତେବେ ନିଲାମଧାରୀ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ କାଗଜାତ ନ ଧରି, ମୁଣ୍ଡିଆ ଖନନ ପାଇଁ ଅନୁମତି ନ ଥାଇ ଟେଣ୍ଡର ପରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ଚାଲିଥିଲେ। ଅଭିଯୋଗ, ପ୍ରତିବାଦ, ବିକ୍ଷୋଭ, ଧାରଣା, ପିଆଇଏଲ ପରେ ବି ମିଳି ନ ଥିଲା ସୁଫଳ। ମୋଟା ଅଙ୍କର ଲାଞ୍ଚ କାରବାର କରାଯାଇ ଜଗନ୍ନାଥ ମହାପ୍ରଭୁଙ୍କ ମୁଣ୍ଡିଆକୁ ବେଆଇନ ଭାବେ ଲୁଟ୍ ଚାଲିଥିଲା। ଅଭିଯୋଗ କଲେ ମାଡ ମାରି, ବୋମା ପକାଇ, ଆକ୍ରମଣ କରି, ଟଙ୍କା ଦିଆଯାଇ ମୁହଁ ବନ୍ଦ କରି ଦିଆଯାଉଥିଲା। ପ୍ରତ୍ୟହ କମ୍ପ୍ରେସର ଓ ଡିନାମାଇଟ ସାହାଯ୍ୟରେ ବିସ୍ଫୋରକ ଜିଲୋଟିନ୍ ଦେଇ ବିସ୍ଫୋରଣ କରାଯାଉଥିଲା। ପ୍ରଭାବରେ ଆଖପାଖ ଜନବସତିରେ ବ୍ଲାଷ୍ଟିଂ ସମୟରେ କୃତ୍ରିମ ମୃଦୁ ଭୂମିକମ୍ପ ହେଉଥିଲା। ଏସ୍‌ଟିଏଫ୍‌ର ଘନଘନ ଚଢାଉ ବେଆଇନ ଖଣି ଖନନକୁ ରୋକ୍ ଲଗାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜୁନ୍‌ରେ ପ୍ରଶାସନ ପକ୍ଷରୁ ୬ଟି ଖଣି ତରବରିଆ କ୍ୱାରି ଲିଜ୍ ଦେବା ପ୍ରଶାସନର କାର୍ଯ୍ୟ ସନ୍ଦେହ ଘେରକୁ ଆଣିଥିଲା। ଖୋର୍ଦ୍ଧା ସବ୍‌ଡିଭିଜନରେ କିଆଝରୀରେ ଗୋଳାପୁଟଖିଆ (କ) ବିଲ୍ଡିଂ ଷ୍ଟୋନ କ୍ୱାରି, ହନୁମନ୍ତିଆ ବିଲ୍ଡିଂ ଷ୍ଟୋନ କ୍ୱାରି ମଳିପଡା, କାଇପଦରର ଧନିଆ (ଇ) ବିଲ୍ଡିଂ ଷ୍ଟୋନ କ୍ୱାରି, ଧନିଆ(ଏଫ) ବିଲ୍ଡିଂ ଷ୍ଟୋନ କ୍ୱାରି ଓ ନିଉ ବିଲ୍ଡିଂ ଷ୍ଟୋନ କ୍ୱାରି (କ) ଆଣ୍ଡ (ଖ) ଏବଂ ନିଜିଗଡ ଟାପଙ୍ଗର ହାତିଆ (ଘ) ବିଲ୍ଡିଂ ଷ୍ଟୋନ କ୍ୱାରି ପ୍ରମୁଖ ୬ଟି ଖଣି କାର୍ଯ୍ୟାଦେଶ (ୱାର୍କ ଅର୍ଡର) ପାଇଥିଲା। ପରେ ୱାଇ ଫର୍ମ ପାଇବା ପରେ ଖଣି ଖନନ ଓ ପଥର ଚିଫସ୍ ବିକ୍ରି ଆରମ୍ଭ କରିଥିଲେ। ୱାର୍କ ଅର୍ଡରଧାରୀ ଜୁନ ଓ ଜଲାଇରେ ମାସକୁ ଦେଢ଼ ଶହ ଟ୍ରିପ ପଥର ବିକ୍ରି କରିଥିଲେ। ମାତ୍ର ୩୦୦ ଟ୍ରିପ ଚିଫସ୍ ପଥର ବିକ୍ରି କରିଥାନ୍ତେ। ଏଭଳିସ୍ଥଳେ କ୍ୱାରି ଜୁନ୍ ଆରମ୍ଭରୁ କାର୍ଯ୍ୟାଦେଶ ପାଇ ନ ଥିଲେ। ପୁଣି ଜୁଲାଇ ଶେଷ ହୋଇନି। ତେବେ ଟାପଙ୍ଗ ଅଞ୍ଚଳର ଗୋଟିଏ ଲେଖାଏ ମେଗା କ୍ରଶରରେ ୧ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ ଚିଫସ୍ ଗଚ୍ଛିତ ରହିଛି। ଯାହାକି ଟାପଙ୍ଗ ଅଞ୍ଚଳର ହାତିଆ (ଘ) ବିଲ୍ଡିଂ ଷ୍ଟୋନ କ୍ୱାରି ଓ ସ୍ଥାନୀୟ ମେଗା କ୍ରଶରର ଲୁଟ୍‌କୁ ପଦାରେ ପକାଇଛି। ଅନ୍ୟପକ୍ଷେ କେତେ ୱାଇ ଫର୍ମ ବ୍ୟବହାର ହୋଇଛି କ୍ୱାରି କି ମେଗା କ୍ରଶର ଦେଖାଇ ନ ପାରିବା ସେମାନଙ୍କର ଚଞ୍ଚକତା କାର୍ଯ୍ୟକୁ ପଦାରେ ପକାଇଛି।



ମେଗା କ୍ରଶର ୟୁନିଟରେ ଅଧିକ ପରିମାଣର ରଖାଯାଇଥିବା ଚିଫ୍‌ସ ।

- ■ କ୍ରଶରରେ ୧ ହଜାର ଟ୍ରିପ ଚିଫସ୍ ମହଜୁଦ୍ ପରେ ଚୋରି ସନ୍ଦେହ
- ■ ଛୋଟ କ୍ରଶରକୁ ଅଣଦେଖା, ମେଗାଙ୍କୁ ଅନୁକମ୍ପା
- ■ ଯାଞ୍ଚ ନ କରି ହାତଗୁଞ୍ଜା ନେଇ ପ୍ରଶାସନ ନୀରବ

## ବାହୁଡିଲେ ଅନନ୍ତ ପୁରୁଷୋତ୍ତମ ଦେବ

**ଖୋର୍ଦ୍ଧା ଅଫିସ, ୧୨।୭**

ରଥ, ପଥ ଆଉ ଶ୍ରୀଜୀଉ ସମସ୍ତେ ଏକାକାର। ସବୁଠି ହରିବୋଲ, ଘଣ୍ଟ, ଶଙ୍ଖଧ୍ୱନି, ହୁଳହୁଳି, ସଂକୀର୍ତ୍ତନର ଆସର। ଏମିତି ଭାବ ଭକ୍ତିମୟ ପରିବେଶରେ ଚତୁର୍ଦ୍ଧାମୂର୍ତ୍ତି ଛାଡିଛନ୍ତି ଗୁଣ୍ଡିଚା ଘର। ଖୋର୍ଦ୍ଧା ଜିଲାରେ ଶୁକ୍ରବାର ପୂର୍ବାହ୍ନରୁ ଚଳଚଞ୍ଚଳ ହୋଇ ଉଠିଥିଲା। ବାହୁଡା ଅବସରରେ ଖୋର୍ଦ୍ଧା ନିକଟସ୍ଥ ଜାଗୁଲେଇପାଟଣା ଶ୍ରୀଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ମାଉସୀ ଘରେ ୯ ଦିନ ବିତାଇବା ପରେ ଗୋଟିଏ ରଥରେ ବସି ହଜାର ହଜାର ଭକ୍ତଙ୍କ ଗହଣରେ ରବିବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶନିବାର ଠାକୁରଙ୍କ ସୁନାବେଶ ରଥରେ ଅନୁଷ୍ଠିତ ହେବ।

ଅନନ୍ତ ପୁରୁଷୋତ୍ତମ ଅଟନ୍ତି ପୂର୍ଣ୍ଣ ବିଗ୍ରହ। ମାଦଳ ନୁହେଁ ହାତଗୋଡ ଥିବା ତିନି ଠାକୁର, ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ତେଣୁ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ଗୁଣ୍ଡିଚା ଓ ବାହୁଡା ଯାତ୍ରା ରାଜ୍ୟରେ ଗୁରୁତ୍ୱ ବହନ କରି ଆସୁଛି। ଶୁକ୍ରବାର ପ୍ରାତଃରେ ଠାକୁର ମଙ୍ଗଳ ଆଳତି ଓ ପରେ ପହଡ ଖୋଲା ହୋଇ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବସ୍ତ୍ର, ଫୁଲ ଓ ଚନ୍ଦନ ଲାଗି କରାଯାଇଥିଲା। ବାଲ୍ୟ ଭୋଗରେ ଫଳମୂଳ ପୂଜା କରାଯାଇ ଶିଙ୍ଗାର ଆଳତି ହୋଇଥିଲା। ଅପରାହ୍ନ ସାଢ଼େ ୨ଟାରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇଥିଲା। ସୁନ୍ଦର ଫୁଲ ଟାହିଆରେ ସୁସଜ୍ଜିତ ହୋଇ ପ୍ରଥମେ ବଳଭଦ୍ର ପରେ ସୁଭଦ୍ରା ଓ ଶେଷରେ ଜଗତର ଜଗନ୍ନାଥ ପହଣ୍ଡି ହୋଇ ରଥାରୂଢ ହୋଇଥିଲେ। ତିନି ଠାକୁର ରଥାରୂଢ ହେବା ପରେ ଭୁବନେଶ୍ୱର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଅପରାହ୍ନ ୪ଟାରେ ଛେରାପହଁରା କରିଥିଲେ। ପରେ ରଥରେ ପାର୍ଶ୍ୱଦେବତା ଓ ଅଶ୍ୱ ଖଞ୍ଜା ଯାଇଥିଲା। ତିନିଠାକୁରଙ୍କୁ ନୂତନ ବସ୍ତ୍ର ଲାଗି କରାଯାଇ ସୁଗନ୍ଧିତ ଫୁଲ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ହଜାର ହଜାର ଭକ୍ତ ରଥାରୂଢ ତିନିଠାକୁରଙ୍କୁ ଦର୍ଶନ କରିଥିଲେ। ବର୍ଷାଯୋଗୁ ବିଳମ୍ବରେ ଅପରାହ୍ନ ୪. ୫୫ରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ରଥକୁ ଟାଣି ନେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ।

## ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ଭୂମି ପୂଜନ

**ଜଟଣୀ,୧୨।୭(ଡି.ଏନ.ଏ.):** ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆଉ ଏକ ମହୋତ୍ସବ ଆୟୋଜନ ହେବ। କଳିଙ୍ଗ ୟୁଥ୍ ଫୋରମ୍ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ପାଇଁ ଶୁକ୍ରବାର ଭୂମିପୂଜା କରାଯାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ମହୋତ୍ସବ ପରିସରରେ ମିନାବଜାର, ଅପେରା ସମେତ ଦୈନିକ ପାରମ୍ପରିକ ନୃତ୍ୟଗୀତ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ଆୟୋଜକ ଫୋରମ୍‌ର ସଭାପତି ମନୋରଞ୍ଜନ ମାର୍ଥା, ସମ୍ପାଦକ ପଦ୍ମଚରଣ ପ୍ରଧାନ, ଆବାହକ ସୀତାକାନ୍ତ ନାୟକ, ମନୋଜ ଦଳେଇ ଓ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା



ବୋଲଗଡରେ ରଥାରୂଢ ଠାକୁରଙ୍କୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି ।



କୃଷ୍ଣପ୍ରସାଦରେ ଅନୁଷ୍ଠିତ ବାହୁଡା ଯାତ୍ରା ।

**ବୋଲଗଡ଼,୧୨।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକରେ ଶୁକ୍ରବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ନନ୍ଦିଘୋଷ ଭବନସ୍ଥିତ ମାଉସୀ ମା' ମନ୍ଦିରରୁ ଶ୍ରୀଜୀଉଙ୍କ ବିଗ୍ରହଙ୍କୁ ରଥକୁ ପହଣ୍ଡି ବିଜେ କରାଯାଇଥିଲା। ଅପରାହ୍ନ ୨ଟାରେ ଛେରାପହଁରା କରାଯାଇଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ରଥରେ ବିଜେ କରି ମନ୍ଦିର ନିକଟସ୍ଥ ସ୍ଥାନୀୟ ବଜାରରେ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ଭକ୍ତି ଓ ବିଶ୍ୱାସର ସହ ଦର୍ଶନ କରିଥିଲେ। ଶନିବାର ମହାପ୍ରଭୁଙ୍କୁ ସୁନାବେଶ ସଜ୍ଜିତ କରାଯିବାର ସମସ୍ତ ଆୟୋଜନ ଚାଲିଥିବା ସୂଚନା ମିଳିଛି। ସେହିପରି ସାନକୁମାରୀ, ଚମ୍ପାଇଲୋ, ସାଗର ଗାଁ, ଖଉରୁଣୀଠାରେ ମଧ୍ୟ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି।

**କୃଷ୍ଣପ୍ରସାଦ**–ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ ପାରିକୁଦଗଡ଼ଠାରେ ଅନୁଷ୍ଠିତ ବାହୁଡ଼ାଯାତ୍ରାରେ ପାରିକୁଦ ରାଜ ପୁରୋହିତ କମଳ ଚନ୍ଦ୍ର ଦେବତା ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା । ଶନିବାର ବଡ ଏକାଦଶୀ ଓ ସୁନାବେଶ ଲାଗି ରଥଯାତ୍ରା ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ନୀଳକଣ୍ଠ ତ୍ରିପାଠୀ, ବାଉରିବନ୍ଧୁ ଦଳେଇ, ଦୁର୍ଯ୍ୟୋଧନ ନାୟକ, ଅଶୋକ କୁମାର ପଣ୍ଡା, ସୁଶାନ୍ତ କୁମାର ଭାରିମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସେହିଭଳି ତିତିପ ପଞ୍ଚାୟତସ୍ଥ ଦେଉଳପଡ଼ାଠାରେ ସ୍ୱର୍ଗତ ସନାତନ ଦାସଙ୍କ ନେତୃତ୍ୱରେ ୭ ବର୍ଷ ଧରି ଅନୁଷ୍ଠିତ ଉତ୍ସବରେ ବଡ଼ପଣ୍ଡା ଜଗନ୍ନାଥ ଦାଶ, ବାବୁଲି ଦାଶ, ବଳରାମ ଦାଶ, ଲୋଚନ ଦାଶ, ମନୋଜ ମହାପାତ୍ର ଓ କାଲୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ■ ଉଚ୍ଛେଦ ହେବ ଜବରଦଖଲ
# ଘରେ ଝୁଲିଲା ଉପଜିଲାପାଳଙ୍କ ନୋଟିସ୍

**ଖୋର୍ଦ୍ଧା ଅଫିସ,୧୨।୭**

ନିଶା ସୌଦାଗର ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରର ସୁଧାଂଶୁ ପରିଡା ଓରଫ ଛୋଟା କୋର୍ଟରେ ଆତ୍ମସମର୍ପଣ କରି ଜେଲ ଯିବା ପରେ ତାଙ୍କ ଅପରାଧର ସାମ୍ରାଜ୍ୟ ଭୁଶୁଡିବା ଆରମ୍ଭ ହୋଇଛି। ଜବରଦଖଲ ଉଚ୍ଛେଦ ପାଇଁ ଛୋଟାର ଘର ସମ୍ମୁଖରେ ଗୁରୁବାର ଖୋର୍ଦ୍ଧା ଉପଜିଲାପାଳଙ୍କ ନୋଟିସ୍‌କୁ ରାଜସ୍ୱ ବିଭାଗ ଝୁଲାଇଛି। ସୋମବାର ଛୋଟାଙ୍କ ବେଆଇନ ନିଶାର ସାମ୍ରାଜ୍ୟ ଭାଙ୍ଗିବାର ରହିଛି। ତେବେ ସମ୍ପୃକ୍ତ ଘରକୁ ନ ଭାଙ୍ଗିବା ପାଇଁ ଛୋଟା ଖୋର୍ଦ୍ଧା ତହସିଲ ଯଖାରସିଂ ମୌଜାର ଗୁରୁଜଙ୍ଗସ୍ଥିତ ଖାତା ନଂ. ୬୭୪, ପ୍ଲଟ ୮୯୮ ରେ ୪୦୦ ଡେସିମିଲ ଜମି ଜବରଦଖଲ କରି ରଖିଛନ୍ତି। ଏଠାରେ ଛୋଟା ବ୍ରାଉନସୁଗାରର ଅବାଧ କାରବାର କରୁଥିଲା। ଏହି ଘରକୁ ଦୁଇଜଣ ଚପରାଶି ଜଗି ରହିଛନ୍ତି। କେତେଗୋଟି କୁକୁର ଘର ଜଗିବାରେ ନିୟୋଜିତ ରହିଛନ୍ତି। ଶୁକ୍ରବାର ଖୋର୍ଦ୍ଧା ତହସିଲଦାର ଓ ଖୋର୍ଦ୍ଧା ଆରଆଇ ସମ୍ପୃକ୍ତ ଘର ସମ୍ମୁଖରେ ଯାଇ ତଦନ୍ତ କରି ଫେରିଛନ୍ତି। ଅନ୍ୟପକ୍ଷେ ନୟାଗଡ ଟାଉନ ଥାନାର ୨୧(ଏ) ଏନଡିପିସି ଆକ୍ଟ ଦଫା ୧୨୦/୧୧।୮।୨୦୧୮ରେ ଏକ ମକଦ୍ଦମା ରହିଛି। ଏଥିରେ ଛୋଟାଙ୍କ ସମ୍ପୃକ୍ତି ରହିଥିବା ଜଣାପଡିଛି। ଏଣୁ ନୟାଗଡ ଟାଉନ ଥାନା ପୋଲିସ ଛୋଟାଙ୍କୁ ରିମାଣ୍ଡରେ ନେବାକୁ ଯୋଜନା କରୁଥିବା ଜଣାପଡିଛି।



ଛୋଟାଙ୍କର ସରକାରୀ ଜାଗାରେ ଥିବା ଘର ।

### ଚର୍ଚ୍ଚାରେ ପୋଲିସ ଅଫିସର

ଛୋଟାଙ୍କ ବ୍ରାଉନସୁଗାର କାରବାରକୁ ବଢାଇବା ପାଇଁ ଖୋର୍ଦ୍ଧାରେ ଜଣେ ପୋଲିସ ଅଫିସର ସହଯୋଗର ହାତ ବଢ଼ାଇଥିଲେ। ଜଣେ ଖବରଦାତାଙ୍କ ମଧ୍ୟସ୍ଥିରେ ଛୋଟା ସମ୍ପର୍କ ବଢାଇ ଥିଲେ। ତଳୁ ଉପରସ୍ତର ପର୍ଯ୍ୟନ୍ତ ହାତଗୁଞ୍ଜା କାରବାର ଚାଲିଥିଲା। ସମ୍ପୃକ୍ତ ପୋଲିସ ଅଫିସରଙ୍କ ସମୟରେ ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢି ଚାଲିଥିଲା। ପ୍ରତିବଦଳରେ ମାସକୁ ମାସ ମୋଟା ଅଙ୍କର ହାତଗୁଞ୍ଜା ନେବା ସହ ଏକ ୪ ଚକିଆ ଗାଡି ବାବଦକୁ ଟଙ୍କା ଉପହାର ନେଇ ପରେ କିଣିଥିଲେ। ଏପରିକି ଛୋଟାଙ୍କ ପରିବା ଦୋକାନରୁ ପ୍ରତିଦିନ ମାଗଣା ପରିବା ଘରକୁ ଓ ପୋଲିସ ମେସକୁ ଯିବାର ବ୍ୟବସ୍ଥା ହୋଇଥିଲା, ଯାହାକି ତଦନ୍ତସାପେକ୍ଷେ। ଏହି ପୋଲିସ ଅଫିସର କିଏ। ସେ ନେଇ ଖୋର୍ଦ୍ଧା ସହରରେ ଚର୍ଚ୍ଚା ଲାଗି ରହିଛି।

- ■ ଭାଙ୍ଗିବ ଛୋଟାର ବେଆଇନ ନିଶା ଆଡ୍ଡା
- ■ ରିମାଣ୍ଡରେ ନେବ ନୟାଗଡ ପୋଲିସ

### ଆପଣମାନେ ଖୁସୀ ତ

ମୁଁ ବ୍ରାଉନସୁଗାର (ପାଉ) ବିକୁଛି ଆପଣମାନେ ଖୁସୀ ତ। ଏକଥା ଛୋଟା ନିଜ ଘର କାନ୍ଥରେ ଲେଖି ପ୍ରଶ୍ନ କରିଛନ୍ତି ଖୋର୍ଦ୍ଧାବାସୀଙ୍କୁ। ଆପଣମାନେ ଖୁସୀ ତ ପାଖରେ ଶଙ୍ଖ ଚିହ୍ନ କରି ସରକାରୀ ଜମିକୁ ମାଡି ବସିଛନ୍ତି। ସେହି ଘରେ ଆଡ୍ଡା ଜମାଇ ଅବାଧରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲେ। ଶାସକ ଦଳରେ ଛୋଟାଙ୍କ କୁଆଡେ ଦବଦବା ଥିଲା ବୋଲି ଆଲୋଚନା ହେଉଛି। ଏଥିରେ କେତେ ସତ୍ୟାସତ୍ୟ ତାହା ତଦନ୍ତ ସାପେକ୍ଷ। ଛୋଟାଙ୍କ ଘର ସମ୍ମୁଖରେ ହୋଇଥିବା ଲେଖାକୁ ମଧ୍ୟ କେହି ବିରୋଧ କରିଥିବାର ନଜିର ନାହିଁ। ପ୍ରଶାସନ ଘର ଭାଙ୍ଗିବା ପରେ ଖୁସି କି ନାହିଁ ତାହା ଜଣାପଡିବ।

## ୧୫ରୁ ଓଟିଇଟି ଫର୍ମ ପୂରଣ

**କଟକ ଅଫିସ,୧୨।୭:** ୧୫ତାରିଖରୁ ଆରମ୍ଭ ହେବ ଓଡ଼ିଶା ଟିଚର୍ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଅନ୍‌ଲାଇନରେ ଫର୍ମପୂରଣ। ଉକ୍ତଦିନ ପୂର୍ବାହ୍ନ ୧୦ଟାରୁ ଆସନ୍ତା ୨୬ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍‌ରେ ଫର୍ମପୂରଣ ଲିଙ୍କ୍ ଉପଲବ୍ଧ ରହିବ। ଫର୍ମପୂରଣ ନିମନ୍ତେ ଦେୟ ଅନ୍‌ଲାଇନ ମାଧ୍ୟମରେ କରାଯିବ। ଜୁଲାଇ ୨୯ ଅପରାହ୍ନ ୪ଟା ସୁଦ୍ଧା ଦେୟ ପ୍ରଦାନ କରିବାର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ୨୦୧୮ ଓଟିଇଟି ପରୀକ୍ଷାରେ ଯେଉଁମାନେ ବୋର୍ଡ ପକ୍ଷରୁ ରୋଲ୍ ନମ୍ବର ପାଇଛନ୍ତି ସେମାନେ ବିନା ଦେୟରେ ଫର୍ମପୂରଣ କରିପାରିବେ।

### ନାବାଳିକା ଛାତ୍ରୀ ବଳାତ୍କାର ଘଟଣା

# ମୁଣ୍ଡରୁ ଦୋଷ ଛଡାଇଲେ ମନ୍ତ୍ରୀ

- ଛାତ୍ରୀନିବାସ ନୁହେଁ, ପଡ଼ୋଶୀଙ୍କ ଦ୍ୱାରା ଗର୍ଭବତୀ ହୋଇଛନ୍ତି ଛାତ୍ରୀ
- ଥାନାରୁ ମାମଲା ରଫାଦଫା କରି ଦେଉଛନ୍ତି ପିପି: କଂଗ୍ରେସ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ସରକାରୀ ସ୍କୁଲ ଛାତ୍ରୀ ନିବାସରେ ଯେଉଁ ନାବାଳିକା ଗର୍ଭବତୀ ହୋଇଛନ୍ତି , ସେଭଳି ଘଟଣା ଛାତ୍ରୀ ନିବାସରେ ହୋଇନାହିଁ। ଛୁଟିରେ ଗାଁକୁ ଯିବା ବେଳେ ଏସବୁ ଘଟଣା ଘଟିଛି। ଏମିତି କହି ଏସସି/ଏସଟି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛନ୍ତି। ନାବାଳିକା ବଳାତ୍କାର ଘଟଣା ଉପରେ ଶୁକ୍ରବାର ବିଧାନସଭାରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତିଯେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଅନୁଯାୟୀ ଗ୍ରୀଷ୍ମଛୁଟିରେ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାରୁ ୪ଜଣ ଛାତ୍ରୀ ଗର୍ଭବତୀ ଥିବା ସନ୍ଦେହ କରାଯାଇଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀମାନଙ୍କର ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ ହସ୍ପିଟାଲରେ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ବ୍ୟତୀତ ୩ ଜଣଙ୍କ ନେଗେଟିଭ ବାହାରିଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀଙ୍କୁ ଆବଶ୍ୟକ କାଉନସେଲିଂ କରାଯାଇ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇଥିଲା। ଏହାଛଡ଼ା ଛାତ୍ରୀଙ୍କ ଅଭିଭାବକଙ୍କୁ ଡକାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଉକ୍ତ ଘଟଣା ସମ୍ପର୍କରେ ମଧ୍ୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ ଗ୍ରୀଷ୍ମଛୁଟିରେ ସମ୍ପୃକ୍ତ ଛାତ୍ରୀ ତାଙ୍କ ନିଜ ଘରକୁ ଯାଇଥିଲେ। ସେହିସମୟରେ ଛାତ୍ରୀଙ୍କ ପଡ଼ୋଶୀ ଭାବେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ଘରକୁ ବାରମ୍ବାର ଯିବା ଆସିବା କରିଥିଲେ। ଏହି ସମୟରେ ଉକ୍ତ ବ୍ୟକ୍ତି ତାଙ୍କ ନିଜ ଘରେ ଛାତ୍ରୀଙ୍କ ସହ ସମ୍ପର୍କ ରଖିଥିଲେ। ୨୦୧୯ ଜୁଲାଇ ୨ ତାରିଖରେ ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟ ପକ୍ଷରେ ମନ୍ତ୍ରୀ କହିଛନ୍ତି ଯେ ୨୦୧୯ ଜାନୁୟାରୀ ଏବଂ ଫେବୃୟାରୀରେ ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ୨ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିଲେ। ଏହାକୁ ପୋଲିସ ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଛାତ୍ରୀମାନେ ଛୁଟିରେ ନିଜ ଘରକୁ ଯାଇଥିବା ସମୟରେ ଏଭଳି ଅଶୋଭନୀୟ ପରିସ୍ଥିତିର ଶିକାର ହୋଇଥିଲେ। ଏସବୁ ଘଟଣା ଛାତ୍ରୀମାନେ ଛୁଟିରେ ନିଜ ଗ୍ରାମରେ ଥିବା ବେଳେ ଘଟିଛି ବୋଲି ମନ୍ତ୍ରୀ ସଫେଇ ଦେଇଛନ୍ତି। ସମସ୍ତ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ଆଇନ ଅନୁଯାୟୀ ମାମଲା ଦାଏର କରାଯାଇଛି।

ରାଜ୍ୟରେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସରକାରୀ ଛାତ୍ରୀନିବାସରେ ରହୁଥିବା ଆଦିବାସୀ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି। ଖୋଦ୍ ଭୁବନେଶ୍ୱରର ଏକ ଛାତ୍ରୀନିବାସରେ ନାବାଳିକାଙ୍କୁ ବଳାତ୍କାର କରିବା ନେଇ ଚଳିତ ବିଧାନସଭାର ପ୍ରଥମ ଅଧିବେଶନରେ ବିରୋଧୀ ଦଳ ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ଏହି ଘଟଣାର ତଦନ୍ତ କରିବା ସହ ଗୃହରେ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ବିବୃତି ଦେବା ଲାଗି ସେମାନେ ଦାବି କରିଥିଲେ। ଏହାକୁ ନେଇ କଂଗ୍ରେସ ଦଳ ସଦସ୍ୟମାନେ ବିଧାନସଭାକୁ ଅଚଳ କରିଥିଲେ। ବାଧ ହୋଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭାଗ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀଙ୍କ ବିବୃତିକୁ ନେଇ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ସମୟରେ ଅନୁସୂଚୀତ ଜନଜାତି ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ସେମାନଙ୍କୁ ଆଇନ ସହାୟତା ଯୋଗାଇ ଦିଆଯାଉ ନାହିଁ। ବହୁ ସଂଖ୍ୟାରେ ସରକାରୀ ଓକିଲ (ପିପି) ଓ ସହକାରୀ ସରକାରୀ ଓକିଲ(ଏପିପି) ପଦବୀ ଖାଲି ପଡ଼ିଛି। ରାଜ୍ୟରେ ୬/୭ ଜଣ ମହିଳା ଦୈନିକ ବଳାତ୍କାର ଶିକାର ହେଉଛନ୍ତି। ରଥ ଯାତ୍ରାରେ ୧୦ ହଜାର ପୋଲିସ ନିୟୋଜିତ ହୋଇ ମଧ୍ୟ ବସ ଭିତରେ ନାବାଳିକା ବଳାତ୍କାର ହେଲେ। ନ୍ୟାୟ ପ୍ରଦାନରେ ବିଳମ୍ବ ହେବା ଏବଂ ଦଣ୍ଡ ନ ମିଳିବାରୁ ଅଭିଯୁକ୍ତମାନେ ଆରାମରେ ବୁଲୁଛନ୍ତି। ପିପି ଓ ଏପିପି ପଦ ପୂରଣ କରିବା ପାଇଁ ନରସିଂହ ଦାବି କରିଛନ୍ତି। କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଛନ୍ତି ଯେ ବିଜେଡିର ପିପି ଥାନାରେ ବସୁଛନ୍ତି। ଯାହା ମାମଲା ଥାନାକୁ ଆସୁଛି ସେଠାରେ ସେମାନେ ରଫାଦାଫା କରି ଦେଉଛନ୍ତି। ଥାନା ଅଧିକାରୀ ଓ ପିପି ଅଧା ଅଧା ବାଣ୍ଟି ନେଇ ଯାଉଛନ୍ତି । ଏହାଦ୍ୱାରା ଆଦିବାସୀ ନାବାଳିକାଙ୍କୁ ନ୍ୟାୟ ମିଳିବ କେମିତି ବୋଲି ପ୍ରଶ୍ନ କରିଥିଲେ।

### ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ

# ୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ

**କଟକ ଅଫିସ, ୧୨।୭:** ବହୁ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଜଷ୍ଟିସ ଏମ୍.ଏମ୍. ଦାସ କମିଶନ ତାଙ୍କ ସପ୍ତମ ଅନ୍ତରୀଣ ରିପୋର୍ଟ ଶୁକ୍ରବାର ଗୃହ ବିଭାଗ ନିକଟରେ ଦାଖଲ କରିଛନ୍ତି। କମିଶନଙ୍କ ସଚିବ ଦେବରାଜ ରାଉତଙ୍କ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି। ସପ୍ତମ ଅନ୍ତରୀଣ ରିପୋର୍ଟରେ ୧ ଲକ୍ଷ ୩୬ହଜାର ୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ଏଥିରେ ବେସିଲ ଇଣ୍ଟରନ୍ୟାଶନାଲ ଲିମିଟେଡ୍ କମ୍ପାନୀର ୧୯,୮୯୨ ଜଣ, କଲିକତାର ୱେର ଇଣ୍ଡଷ୍ଟ୍ରିଜର ୩୩୮୦୦, ଗ୍ରୀନରେ ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ୮୯୦୪ ଓ ରୋଜଭ୍ୟାଲି ଗ୍ରୁପ ଅଫ କମ୍ପାନୀର ୮୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଅଦ୍ୟାବଧି ୭ଟି ପର୍ଯ୍ୟାୟ ରିପୋର୍ଟରେ କମିଶନଙ୍କ ପକ୍ଷରୁ ମୋଟ ୪ ଲକ୍ଷ ୯୭ହଜାର ୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ୪୨୧ଟି ଚିଟଫଣ୍ଡ କମ୍ପାନୀକୁ ଚିହ୍ନଟ କରାଯାଇଥିବାବେଳେ ୧୯୮୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସରକାରଙ୍କ ପକ୍ଷରୁ ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ନିମନ୍ତେ ୨୦୧୩ ଜୁଲାଇ ୯ରେ କମିଶନ ଗଠନ କରାଯାଇଥିଲା। ଫେବୃୟାରୀରେ କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ଦାଖଲ କରାଯାଇଥିଲା।










## ଧାନର ଅଭାବୀ ବିକ୍ରି: ପଦକ୍ଷେପ ନେବାକୁ ସମବାୟ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ)**

ଧାନ ରଖିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନାହିଁ। ଚାଷୀଙ୍କଠାରୁ ସରକାର ଧାନ କିଣୁ ନ ଥିବାରୁ ଅବସ୍ଥା ସାଂଘାତିକ ହେଲାଣି। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୋନପୁର ଆଦି ଜିଲାରେ ଧାନ ବିକ୍ରି ନ ହୋଇ ଗଜା ହୋଇଗଲାଣି। ସରକାର ତୁରନ୍ତ ଧାନ କିଣିବାକୁ ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଦାବି କରିଛନ୍ତି।

ଶୂନ୍ୟକାଳରେ ଧାନର ଅଭାବୀ ବିକ୍ରିକୁ ନେଇ ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ମିଲର ଓ ଅଫିସରମାନଙ୍କ ସହ ବିଧାୟକମାନେ ମିଶିଯାଉଥିବା ଚାଷୀ ଅଭିଯୋଗ କଲେଣି। ଆମେ ଜନପ୍ରତିନିଧି ଚାଷୀମାନଙ୍କ ସମସ୍ୟା ସମାଧାନ କରିପାରୁ ନାହୁଁ। କୁଇଣ୍ଟାଲ ପିଛା ୪ରୁ ୧୧ କେଜି ଧାନ କଟାଯାଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫ ଟଙ୍କିଆ ଆହାର ଖାଇବାକୁ ଦେଇଦେଲେ ରାଜ୍ୟର ଉନ୍ନତି ହେବ ନାହିଁ। ଚାଷୀଙ୍କ ସମସ୍ୟା ବୁଝିବାକୁ ହେବ। ସେମାନଙ୍କ ଧାନ କିପରି ବିକ୍ରି ହେବ ସେ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଅନୁରୋଧ କରିଥିଲେ।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଧାନର ଅଭାବୀ ବିକ୍ରିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ବର୍ଷା ଯୋଗୁ ଧାନ ବେରଙ୍ଗ ହେବା ସହିତ ଆର୍ଦ୍ରତା ବଢ଼ିଗଲାଣି। ତୁରନ୍ତ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀଙ୍କଠାରୁ ଧାନ କିଣନ୍ତୁ। ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଥିଲେ ଯେ, ଗତବର୍ଷରୁ ଧାନ ବିକିଥିବା ଭଦ୍ରକ ଜିଲାର ଚାଷୀମାନେ ଏ ପର୍ଯ୍ୟନ୍ତ ଟଙ୍କା ପାଇନାହାନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ଦରକାର। ବିରୋଧୀ ଦଳ ନେତାଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ପାତ୍ର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସମବାୟ ବିଭାଗ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।




## ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଅସୁସ୍ଥ

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ):** ବିଜେଡିର ବରିଷ୍ଠ ନେତା ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଅସୁସ୍ଥ ହୋଇପଡ଼ିଛନ୍ତି। ଶୁକ୍ରବାର ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୫ ଦିନ ହେବ ସେ ନିମୋନିଆରେ ପୀଡ଼ିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ବୋଲି ତାଙ୍କ ପରିବାର ସଦସ୍ୟଙ୍କଠାରୁ ଜଣାପଡ଼ିଛି। ତାଙ୍କୁ ହସ୍ପିଟାଲ ଆଇସିୟୁର ଆଇସୋଲେଶନ ୟୁନିଟ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ଜଣାପଡ଼ିଛି।





ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ




ଅସ୍ତରଙ୍ଗର ବନ୍ତିଳୋରେ ଅନୁଷ୍ଠିତ ବାହୁଡ଼ା ଯାତ୍ରା।


ଅର୍କକ୍ଷେତ୍ର କୋଣାର୍କରେ ଅନୁଷ୍ଠିତ ବାହୁଡ଼ା ଯାତ୍ରା।


ପିପିଲିର ପତିତପାବନ ଠାକୁରଙ୍କ ଯାତ୍ରା।


ସାକ୍ଷୀଗୋପାଳର ଶିଶୁ ବଳରାମ।


ଗୋପ ନୟାହାଟ ଅଞ୍ଚଳର ବାହୁଡା ଯାତ୍ରା।

# ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତ ଭାବବିହ୍ୱଳିତ

**ପୁରୀ ଅଫିସ, ୧୨।୭ : ନବଦିନର ଲୀଳା ସମାପ୍ତ କରି ଶ୍ରୀମନ୍ଦିରକୁ ବାହୁଡିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ବାହୁଡ଼ା ଯାତ୍ରା ଲାଗି ଶ୍ରୀକ୍ଷେତ୍ରରେ ଲାଗି ରହିଥିଲା ପ୍ରବଳ ଭିଡ଼। ପ୍ରବଳ ଜନସମାଗମ ମଧ୍ୟରେ ଭକ୍ତ ଓ ଭଗବାନ ଏକାକାର ହୋଇଯାଇଥିଲେ। ବାହୁଡା ଦର୍ଶନ ଲାଗି ଦେଶ ବିଦେଶରୁ ଛୁଟିଆସିଥିଲେ ଭକ୍ତ। ମହାପ୍ରଭୁଙ୍କୁ ପାଖରେ ପାଇ ଭକ୍ତଙ୍କ ଭାବନାର ଉପସ୍ଥାପନା...**



"ଗତ ୧୦ ବର୍ଷ ହେବ ମୁଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥ ଉପରେ ଦର୍ଶନ କରିବାକୁ ପୁରୀ ଯାଉଛି। ଯେତେ ଅସୁବିଧା ହେଉ ପଛେ ମୁଁ ରଥଯାତ୍ରାରେ ମହାପ୍ରଭୁମାନଙ୍କୁ ନ ଦେଖିଲେ ମୋତେ ସାରାବର୍ଷ ଭଲ ଲାଗେନାହିଁ। ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଙ୍କ କରୁଣା ମୋତେ ଶ୍ରୀକ୍ଷେତ୍ରକୁ ଟାଣିନିଏ। ଯେତେ ବାଧାବିଘ୍ନ ଆସୁ ପଛେ ମୁଁ ଖାତିର କରେନାହିଁ। ଘରେ କୁହନ୍ତି, ଏତେଗୁଡ଼ା ବାଟ ଯିବାରେ ସମସ୍ୟା ହେବ। କିନ୍ତୁ କାଳିଆର ଡୋରି ଶ୍ରୀକ୍ଷେତ୍ରକୁ ଟାଣିଆଣେ।

-ଅନନ୍ତ ଓଝା, କେନ୍ଦ୍ରାପଡା



"ଗୁଣ୍ଡିଚା ଯାତ୍ରାରେ ଆଗରୁ ଆସିଥିଲି। ବାହୁଡା ଯାତ୍ରାରେ ପ୍ରଥମଥର ଆସିଛି। କାଳିଆର ପ୍ରେମ ନିଆରା। ତା' ପ୍ରେମରେ ଯିଏ ଥରେ ପଡିଛି ସିଏ କେବେହେଲେ ତାକୁ ଛାଡି ରହିପାରିବ ନାହିଁ। ପ୍ରଥମଥର ଠାକୁରଙ୍କ ପହଣ୍ଡି ସମୟର ଅପୂର୍ବ ଦୃଶ୍ୟ ଦେଖି ନେତ୍ର ଧନ୍ୟ ହୋଇଗଲା।

-ରୁନିତା ବେହେରା, ଛତ୍ରପୁର



"ସେ ଭାବର ଠାକୁର। ଭକ୍ତଙ୍କୁ ଦର୍ଶନ ଦେବା ଲାଗି ରତ୍ନବେଦିରୁ ଓହ୍ଲାଇ ଆସିଛନ୍ତି। ରଥାରୂଢ଼ ହୋଇ ଲକ୍ଷାଧିକ ଭକ୍ତଙ୍କ ଗହଣରେ ଜନ୍ମବେଦିର ଲୀଳା ସାରି ପୁଣି ବାହୁଡାରେ ଶ୍ରୀମନ୍ଦିରକୁ ଫେରିଯାନ୍ତି। ସେ ଲୀଳାମୟ ଠାକୁର, ମାନବୀୟ ଲୀଳା କରୁଛନ୍ତି। ଶ୍ରୀକ୍ଷେତ୍ରର ରଥ, ପଥ ସବୁ ଜଗନ୍ନାଥମୟ ହୋଇଯାଏ। ଶରଧାବାଲିରେ ମହାପ୍ରଭୁଙ୍କ ସ୍ପର୍ଶ ବାଜି ଏହାର ରେଣୁ ପବିତ୍ର ହୋଇଯାଏ। ଅପୂର୍ବ ଦୃଶ୍ୟ। ଏହାର କୌଣସି ପଟାନ୍ତର ନାହିଁ। ଏ ଦୃଶ୍ୟ ଅବର୍ଣ୍ଣନୀୟ।

-ଅଗ୍ନିହୋତ୍ରୀ ଭୈରବାନନ୍ଦ ସରସ୍ୱତୀ



"ଗତ ୫ବର୍ଷ ଧରି ରଥଯାତ୍ରାକୁ ଆସୁଛି। ରଥଯାତ୍ରାକୁ ନ ଆସିଲେ ମୁଁ ବାହୁଡାକୁ ନିଶ୍ଚିତ ଭାବେ ଆସେ। ସୁନାବେଶ ଦର୍ଶନ ସହ ଘରକୁ ଫେରିଥାଏ। ରଥଯାତ୍ରା ଏବଂ ବାହୁଡା ଯାତ୍ରାରେ ଶ୍ରୀଜୀଉଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ରହିଥାଏ। ମୁଁ ଏହି ସମୟକୁ କେବେ ହାତଛଡ଼ା କରି ନ ଥାଏ। କାଳିଆର ପ୍ରେମରେ ପଡ଼ିଛି। ତାଙ୍କୁ ମନଭରି ନ ଦେଖିଲେ ଅବସୋସ ରହିଯାଏ। ଘଣ୍ଟା ଘଣ୍ଟା ଧରି ତାଙ୍କ ଶ୍ରୀମୁଖକୁ ଦେଖିବାକୁ ଭଲ ଲାଗେ।

-ଶାନ୍ତିଲତା ପ୍ରଧାନ, ଚୌଦ୍ୱାର



"ବର୍ଷ ତମାମ୍ ରତ୍ନବେଦିରେ ମହାପ୍ରଭୁଙ୍କ ଦର୍ଶନ କଲେ ମଧ ଗୁଣ୍ଡିଚା ଦର୍ଶନରେ ଆନନ୍ଦ ରହିଥାଏ। କେବଳ ଏହି ସ୍ଥାନରେ ମହାପ୍ରଭୁଙ୍କ ଖୋଲା ଦର୍ଶନ ମିଳେ। ନବଦିନାତ୍ମକ ଯାତ୍ରା ସାରି ଶୁକ୍ରବାର ତିନିଠାକୁର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ମୁଁ ରଥଯାତ୍ରାକୁ ନ ଆସିପାରିଲେ, ନବମୀ ଦର୍ଶନ, ବାହୁଡା ଏବଂ ସୁନାବେଶକୁ ହାତଛଡ଼ା କରି ନ ଥାଏ। ଏହି ଦର୍ଶନ ଭାଗ୍ୟରେ ଥିଲେ ମିଳେ। ମୁଁ ସବୁ କାମ ଛାଡ଼ି ଶ୍ରୀକ୍ଷେତ୍ରକୁ ଚାଲିଆସେ।

-ସୁରେଶ ରାଉତ, ଢେଙ୍କାନାଳ



"ବାହୁଡ଼ାରେ ମହାପ୍ରଭୁ ବାହୁଡ଼ିଯାନ୍ତି। ଆମେ ମଧ ମହାପ୍ରଭୁଙ୍କ ଦର୍ଶନ ପରେ ଘରକୁ ବାହୁଡ଼ି ଯାଉ। ଗତ ୭ ବର୍ଷ ହେବ କେବଳ ମହାପ୍ରଭୁଙ୍କ ବାହୁଡା ଦର୍ଶନ ଲାଗି ଆସୁଛି। ଶରଧାବାଲିରେ ମହାପ୍ରଭୁଙ୍କ ସ୍ପର୍ଶକୁ ଅନୁଭବ କରିଛି। ଠାକୁରଙ୍କ ଶ୍ରୀଅଙ୍ଗ ସ୍ପର୍ଶ ପାଇ ଶରଧାବାଲିର ରେଣୁ ରେଣୁ ଧନ୍ୟ ହୋଇଯାଇଥାଏ। ଏହି ଧୂଳି ମଥାରେ ଦେଲେ ମହାଆନନ୍ଦ ମିଳେ। ଏହି ଧୂଳି ଟିକକ ଲାଗି ଏତେଦୂରରୁ ଧାଇଁ ଆସିଛି।

-ତୁଳସୀ ସ୍ୱାଇଁ, ଝାରସୁଗୁଡ଼ା

## ପଞ୍ଜାବ କେଶରୀଙ୍କ ପଶ୍ଚିମଦ୍ୱାର ଶିଳାଲିପି

**ଐତିହ୍ୟ ପୃଷ୍ଠାରୁ...**

ପଞ୍ଜାବ କେଶରୀ ରଣଜିତ ସିଂହ ଥିଲେ ପରମଯୋଦ୍ଧା ଓ ପରାକ୍ରମଶାଳୀ ରାଜା। ଶିଖ ସମ୍ପ୍ରଦାୟରେ ସମସ୍ତେ ତାଙ୍କୁ ଆଦରର ସହିତ ସମ୍ମାନ କରୁଥିଲେ। ପ୍ରଜାନୁରାଗୀ ରାଜା ହିସାବରେ ତାଙ୍କର ଖୁବ୍ ନାଁ ଥିଲା। ଇଂରେଜମାନେ କଳେ-ବଳେ-କୌଶଳେ ତାଙ୍କୁ ସିଂହାସନରୁ ହଟାଇବା ପାଇଁ ଚକ୍ରାନ୍ତ ଆରମ୍ଭ କରିଦେଇଥିଲେ। ଲର୍ଡ ଡେଲହାଉସିଙ୍କ ଇଂରେଜ ସେନା ଶତଦ୍ରୁ ନଦୀକୂଳରେ ସମରସଜ୍ଜା କରିବା ପରେ ପ୍ରବଳ ଯୁଦ୍ଧ ହୋଇଥିଲା। ଏହା ଶିଖ୍ ସମର ବା ଶିଖ୍ ଯୁଦ୍ଧ ନାମରେ ଜଣାଶୁଣା। ଏହି ଯୁଦ୍ଧରେ ପଞ୍ଜାବ କେଶରୀଙ୍କ ସେନାବହିନୀ ହାରିଯିବାରୁ ଶେଷରେ ଏକ ସନ୍ଧି ହୋଇଥିଲା। ଲର୍ଡ ମିଣ୍ଟୋ ଚୁକ୍ତି ନାମରେ ଏହି ସନ୍ଧି ପ୍ରସିଦ୍ଧ।

ସନ୍ଧି ପରେ ପଞ୍ଜାବ କେଶରୀ ଶ୍ରୀଜଗନ୍ନାଥ ଧାମକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଧାମକୁ ଆସି ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱରେ ରାଜ କର୍ମଚାରୀମାନଙ୍କ ସହିତ ଡେରା ପକାଇଥିଲେ। ଐତିହ୍ୟ ଅଛି ସେହି ସ୍ଥାନରେ ପରବର୍ତ୍ତୀ କାଳରେ ପଞ୍ଜାବୀ ମଠ ଗଢି ଉଠିଥିଲା। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ମାନସିକସ୍ତରରେ ତାଙ୍କର ଅଦ୍ଭୁତ ପରିବର୍ତ୍ତନ ହୋଇଥିଲା। ଦିନେ ଶ୍ରୀମନ୍ଦିର ପରିକ୍ରମା ବେଳେ ଦେଖିଲେ ପଶ୍ଚିମଦ୍ୱାର ଗୁମୁଟଟି ଅର୍ଦ୍ଧଭଗ୍ନ ହୋଇ ରହିଛି। ସଜାଡ଼ି ଦେବାକୁ ମନସ୍ଥ କଲେ। ସମସ୍ତଙ୍କ ସହଯୋଗ ଲୋଡିଲେ। ସ୍ଥାନୀୟ ପଥର ଶିଳ୍ପୀମାନଙ୍କ ସହିତ ବିଚାର ବିମର୍ଶ କରି ନିର୍ମାଣ କରାଇ ଦେଇଥିଲେ। ସେ ସ୍ମୃତିରେ ଗୁମୁଟ କାନ୍ଥରେ ଏକ ଶିଳା ଲିପି ଥିବାର ଦେଖାଯାଏ। ସେଥିରେ ଲେଖାଯାଇଛି-

**ଶ୍ରୀରାମଜୀ**

**ତେରୋପନ୍ଥ ସୁଧି ମାଫିକ୍ ସନ ୧୨୧୯ ସମ୍ବତସ୍ୟ ଶ୍ରୀମଦ୍ ଶ୍ରୀଜଗନ୍ନାଥସ୍ୱାମୀକା ମହାରାଜ ରଣଜିତ ସିଂ ବାହାଦୂରକା ନିଦ୍ରାରିକେତ ସ୍ମାରକ ଜଗଦ୍ଦୀଶ ରାମ ରୂପସ୍ୟ ପଶ୍ଚିମଦ୍ୱାର କେ ବନବାଚା।**

ଧାମରୁ ଫେରିଯିବା ପରେ ଶ୍ରୀଜଗଦୀଶଙ୍କୁ ସେ ଆଉ ପାସୋରି ପାରିଲେ ନାହିଁ। ଭକ୍ତିରେ ସେ ବିଭୋର ହୋଇରହିଲେ। ଦିନେ କ'ଣ ଭାବିଲେ କେଜାଣି ରାଜ ସଭାରେ ଘୋଷଣା କଲେ-ଆମ ସାମ୍ରାଜ୍ୟର ଶ୍ରେଷ୍ଠ ସମ୍ପଦ କୋହିନୂର-ଇ-ହୀରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାନ କରାଗଲା। ହୀରା ପୁରୀରେ ପହଞ୍ଚିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଯୁବରାଜ ହୀରା ଦାନ ହୋଇଥିବା କଥା ଜାଣିଥିଲେ, ମାତ୍ର ଇଂରେଜମାନେ ଚକ୍ରାନ୍ତ କରି ରାଜସିଂହାସନ ନିଷ୍କଣ୍ଟକ ଭାବରେ ଭୋଗ କରିବାକୁ ଯୁବରାଜଙ୍କୁ ପ୍ରଲୋଭନ ଦେଖାଇ ହୀରା ସହ ତାଙ୍କୁ ବିଲାତ ନେଇଯାଇଥିଲେ। ସେଇଠି ହୀରା ହସ୍ତାନ୍ତର ହୋଇଗଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଶୋଭାପାଇବାକୁ ଥିବା ହୀରା ଶେଷରେ ରାଣୀ ଭିକ୍ଟୋରିଆଙ୍କ ମୁକୁଟରେ ସ୍ଥାନ ପାଇଗଲା।

-ଡ. ସୁରେନ୍ଦ୍ର କୁମାର ମିଶ୍ର

## ଶୟନ ଗଲେ ହରି ଆରମ୍ଭ ହେଲା ଅଶୁଭ କାଳ

ପୁରୀ ଅଫିସ, ୧୨।୭:

ହରିଶୟନ ଏକାଦଶୀ ଦିନଠାରୁ ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ଶୁକ୍ରବାର ଥିଲା ହରିଶୟନ ଏକାଦଶୀ। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନୀ, ସାଧୁସନ୍ଥ, ମହାପୁରୁଷ ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚର୍ତୁମାସ୍ୟା ବ୍ରତ ପାଳନ କରନ୍ତି। ଏଥିସହ ପଠନ ଓ ପାଠନରେ ସମୟ ବିତାଇଥାନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି। ଜ୍ୟୋତିଷ ଶାସ୍ତ୍ର ମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ କୌଣସି ଶୁଭ କାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହୁଏ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ଭାଦ୍ରବ ମାସ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ଼ ଲେଉଟାଇ ଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥାନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ କୁହାଯାଏ ବୋଲି ଡ. ମିଶ୍ର କହିଛନ୍ତି।

## ବଡ଼ଦାଣ୍ଡରେ ଆକର୍ଷଣ ସାଜିଲେ ବିଭିନ୍ନ ବେଶଧାରୀ

ପୁରୀ ଅଫିସ, ୧୨।୭ :

ବାହୁଡା ଯାତ୍ରାରେ କାଳିଆ ସାଆନ୍ତ ଭାଇଭଉଣୀଙ୍କୁ ସାଙ୍ଗରେ ଘେନି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ପବିତ୍ର ଯାତ୍ରା ଲାଗି ଲୋକାରଣ୍ୟ ହୋଇଉଠିଥିଲା ବଡଦାଣ୍ଡ। ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ରଥ ସମ୍ମୁଖରେ ବିଭିନ୍ନ ବେଶଧାରୀମାନେ ନୃତ୍ୟ ପରିବେଶଣ କରି ଶ୍ରଦ୍ଧାଳୁମାନଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲେ।

**ଶ୍ରୀକୃଷ୍ଣବେଶଧାରୀ ପ୍ରଦୀପ**

ବ୍ରହ୍ମପୁର ଗୋସାଇଁ ନୂଆଗାଁ ଗୋକୁଳଧାମରେ ସେବାୟତ ଭାବେ କାର୍ଯ୍ୟରତ ଯୁବ କୃଷ୍ଣପ୍ରେମୀ ପ୍ରଦୀପ ପାତ୍ର। ଶରଧାବାଲିରେ ତିନି ରଥ ଆଗରେ କୃଷ୍ଣବେଶ ଧାରଣ କରିଥିବାରୁ ପ୍ରଦୀପ ବେଶ୍ ବାରି ହୋଇପଡୁଥିଲେ। କିଏ ତାଙ୍କ ସହିତ ସେଲଫି ନେଉଥିଲା ତ, ଆଉ କିଏ ହାତ ଯୋଡି ପ୍ରଣାମ କରୁଥିଲା। ପିଲାବେଳୁ ଏକ ଆଧାତ୍ମିକ ପରିବେଶରେ ବଢିଥିବା ପ୍ରଦୀପ ଗତ ୮ବର୍ଷ ହେବ ବାହୁଡାରେ ପୁରୀ ଆସୁଛନ୍ତି। ସେ କୁହନ୍ତି, ମହାପ୍ରଭୁଙ୍କୁ ପ୍ରଥମ କରି ଦର୍ଶନ କରିବା ପରେ ତାଙ୍କ ମୋହରେ ପଡିଯାଇଥିଲି। ଏଠାରେ ଅପୂର୍ବ ଆନନ୍ଦ ମିଳେ। ଲୀଳାମୟ ଠାକୁରଙ୍କ ଡୋରି ମୋତେ ଏଠାକୁ ଟାଣିଆଣିଥାଏ।


କୁନି ନୃତ୍ୟଶିଳ୍ପୀ ଅଭିଲିପ୍‌ସା ଦୁର୍ଗାମେଢ଼ ଧାରଣ କରି ନୃତ୍ୟ ପରିବେଷଣ କରୁଛନ୍ତି।

**ଆକର୍ଷଣ ସାଜିଲେ କୁନି ଦୁର୍ଗା**

ମହାପ୍ରଭୁଙ୍କ ପହଣ୍ଡି ସମୟରେ ବହୁ ଓଡ଼ିଶୀ ନୃତ୍ୟଶିଳ୍ପୀ ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ। ଏମାନଙ୍କ ମଧ୍ୟରେ ଆକର୍ଷଣ ସାଜିଥିଲେ ଶ୍ରୀମନ୍ଦିର ସେବାୟତ ରାମକୃଷ୍ଣଙ୍କ ୫ବର୍ଷର କୁନି ଝିଅ ଅଭିଲିପ୍ସା। କୁନି କାନ୍ଧରେ ସାହିଯାତର ପାରମ୍ପରିକ ଦୁର୍ଗାମେଢ଼ ଧାରଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଦୁର୍ଗା ରୂପରେ ଅଭିଲିପ୍ସାଙ୍କ ନୃତ୍ୟାଭିନୟ ଅଗଣିତ ଭକ୍ତଙ୍କୁ ଆକର୍ଷିତ କରିଥିଲା। ଶରଧାବାଲିରେ ତାଙ୍କ ନୃତ୍ୟାଭିନୟ କୋଟି କୋଟି ଭକ୍ତଙ୍କୁ ବିମୋହିତ କରିଥିଲା।

## ରଥ ଉପରକୁ ଚଢ଼ିବାକୁ ୨ ଅଣସେବକଙ୍କ ଉଦ୍ୟମ

ପୁରୀ ଅଫିସ, ୧୨।୭:

ସିଂହଦ୍ୱାରରେ ତିନିରଥ ଲାଗିବା ପରେ ୨ ଜଣ ଅଣସେବକ ରଥ ଉପରକୁ ଚଢିବାକୁ ଉଦ୍ୟମ କରୁଥିଲେ। ସେବକମାନେ ଚିହ୍ନି ବାରଣ କରିବାରୁ ସେମାନେ ରଥ ଉପରକୁ ଯାଇପାରି ନ ଥିଲେ। ସୂଚନା ମୁତାବକ, ଜଣେ ଅଣଓଡ଼ିଆ ଦେବୀ ସୁଭଦ୍ରାଙ୍କ ରଥ ଉପରକୁ ଉଠିବା ପାଇଁ ଚାରମାଳ ଉପରକୁ ଚଢୁଥିଲେ। ଜଣେ ସେବକ ତାଙ୍କୁ ଚିହ୍ନି ବାରଣ କରିଥିଲେ। ସେହିପରି ଅନ୍ୟଜଣେ ବ୍ୟକ୍ତି ଶ୍ରୀମନ୍ଦିରର ପାସ୍ ନେଇ ନନ୍ଦିଘୋଷ ରଥ ଉପରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ସେ ଚାରମାଳ ଚଢୁଥିବାବେଳେ ତାଙ୍କୁ ବାରଣ କରାଯାଇଥିଲା ଏବଂ ତାଙ୍କଠାରୁ ପାସ୍ ଜବତ କରାଯାଇଥିଲା। ଉଭୟଙ୍କୁ ତାଗିଦ କରାଯାଇ ଛାଡିଦିଆଯାଇଥିବା ଜଣାପଡିଛି।

## ଭଜନ ସମାରୋହ

ପୁରୀ ଅଫିସ,୧୨।୭:

ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦ ପକ୍ଷରୁ ଶୁକ୍ରବାର ଭକ୍ତ ସାଲବେଗ ସ୍ମୃତୀ ପୀଠ ପରିସରରେ ବାହୁଡ଼ା ଯାତ୍ରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିହାରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

■ ସାଇଡ୍ ନ ଦେବାରୁ ବରଯାତ୍ରୀଙ୍କୁ ଆକ୍ରମଣ

## ବରଙ୍କୁ ଅପହରଣ କରି ଜେଲ୍ ଗଲେ ପୂର୍ବତନ ସରପଞ୍ଚ

ଡେଲାଙ୍ଗ, ୧୨।୭(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ପୂର୍ବତନ ସରପଞ୍ଚ ବିବାହ ପାଇଁ ଆସୁଥିବା ଜଣେ ବରକୁ ଅପହରଣ କରି ଜେଲ୍ ଯାଇଛନ୍ତି। ସେ ହେଲେ ଜେନାପୁର ପଞ୍ଚାୟତର ହାକପଡ଼ା ଗ୍ରାମର ପ୍ରତାପ ସ୍ୱାଇଁ। ମିଳିଥିବା ସୂଚନା ପ୍ରକାରେ, ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଚିତ୍ତଳପୁର ଗ୍ରାମରେ ଗୁରୁବାର ରାତିରେ ଏକ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଏହି ସମୟରେ ପ୍ରତାପ ଗାଡ଼ିରେ ସେହି ରାସ୍ତା ଦେଇ ଯାଉଥିଲେ। ମାତ୍ର ତାଙ୍କ ଗାଡ଼ିକୁ ସାଇଡ୍ ନ ଦେବାରୁ ସେ ଉତ୍କ୍ଷିପ୍ତ ହୋଇ ବରଯାତ୍ରୀମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ସେ କେତେଜଣ ବରଯାତ୍ରୀଙ୍କୁ ମଧ ଆକ୍ରମଣ କରିଥିଲେ। ଏହାସହ ବର ସମେତ ୫ଜଣ ବରଯାତ୍ରୀଙ୍କ ନିଜ ଫାର୍ମହାଉସକୁ ନେଇ ଅଟକ ରଖିଥିଲେ। ଶୁକ୍ରବାର ପର୍ଯ୍ୟନ୍ତ ପ୍ରତାପ ସେମାନଙ୍କୁ ନ ଛାଡିବାରୁ ବରଙ୍କ ପିତା ପୋଲିସକୁ ଫୋନ କରି ଏ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଡେଲାଙ୍ଗ ଥାନାଧିକାରୀ ସଦଳବଳେ ପହଞ୍ଚି ପ୍ରତାପଙ୍କ ଫାର୍ମହାଉସରୁ ସେମାନଙ୍କୁ ଉଦ୍ଧାର କରିଥିଲା। ବର ପିତାଙ୍କ ଅଭିଯୋଗକ୍ରମେ ଡେଲାଙ୍ଗ ଥାନାରେ ୧୨୯/୧୯ରେ ଏକ ମାମଲା ରୁଜୁ କରି ପ୍ରତାପଙ୍କୁ ଗିରଫ କରିଛି। ତାଙ୍କ ଫାର୍ମହାଉସରୁ ପୋଲିସ ୨ଟି ଖଣ୍ଡା, ଫାର୍ସି ଭଳି ମାରଣାସ୍ତ୍ର ଜବତ କରିଛି। ପ୍ରତାପଙ୍କୁ ପୋଲିସ ପିପିଲି କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଜେଲ୍ ହାଜତକୁ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସୁରକ୍ଷିତ କୋଠାରେ ଅସୁରକ୍ଷିତ ଦର୍ଶନ



ପୁରୀ ଅଫିସ, ୧୨।୭:

ରଥଯାତ୍ରା ସମୟରେ ଯେପରି କୌଣସି ପ୍ରକାର ଅଘଟଣ ନ ଘଟିବ ତା ଉପରେ ଗୁରୁତ୍ୱାରୋପ କରିଥିଲା ଜିଲା ପ୍ରଶାସନ। କୌଣସି ଶ୍ରଦ୍ଧାଳୁ କିମ୍ବା ଯାତ୍ରୀ ଯେପରି ଅସୁରକ୍ଷିତ କୋଠାରେ ନ ରୁହନ୍ତି ସେ ନେଇ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇ ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ୧୩ଟି ଅସୁରକ୍ଷିତ କୋଠା ଚିହ୍ନଟ ପରେ ତାକୁ ସିଲ୍ କରାଯାଇଛି। ହେଲେ ଶୁକ୍ରବାର ଠାକୁରଙ୍କ ବାହୁଡା ପହଣ୍ଡି ଦେଖିବା ପାଇଁ ସୁରକ୍ଷିତ କୋଠାରେ କିନ୍ତୁ ଅସୁରକ୍ଷିତ ଭାବେ ଭକ୍ତମାନେ ଦର୍ଶନ କରିଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଏକ ମଠ କୋଠାରେ ଉପରେ ଶହ ଶହ ସଂଖ୍ୟାରେ ଲୋକ ଛିଡା ହୋଇ ବିପଦପୂର୍ଣ୍ଣ ଭାବେ ବାହୁଡା ପହଣ୍ଡି ଦେଖୁଥିଲେ। ତେବେ ସମ୍ପୃକ୍ତ ମଠ କୋଠା ଛାତରେ କୌଣସି ବାଡା ନ ଥିବା ବେଳେ ଶହ ଶହ ଲୋକ ଛାତ ଉପରେ ଗୋଡ ତଳକୁ ଝୁଲାଇ ବସିଥିଲେ। ଏମିତି କି ଛାତ କଡ଼ରେ ଠିଆ ହୋଇ କେହି କେହି ବିପଦପୂର୍ଣ୍ଣ ଭାବେ ମୋବାଇଲରେ ଫଟୋ ମଧ ଉଠାଉଥିଲେ।

## ଛିଣ୍ଡାଇନେଲେ ମହାପ୍ରଭୁଙ୍କ ଟାହିଆ

ପୁରୀ ଅଫିସ, ୧୨।୭:

ଦର୍ଶନାର୍ଥୀମାନଙ୍କୁ ପହଣ୍ଡି ସମୟରେ ଟାହିଆମଣ୍ଡିତ ଠାକୁରମାନଙ୍କ ଅପୂର୍ବ ଦର୍ଶନ ଯେପରି ମିଳିବ, ସେଥିପ୍ରତି ଦଇତାପତି ସେବକମାନେ ଟାହିଆଗୁଡ଼ିକର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ। ଆରକ୍ଷୀ ବାହିନୀ ମଧ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ। ଚତୁର୍ଦ୍ଧା ବିଗ୍ରହ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆଗୁଡ଼ିକୁ ସମ୍ମାନର ସହିତ ଖୋଲାଯିବ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି। ତେବେ ବାହୁଡା ଯାତ୍ରା ପାଇଁ ସବୁ ଠିକ୍‌ଠାକ୍ ଥିଲା। ପ୍ରଶାସନ ସହଯୋଗରେ ନୀତିକାନ୍ତି ଓ ପହଣ୍ଡି ସଅଳ କଲେ ସେବାୟତ। ବଡ଼ଠାକୁର ବଳଭଦ୍ର ରଥାରୂଢ ହେବା ପର୍ଯ୍ୟନ୍ତ ଶ୍ରୀମସ୍ତକରେ ଟାହିଆ ଶୋଭା ପାଉଥିଲା। ପହଣ୍ଡି ସମୟରେ ଦୋଳାୟମାନ ଟାହିଆକୁ ଦେଖି ବେଶ୍ ଆନନ୍ଦିତ ହେଉଥିଲେ ଭକ୍ତ। ରୁନ୍ଧା ଯିବା ପୂର୍ବରୁ ବଡ଼ଠାକୁରଙ୍କ ଟାହିଆକୁ ଅକ୍ଷତ ଅବସ୍ଥାରେ ଖୋଲାଯାଇଥିଲା। ଏହାପରେ ପହଣ୍ଡିରେ ହଲି ଦୋହଲି ଆସିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ରଥାରୂଢ ହେବା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ମସ୍ତକରେ ଟାହିଆ ସେମିତି ଅକ୍ଷତ ରହିଥିଲା। ହେଲେ ରୁନ୍ଧା ହେବା ପୂର୍ବରୁ କେତେଜଣ ଦଇତା ସେବକ ନିଜକୁ ଆୟତ୍ତ କରିପାରି ନ ଥିଲେ। ମନେପଡିଯାଇଥିଲା ସେମାନଙ୍କ ପୁରୁଣା ସ୍ୱଭାବ। ବ୍ୟବସ୍ଥାବଳୀକୁ ମଧ ଭୁଲିଗଲେ। ରଥ ଉପରେ ଶ୍ରୀମସ୍ତକରୁ ଟାହିଆ ଖୋଲାଯିବା ସମୟରେ ପ୍ରାୟ ଠିକ୍ ଥିଲା। କିନ୍ତୁ ପଛକୁ ନେଇ ପୁଣି ବୁଲାଇ ଆଣି ରଥର ବାମପାର୍ଶ୍ୱରେ ରଖିବା ପରେ ଟାହିଆର ରୂପ ବଦଳି ଯାଇଥିଲା। କେତେଜଣ ସେବକ ବାରଣ କରୁଥିଲେ ମଧ ତାଙ୍କ କଥା କେହି ଶୁଣି ନ ଥିଲେ। କ୍ୟାମେରା ସମ୍ମୁଖରୁ ଟାହିଆକୁ ରଥ ପଛପାର୍ଶ୍ୱକୁ


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ରହିଥିବା ଅଧାଛିଣ୍ଡା ଟାହିଆ ।(ବୃତ୍ତ ଚିହ୍ନିତ)

ନେଇଯାଇଥିଲେ। କିଛି ସମୟ ପରେ କେବଳ ଟାହିଆରେ ଲାଗିଥିବା ବାଉଁଶ ପାତିଆ ହିଁ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଭକ୍ତଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ସେହିପରି ଠାକୁରମାନେ ରଥାରୂଢ଼ ହେବାପରେ କେତେକ

■ ବ୍ୟବସ୍ଥାବଳୀକୁ ଭୁଲିଗଲେ
■ ଠାକୁରଙ୍କ ଆଗରେ ବସିଲେ

ବରିଷ୍ଠ ସେବକ ଠାକୁରଙ୍କ ଆଗରେ ବସିଥିଲେ। ଆଉ କେତେକ ଶ୍ରୀବିଗ୍ରହଙ୍କ ଆଡ଼ କରି ଠିଆ ହୋଇ ରହିଥିଲେ। ଫଳରେ ଦର୍ଶନାର୍ଥୀମାନେ ଠିକ୍ ଭାବେ ଦର୍ଶନ କରିପାରୁ ନ ଥିଲେ, ଯାହାକି ଅନେକ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥିଲା। ସୂଚନାଥାଉ କି, ରଥଯାତ୍ରାରେ ଜଣେ ବରିଷ୍ଠ ଦଇତାପତି ସେବକ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜିତ ଶ୍ରୀ ସୁଦର୍ଶନଙ୍କୁ ଆଉଜି ବସିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାର ପ୍ରଭାବ ସେବକଙ୍କ ଉପରେ ପଡ଼ି ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି।